
ଆର୍ୟନଙ୍କ ମାଷ୍ଟର୍ ପ୍ଲାନ୍

▸ପୃଷ୍ଠା 9 ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-137 •THURSDAY •13 NOVEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୩୭ •ଗୁରୁବାର •୧୩ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


**୧୦/୧୧ ବିସ୍ଫୋରଣ**

# ୩୭ ଦିନର ଷଡ଼ଯନ୍ତ୍ର

## ବିବାହ କାର୍ଯ୍ୟକ୍ରମରେ ଗଠନ ହୋଇଥିଲା ଆତଙ୍କୀ ଗ୍ରୁପ୍





ଏଲ୍ଏନ୍ଜେପି ହସ୍ପିଟାଲ୍ରେ ଆହତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

■ **ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି):** ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ (୧୦/୧୧) ଘଟଣାକୁ 'ଆତଙ୍କୀ ଆକ୍ରମଣ' ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଏହି ଘଟଣା ପଛରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ)ର 'ନୂଆ ହ୍ୱାଇଟ କଲାର ଟେରର ମଡ୍ୟୁଲୋ'ର ପର୍ଦ୍ଦାଫାସ ହୋଇଛି। ଏହି ମଡ୍ୟୁଲ୍ରେ ପେଶାଦାର ଡାକ୍ତର ସାମିଲ ଥିବା ସହ ପାକିସ୍ତାନୀ ହ୍ୟାଣ୍ଡଲର୍ସ ସହ ଯୋଗାଯୋଗରେ ଥିଲେ। ହରିୟାଣାର ଫରିଦାବାଦ, ଜମ୍ମୁ-କଶ୍ମୀରର ପୁଲୱାମା ଏବଂ ଉତ୍ତର ପ୍ରଦେଶର ସହାରନପୁର ସହିତ ଅନେକ ଅଞ୍ଚଳରେ ଏହି ମଡ୍ୟୁଲ୍ କାମ କରୁଥିଲା।

- ଘଟଣା ସହ ଜଡ଼ିତ ଥିଲେ ପାକିସ୍ତାନୀ ହ୍ୟାଣ୍ଡଲର୍
- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା କମିଟି ବୈଠକ
- ଘଟଣାକୁ 'ଆତଙ୍କୀ ଆକ୍ରମଣ' ଘୋଷଣା କଲା କେନ୍ଦ୍ର

ଦିଲ୍ଲୀ ବିସ୍ଫୋରଣର ୩୭ ଦିନ ପୂର୍ବରୁ ଅକ୍ଟୋବର ୪ରେ ଏଥିସହିତ ସମ୍ପୃକ୍ତ ଗୋଷ୍ଠୀ ସକ୍ରିୟ ହୋଇଥିଲା। ସହାରନପୁରର ଏକ ବିବାହରେ ସବୁ ଆତଙ୍କୀଙ୍କ ଏକାତ୍ରିତ ହୋଇ ଏକ ଗ୍ରୁପ୍ ଆରମ୍ଭ କରିଥିଲେ। ଏହା ପରେ ସେନାକୁ ଧମକାଉଥିବା ପୋଷ୍ଟର, ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ପାଣ୍ଠି ସଂଗ୍ରହ ପାଇଁ ନେଟୱର୍କ ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ଥର ପାଇଁ ଅକ୍ଟୋବର ୧୯ରେ କଶ୍ମୀରରୁ ଜୈସର ପୋଷ୍ଟର ଦେଖିବାକୁ ମିଳିଥିଲା। ଏଥିରୁ କୌଣସି ମଡ୍ୟୁଲୋ ସକ୍ରିୟ ଥିବା ଜଣାପଡ଼ିଥିଲା। ଏହି ଆତଙ୍କବାଦୀଙ୍କ ନେଟୱର୍କରେ ମହିଳା ସଦସ୍ୟ ଡ. ସାହିନ ସୈୟିଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭାରତରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ମହିଳା ଶାଖାର ସେ ନେତୃତ୍ୱ ନେଉଥିଲା। ଜୈସର ମୁଖିଆ ମାସୁଦ ଆଝାରର ଭଉଣୀ ସାଦିଆ ଆଝାର ସହ ସାହିନ ଯୋଗାଯୋଗରେ ଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ ଅକ୍ଟୋବର ୪ରେ ସହାରନପୁରରେ ଡ. ଆଦିଲର ବିବାହ ଡ. ରୁକୈୟା ସହ ହେଉଥିବାବେଳେ ଏହି ମଡ୍ୟୁଲୋ ସକ୍ରିୟ ହୋଇଥିଲା। ଏହି ବିବାହରେ କିଛି ସ୍ୱତନ୍ତ୍ର ଅତିଥି ସାମିଲ ହୋଇଥିଲେ। ଏବେ ସୁରକ୍ଷା ଏଜେନ୍ସିଗୁଡ଼ିକ ସେମାନଙ୍କୁ ଚିହ୍ନଟ କରୁଛନ୍ତି। ବିବାହର ଦିନକ ପରେ ଏହି ମଡ୍ୟୁଲୋ କାମ ଆରମ୍ଭ କରିଦେଇଥିଲା। ଡ. ଆଦିଲ ଲଜିଷ୍ଟିକ ଏବଂ ଆର୍ଥିକ ଚ୍ୟାନେଲକୁ ସମ୍ଭାଳୁ ଥିଲା। ମେଡିକାଲ ପ୍ରଫେସନ ଆଳରେ ପାଣ୍ଠି ସଂଗ୍ରହ ଏବଂ ଯୋଗାଣ ଚ୍ୟାନେଲ ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ ଥିଲା।

ଅକ୍ଟୋବର ୧୯ରେ କଶ୍ମୀର ନୌଗାମ ଅଞ୍ଚଳରୁ ଜୈସ ପୋଷ୍ଟର ମିଳିବା ପରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା। ଏହାର କିଛି ଦିନ ପରେ ▸ପୃଷ୍ଠା-୭

## ଟାର୍ଗେଟ୍ ଥିଲା ଡିସେମ୍ବର ୬

ଦିଲ୍ଲୀ ବିସ୍ଫୋରଣ ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ବିସ୍ଫୋରକ ଭର୍ତ୍ତି କାର୍ ଚଲାଇ ନିଜକୁ ଲାଲକିଲ୍ଲା ନିକଟରେ ବିସ୍ଫୋରଣରେ ଉଡ଼ାଇ ଦେଇଥିବା ଡ. ଉମର ନବି ଲିଙ୍କ ଆଫଗାନିସ୍ତାନ ଏବଂ ତୁର୍କୀକୁ ଲମ୍ବିଛି। ସେହିପରି ସେ ଡିସେମ୍ବର ୬ରେ ସିରିଜ୍ ବିସ୍ଫୋରଣ କରିବାକୁ ଚାହୁଁଥିଲା; କାରଣ ଏହି ଦିନ ବାବ୍ରୀ ମସ୍ଜିଦ ଧ୍ୱଂସ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସେ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଥିଲା। କିନ୍ତୁ ୩ ଡାକ୍ତରଙ୍କ ସହ ବିସ୍ଫୋରକ ଜବତ ହେବା ପରେ ବିଚଳିତ ହୋଇ ସେ ଲାଲ୍କିଲ୍ଲାରେ ବିସ୍ଫୋରଣ ଘଟାଇଥିବା କୁହାଯାଉଛି।

**ବାହାରିଲା ତୁର୍କୀ, ଆଫଗାନିସ୍ତାନ ସହ ଉମର୍ର ଲିଙ୍କ୍**

ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ ଉମର୍ର ବିଦେଶୀ ଲିଙ୍କ୍ ସାମ୍ନାକୁ ଆସିଛି। ତୁର୍କୀ ଏବଂ ଆଫଗାନିସ୍ତାନର ନଙ୍ଗରହାରରେ ଥିବା ହ୍ୟାଣ୍ଡଲରଙ୍କ ସହ ନବି ଯୋଗାଯୋଗରେ ଥିଲା। ଡ. ମୁଜାମିଲ ଏବଂ ଡ. ଉମର୍ର ପାସପୋର୍ଟରୁ ଏହି ଦୁଇଜଣ ତୁର୍କୀ ଗସ୍ତ କରିଥିବାର ପ୍ରମାଣ ମିଳିଛି। ତୁର୍କୀ ଏବଂ ନଙ୍ଗରହାରରେ ବସିଥିବା ଆତଙ୍କବାଦୀଙ୍କ ସଙ୍କେତରେ ଏହି ଆକ୍ରମଣ ହୋଇଥିଲା ବୋଲି କୁହାଯାଉଛି। ଏହି ହ୍ୟାଣ୍ଡଲରମାନେ କ୍ରମାଗତ ଭାବେ ଉମର୍ ସହ ଯୋଗାଯୋଗରେ ଥିଲେ। ଏହି ଡାକ୍ତର ମଡ୍ୟୁଲୋ ବିଷୟରେ ଉଭୟେ ତାଙ୍କ ହ୍ୟାଣ୍ଡଲରଙ୍କୁ ସୂଚନା ଦେଉଥିଲେ। ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ହ୍ୟାଣ୍ଡଲର୍ମାନଙ୍କ ସହ ଯୋଗାଯୋଗ କରାଯାଉଥିଲା।

### ବିହାର ନିର୍ବାଚନ ଏକ୍ଜିଟ୍ ପୋଲ୍କୁ ନେଇ ସଂଶୟ

# ୭ ନିର୍ବାଚନ; ୬ଟିରେ ଆକଳନ ଭୁଲ୍

■ **ନୂଆଦିଲ୍ଲୀ, ୧୨।୧୧ (ସମିସ):** ଗତକାଲି ବିହାରରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ପ୍ରାୟ ସମସ୍ତ ଏକଜିଟ୍ ପୋଲ ଏନ୍ଡ଼ିଏ ସପକ୍ଷରେ ମତ ଦେଇଛନ୍ତି। ସମସ୍ତ ଏକ୍ଜିଟ୍ ପୋଲକୁ ନେଇ କରାଯାଇଥିବା ପୋଲ୍ ଅଫ୍ ଦି ପୋଲରେ ଏନ୍ଡ଼ିଏ ୧୪୮ ଓ ମହାଗଠବନ୍ଧନକୁ ୮୮ ଆସନ ମିଳିପାରେ ବୋଲି କୁହାଯାଇଛି। ଅନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଖାତାରେ ୭ଟି ଆସନ ପଡ଼ିପାରେ ବୋଲି ଏଥିରେ ଉଲ୍ଲେଖ ରହିଛି । ସେହିପରି ମୋଟ ଭୋଟର ସର୍ବାଧିକ ୪୩% ଏନ୍ଡ଼ିଏ ସପକ୍ଷରେ ଓ ୪୧% ମହାଗଠବନ୍ଧନ ସପକ୍ଷରେ ଆସିପାରେ ବୋଲି ଏଥିରେ କୁହାଯାଇଛି। ଯାହାକୁ ନେଇ ବିଜେପି ନେତୃତ୍ୱାଧୀନ ଏନ୍ଡ଼ିଏ ବେଶ୍ ଉତ୍ସାହିତ ହୋଇଥିବାବେଳେ ମହାଗଠନବନ୍ଧନ ଏହି ଏକ୍ଜିଟ୍ ପୋଲକୁ 'ଫେକ୍ଜିଟ୍ ପୋଲ୍' ବୋଲି ଅଭିହିତ କରିଛି। ମାତ୍ର ଏକଜିଟ୍ ପୋଲର ଇତିହାସ ଦେଖିଲେ ଗତ ୧୮ ମାସ ମଧ୍ୟରେ ଦେଶରେ ଅନୁଷ୍ଠିତ ୭ଟି ନିର୍ବାଚନ ମଧ୍ୟରୁ ୬ଟି ଭୁଲ ସାବ୍ୟସ୍ତ ହୋଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ବିହାରରେ ଗତ ୪ଟି ନିର୍ବାଚନରେ ଏକଜିଟ୍ ପୋଲ ମଧ୍ୟରୁ ୩ଟି ସମ୍ପୂର୍ଣ୍ଣ ଭୁଲ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୪ ତାରିଖରେ ଭୋଟଗଣନା ଉପରେ ସମସ୍ତଙ୍କର ନଜର ରହିଛି। ଯଦି ଏନ୍ଡିଏ ବିଜୟୀ ହୁଏ ନୀତିଶ ପୁନର୍ବାର ଅର୍ଥାତ୍ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇ ପାରନ୍ତି। ଏକ୍ଜିଟ୍ ପୋଲ ଆସିବା ପରେ ବିହାରରେ ଏବେ 'ପଚିଶ୍ ସେ ତିଶ୍, ଫିର ସେ ନୀତିଶ' ସ୍ଲୋଗାନ ▸ପୃଷ୍ଠା-୭



**ବିହାରରେ ୪ଟି ନିର୍ବାଚନରେ ସଠିକ ହୋଇନାହିଁ ଏକଜିଟ୍ ପୋଲ୍**

**ଏନ୍ଡିଏ ଜିତିଲେ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ନୀତିଶ କୁମାର!**

# ନୂଆପଡ଼ାରେ ରେକର୍ଡ ୮୩.୪୫% ମତଦାନ

■ **ଭୁବନେଶ୍ୱର, ୧୨।୧୧ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଐତିହାସିକ ୮୩.୪୫ ପ୍ରତିଶତ ମତଦାନ ହୋଇଛି। ଯାହା ପୂର୍ବ ନିର୍ବାଚନ ତୁଳନାରେ ପାଖାପାଖି ୧୦ ପ୍ରତିଶତ ଅଧିକ ଅଟେ। ବିଶେଷକରି ମହିଳା ମତଦାତାଙ୍କ ଅଂଶଗ୍ରହଣ ପୁରୁଷଙ୍କୁ ଅତିକ୍ରମ କରିଛି, ଯାହା ଏକ ସୁସ୍ଥ ସମାଜ ଓ ଉତ୍ତମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ମତଦାନ ଦିନ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଇଭିଏମ ସମ୍ପୂର୍ଣ୍ଣର୍ ସୁରକ୍ଷିତ ରହିଛି ବୋଲି କହିଛନ୍ତି।

**ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ: ସିଇଓ**

ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍ କହିଛନ୍ତି ଯେ ଦେଶର ଅନ୍ୟ ୮ଟି ବିଧାନସଭା ମଣ୍ଡଳୀରେ ସମାନ ସମୟରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା ବେଳେ ନୂଆପଡ଼ାରେ ଅନ୍ୟ ଉପନିର୍ବାଚନ ତୁଳନାରେ ସର୍ବାଧିକ ମତଦାନ ରେକର୍ଡ କରାଯାଇଛି। ଯାହା ଏଠାକାର ମତଦାତାମାନଙ୍କ ଲୋକତନ୍ତ୍ର ପ୍ରତି ଥିବା ଅହେତୁକ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣ କରୁଛି। ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳାଫଳ ପାଇଁ ଭୋଟ ଗଣନା ହେବ ଓ ଏଥିପାଇଁ ମତଗଣନା ଟେବୁଲ, ପର୍ଯ୍ୟବେକ୍ଷକ ନିଯୁକ୍ତି, ସିସିଟିଭି ନିରୀକ୍ଷଣର ବ୍ୟବସ୍ଥା ଓ ଷ୍ଟ୍ରଙ୍ଗରୁମର ପର୍ଯ୍ୟବେକ୍ଷଣ କରାଯାଇସାରିଛି । ସେହିପରି ମତଦାନ ବେଳେ ଆସିଥିବା ବିଭିନ୍ନ ଅଭିଯୋଗ ଉପରେ ମଧ ସେ ସ୍ୱଷ୍ଟୀକରଣ ରଖିଛନ୍ତି। କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧ ସିଙ୍ଗାରି ▸ପୃଷ୍ଠା-୭

**ଖସୁଛି ପାରଦ**

## ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ ଥଣ୍ଡା



■ **ଭୁବନେଶ୍ୱର, ୧୨।୧୧ (ସମିସ):** ତାପମାତ୍ରା ଖସୁଛି ଥଣ୍ଡା ବଢୁଛି। ସଞ୍ଜ ନଇଁଲେ ଆସୁଛି ଶୀତ। ରାତି ୧୦ ପରେ ସାରା ରାଜ୍ୟରେ ଆରମ୍ଭ ହୋଇଯାଉଛି ଶୀତର ପ୍ରଭାବ। ଅନେକ ସ୍ଥାନରେ ତାପମାତ୍ରା ତଳମୁହାଁ ହେତୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଏହି ଧାରା ଆହୁରି ପ୍ରାୟ ୬ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଅନେକ ସ୍ଥାନରେ ଶୀତ ଜାରିରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ଶୀତର ପ୍ରଭାବ ପ୍ରବଳ ଅନୁଭୂତ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀକୁ ଖସିଛି। ଦାରିଙ୍ଗବାଡ଼ିରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଜି.ଉଦୟଗିରିରେ ୮.୭ ଡିଗ୍ରୀ, ▸ପୃଷ୍ଠା-୭

# ତହସିଲଦାର କରିବେ ଜମି ପଟ୍ଟା ସଂଶୋଧନ

■ **ଭୁବନେଶ୍ୱର, ୧୨।୧୧ (ସମିସ):** ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍ସର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଏହି ଅନୁମୋଦନ ପରେ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ପଡ଼ିରହିଥିବା ଅନେକ ମାମଲା ତହସିଲ୍ ଅଫିସରେ ସମାଧାନ ହେବାର ବାଟ ଫିଟିଛି। ଏଣିକି ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣାଯାଇଥିବା ଜମିର ପଟ୍ଟା ତହସିଲ ଅଫିସ୍ରେ ମିଳିପାରିବ। ତହସିଲମାନେ କ୍ରେତାଙ୍କ ଉପଯୁକ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଏହି ପଟ୍ଟା ପ୍ରଦାନ କରିପାରିବେ। ଏହାଦ୍ୱାରା ରାଜ୍ୟର ଅନେକ ପୁରୁଣା ଜମିର ମାଲିକମାନେ ପଟ୍ଟା ପାଇପାରିବେ।

ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରନ୍ତି।

**ନିୟମର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

**ଏଣିକି ଲୋକଙ୍କ ପାଇଁ ସହଜ ହେବ ପଟ୍ଟା ସଂଶୋଧନ**

କିନ୍ତୁ ଯଦି କୌଣସି କାରଣ ଯୋଗୁଁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନ ଥାଏ, ତେବେ କ୍ରେତା ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାନ୍ତି। ଏହି ଅପିଲଗୁଡ଼ିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହିଥାଏ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସଂପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ। ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଜେମିନି ଏଆଇ ବିବାଦରେ ଗୁଗଲ୍

**ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ଅଭିଯୋଗ**




■ **ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି):** ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍ ବିରୋଧରେ ହୋଇଛି ବଡ଼ ଅଭିଯୋଗ। କମ୍ପାନୀ ବିରୋଧରେ ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ନେଇ ଅଭିଯୋଗ ଆସିଛି। ଏଥିରେ ଗୁଗୁଲ୍ ଏହାର ଜେମିନି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ) ଆସିଷ୍ଟାଣ୍ଟ ବ୍ୟବହାର କରି ଜି-ମେଲ୍, ଚାଟ୍ ଏବଂ ମିଟ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ଯୋଗାଯୋଗକୁ ସେମାନଙ୍କ ସମ୍ମତି ବିନା ଟ୍ରାକ୍ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ, ବ୍ୟବହାରକାରୀମାନଙ୍କୁ ଗୁଗୁଲ୍ର ଏଆଇ ବୈଶିଷ୍ଟ୍ୟକୁ ଚାଲୁ କିମ୍ବା ବନ୍ଦ କରିବାର ବିକଳ୍ପ ଦିଆଯାଇଥିଲା। ତଥାପି, ଅକ୍ଟୋବରରେ ଆଲଫାବେଟ୍ ଇନକର୍ପୋରେଟେଡ୍ ୟୁନିଟ୍ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏହି ବୈଶିଷ୍ଟ୍ୟକୁ ସ୍ୱୟଂଚାଳିତ ଭାବରେ ଆକ୍ଟିଭ୍ କରିଦେଇଥିବା ▸ପୃଷ୍ଠା-୭

**ସରକାରୀ ଭୁଲ୍ର ପରିଣତି ଭୋଗୁଛନ୍ତି ନିଯୁକ୍ତି ଆଶାୟୀ**

# ନିଯୁକ୍ତି ଦ୍ୱନ୍ଦ୍ୱରେ ଏଲ୍ଟିଆର୍ ସଂସ୍କୃତ ଶିକ୍ଷକ

■ **ଭୁବନେଶ୍ୱର, ୧୨।୧୧ (ସମିସ):** ଲିଭ୍ ଟ୍ରେନିଂ ଟିଚର (ଏଲ୍ଟିଆର୍) ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ବ୍ୟାପକ ତ୍ରୁଟି ରହିଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମଧ୍ୟ ପରୀକ୍ଷା ପରିଚାଳନା ହୋଇନାହିଁ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଫାଡ଼ିବା ମଧ୍ୟ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍ସି)କୁ ବିବାଦୀୟ କରିଛି। ଯାହାର ପରିଣତି ଭୋଗୁଛନ୍ତି ମେଧାବୀ ଛାତ୍ରଛାତ୍ରୀ। ଆସନ୍ତା ୧୫ ତାରିଖରେ ଅନ୍ୟ ସମସ୍ତ ବିଷୟରେ ନିଯୁକ୍ତ ଶିକ୍ଷକଙ୍କ ନିଯୁକ୍ତି ମେଳା ଅନୁଷ୍ଠିତ ହେଉଥିବାବେଳେ ଏଲଟିଆର୍ ସଂସ୍କୃତ ଶିକ୍ଷକଙ୍କ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଉନାହିଁ।

ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ମୋଟ୍ ପଦର ପାଞ୍ଚଗୁଣାରୁ ଅଧିକ ପ୍ରାର୍ଥୀ ଆବେଦନ କଲେ ପ୍ରିଲିମିନାରୀ ପରେ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ଅର୍ଥାତ୍ ଛାତ୍ରଛାତ୍ରୀମାନେ ଦୁଇଟି ପରୀକ୍ଷା ଦେବେ। ଏହି ଆଧାରରେ ବିଜ୍ଞାନ ଓ କଳାର ଏକାଧିକ ବିଷୟରେ ଉଭୟ ପ୍ରିଲିମିନାରୀ ଓ ମୁଖ୍ୟ ପରୀକ୍ଷା ହେଇଛି। ହେଲେ ହିନ୍ଦୀ ଓ ସଂସ୍କୃତ କ୍ଷେତ୍ରରେ ଏହାକୁ ନିଜେ ଓଏସ୍ଏସ୍ସି ଉଲଂଘନ କରିଛି। ହିନ୍ଦୀରେ ୭୧୧ ପଦ ଥିବାବେଳେ ମୋଟ୍ ୪୪୮୫ ଜଣ ଅର୍ଥାତ୍ ପ୍ରାୟ ୬ ଗୁଣା ଆଶାୟୀ ଆବେଦନ କରିଥିଲେ। ସେହିପରି ସଂସ୍କୃତରେ ମୋଟ୍ ୭୨୯ଟି ପଦ ଥିବାବେଳେ ଏଥିପାଇଁ ପ୍ରାୟ ୪୯୬୯ ଜଣ ଆଶାୟୀ ଅର୍ଥାତ୍ ପ୍ରାୟ ୭ଗୁଣା ଆଶାୟୀ ଆବେଦନ କରିଥିଲେ। ହେଲେ ଏହି ଦୁଇଟି ବିଷୟ ପାଇଁ ପ୍ରିଲିମିନାରୀ ପରୀକ୍ଷା ବଦଳରେ ସିଧାସଳଖ ମୁଖ୍ୟ ପରୀକ୍ଷା ▸ପୃଷ୍ଠା-୭

**ଅଧିକ ଆବେଦନକାରୀ ଥିଲେବି ହେଲାନି ପ୍ରିଲିମିନାରୀ**

**ପରୀକ୍ଷା ପୂର୍ବରୁ ସଂସ୍କୃତ ପ୍ରଶ୍ନପତ୍ର ଖୋଲିଥିଲା ଓଏସ୍ଏସ୍ସି**

# ଅନିଶ୍ଚିତତା ଘେରରେ ଓଡ଼ିଶା କ୍ରିକେଟ

## ଦଳ ପ୍ଲେଟ୍ ଗ୍ରୁପ୍କୁ ଖସିବାର ଡର ଘାରିଲା

■ **କଟକ, ୧୨।୧୧ (ସମିସ):** ଜାତୀୟ କ୍ରିକେଟରେ ଓଡ଼ିଶାର ପ୍ରଦର୍ଶନ କ୍ରମାଗତ ଭାବେ ନିରାଶାଜନକ ହୋଇଛି। ଚଳିତ ରଣଜୀ ସିଜନରେ ଓଡ଼ିଶା ଦଳ ପ୍ରଥମ ୪ଟି ମ୍ୟାଚ୍ରୁ ୩ଟି ପରାଜୟ ବରଣ କରିବା ପରେ ମାତ୍ର ଗୋଟିଏ ପଏଣ୍ଟ ପାଇଛି। ଦଳରେ ସ୍ଥାନ ପାଇଥିବା ବରିଷ୍ଠ ଓ ଅଭିଜ୍ଞ ଖେଳାଳିମାନେ ସଙ୍କଟ ସମୟରେ ଦଳକୁ ସାହା ହେବାରେ ବିଫଳ ହେଉଛନ୍ତି। ସେମାନଙ୍କ ସ୍ଥାନରେ ନବାଗତଙ୍କୁ ସୁଯୋଗ ଦେଲେ ମଧ୍ୟ ପ୍ରଦର୍ଶନରେ ଉନ୍ନତି ହେଉନାହିଁ। ଏପରିସ୍ଥଳେ ଏକାଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା ଓଡ଼ିଶା କ୍ରିକେଟର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି।

ଏକଦା ରଣଜୀ ଏଲିଟ୍ ଗ୍ରୁପ୍ରେ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଦଳର ନିରାଶାଜନକ ପ୍ରଦର୍ଶନ ଏବେ ଚିନ୍ତାର କାରଣ ପାଲଟିଛି। ଏପରିକି ଦଳର ଭବିଷ୍ୟତକୁ ନେଇ କୌଣସି ଆଶାର କିରଣ ଦେଖାଯାଉନାହିଁ। ଦଳ ପ୍ଲେଟ୍ ଲିଗ୍କୁ ଖସିଯିବାର ସ୍ଥିତି ଉପୁଜିଥିବାବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କାର୍ଯ୍ୟ ଖସଡ଼ା ଓ ପ୍ରଶିକ୍ଷକଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଦଳର ପ୍ରଦର୍ଶନ ଦୁଃଖଦାୟକ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି।

ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ପ୍ରଶିକ୍ଷଣ ବ୍ୟବସ୍ଥା ଉପଲବ୍ଧ କରାଯାଇଛି ବୋଲି ଓସିଏ ପକ୍ଷରୁ ବାରମ୍ବାର କୁହାଯାଉଛି। କିନ୍ତୁ ଚଳିତ ସିଜନ୍ରେ ଦଳର ବ୍ୟାଟିଂ ଓ ବୋଲିଂ ବିପର୍ଯ୍ୟୟ ଏହିପରିପ୍ରେକ୍ଷୀରେ ଅଧିକ ଚିନ୍ତା ବଢ଼ାଇଛି। ଓଡ଼ିଶା ଏଯାଏଁ ୪ଟି ରଣଜୀ ମ୍ୟାଚ୍ ଖେଳିସାରିଥିଲେ ହେଁ ଜଣେ ହେଲେ ବ୍ୟାଟର ଶତକ ହାସଲ କରିପାରିନାହାନ୍ତି। ଦଳ ମଧ୍ୟ ବଡ଼ ସ୍କୋର୍ କରିବାରେ ସମର୍ଥ ହୋଇପାରିନାହିଁ। ସେହିପରି ବୋଲର୍ଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବଶାଳୀ ହୋଇପାରି ନଥିବାରୁ ପ୍ରତିପକ୍ଷ ଦଳର ସମସ୍ତ ୨୦ଟି ୱିକେଟ ଅକ୍ତିଆର କରିବାରେ ଦଳକୁ ସଫଳତା ମିଳିନାହିଁ।

ଜିଲ୍ଲାୱାରୀ କ୍ରିକେଟ୍ ଭିତ୍ତିଭୂମିର ବିକାଶ କରାଯାଇଛି ବୋଲି ଓସିଏ ପକ୍ଷରୁ ▸ପୃଷ୍ଠା-୭




**ଚିନ୍ତା ବଢ଼ାଉଛି ପ୍ରତିଭା ଚିହ୍ନଟ ଓ ପ୍ରଶିକ୍ଷଣ**

**ପ୍ରଶ୍ନ ଘେରରେ ଓସିଏର କାର୍ଯ୍ୟଖସଡ଼ା, ପ୍ରଶିକ୍ଷକଙ୍କ ଭୂମିକା**

## ଆଜି ଆସିଥିଲେ: କବି ମାୟାଧର ମାନସିଂହ



ମାୟାଧର ମାନସିଂହ ଏକାଧାରରେ ଥିଲେ ଜଣେ ସଫଳ କବି, ପ୍ରାବନ୍ଧିକ, ସମାଲୋଚକ, ଅନୁବାଦକ, ଭ୍ରମଣବୃତ୍ତାନ୍ତ ରଚୟିତା, ସମ୍ପାଦକ। ସେ ପ୍ରେମ ଓ ପ୍ରଣୟର କବି ଭାବେ ଅଧିକ ପରିଚିତ ଓ ଲୋକପ୍ରିୟ। ତାଙ୍କର ସାରସ୍ୱତ ଅବଦାନ ମଧ୍ୟରେ କବିତା ବ୍ୟତୀତ ନାଟକ, ପ୍ରବନ୍ଧ, ଜୀବନୀ, ଗଳ୍ପ ଏବଂ ଅନୁବାଦ ଓ ଗୀତିକବିତା ରହିଛି। ସାହିତ୍ୟର ଏମିତି କୌଣସି ବିଭାଗ ନାହିଁ ଯେଉଁଥିରେ କି ସେ ତାଙ୍କର ଲେଖନୀ ଚାଳନା କରିନାହାଁନ୍ତି। ଆଧୁନିକ ଓଡ଼ିଆ କବିତାରେ କବିବର ରାଧାନାଥଙ୍କ ପରେ ମାୟାଧର ମାନସିଂହ ହେଉଛନ୍ତି ନୂତନ ପିଢ଼ିର ପ୍ରମୁଖ ରୋମାଣ୍ଟିକ୍ କବି। ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ଲେଖୁଥିଲେ। ମାୟାଧର ମାନସିଂହ ଓଡ଼ିଶାର ପୁରୀ ଜିଲ୍ଲାସ୍ଥିତ ନନ୍ଦଳା ଗ୍ରାମରେ ୧୯୦୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଆ ଲେଖିକା ଓ କବି ହେମଲତା ମାନସିଂହଙ୍କୁ ବିବାହ କରିଥିଲେ। ତରୁଣ ବୟସରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର ଥିଲେ। ସେ ରେଭେନ୍ସା ମହାବିଦ୍ୟାଳୟ ବି.ଏ. ଓ ପାଟଣା ବିଶ୍ୱବିଦ୍ୟାଳୟରୁ ଏମ.ଏ. ପାସ୍ କରିଥିଲେ। ଇଂଲଣ୍ଡର ଡରହାମ ବିଶ୍ୱବିଦ୍ୟାଳୟରେ ସେକ୍ସପିୟର ଓ କାଳିଦାସଙ୍କ ସାହିତ୍ୟରେ ତୁଳନାତ୍ମକ ପ୍ରବନ୍ଧ ପ୍ରସ୍ତୁତ କରି ସେ ପିଏଚ୍‌ଡି ଲାଭ କରିଥିଲେ। ମାୟାଧର ମାନସିଂହ ଓଡ଼ିଶାର ପ୍ରଥମ ଡକ୍ଟରେଟ୍ ଉପାଧିଧାରୀ ଥିଲେ। ସେ ସେକ୍ସପିଅରଙ୍କ ଲିଖିତ 'Othello'ର ଓଡ଼ିଆରେ ରୂପାନ୍ତର କରିଥିଲେ। ସେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ଅତି ତରୁଣ ବୟସରୁ ତାଙ୍କଠାରେ କାବ୍ୟପ୍ରତିଭାର ଉନ୍ମେଷ ହୋଇଥିଲା। ତାଙ୍କର କବିତା ଗ୍ରନ୍ଥଗୁଡ଼ିକ 'ଧୂପ', 'ହେମଶସ୍ୟ', 'କୋଣାର୍କ', 'ସାଧବଝିଅ', 'କମଳାୟନ' ଇତ୍ୟାଦି। ପ୍ରକୃତି ଓ ମାନବପ୍ରେମ, ସୌନ୍ଦର୍ଯ୍ୟର ବର୍ଣ୍ଣାଢ୍ୟର ଅଭିବ୍ୟକ୍ତିରେ ଉଦ୍ଭାସିତ କବି ମାୟାଧର ମାନସିଂହଙ୍କ କାବ୍ୟ ସୃଷ୍ଟି। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ତାଙ୍କର ଗଭୀର ମମତା ଓ ଆନ୍ତରିକତା ରହିଥିଲା। ଏହା ତାଙ୍କ ରଚନାରେ ପ୍ରତିଫଳିତ ହୋଇଥାଏ। ଓଡ଼ିଆ ସମେତ ସଂସ୍କୃତ, ଇଂରାଜୀ ଓ ବଙ୍ଗଳା ସାହିତ୍ୟରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା। ଜଣେ ମାନବବାଦୀ, ଜାତୀୟତାବାଦୀ କବି ସତ୍ତ୍ୱେ ସେ ମୁଖ୍ୟତଃ ରୋମାଣ୍ଟିକ୍ ଚେତନାର କବି ପାଇଁ ଓଡ଼ିଆ ସାହିତ୍ୟରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ଜଣାଶୁଣା ପ୍ରବନ୍ଧ ପୁସ୍ତକ ମଧ୍ୟରେ 'ଜୀବନପଥ', 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ପ୍ରଭୃତି ଅନ୍ୟତମ। ୧୧ ଅକ୍ଟୋବର ୧୯୭୩, ୬୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ପରମ୍ପରାଗତ ଧାରାରୁ ବାହାରି ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟରେ ଏକ ନୂତନ ଧାରା ସୃଷ୍ଟି କରିଥିଲେ।

## ଆର୍ୟନ୍‌ଙ୍କ ମାଷ୍ଟର ପ୍ଲାନ୍



ବଲିଉଡ୍‌ର କିଙ୍ଗ ଖାନ୍ ଶାହାରୁଖଙ୍କ ପୁଅ ଆର୍ୟନ୍ ଖାନ୍ "ଦ ବା*ଡ୍ସ ଅଫ୍ ବଲିଉଡ୍" ଜରିଆରେ ତାଙ୍କର ନିର୍ଦ୍ଦେଶନା କାରିୟର ଆରମ୍ଭ କରିଛନ୍ତି। ଏହା ତାଙ୍କ ପାଇଁ ସଫଳ ସାବ୍ୟସ୍ତ ହୋଇଛି। ଏବେ ସେ ତାଙ୍କ କ୍ୟାରିୟରକୁ ଆହୁରି ଭଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଓଟିଟି ପରେ ଏବେ ଆର୍ୟନ୍ ବଡ଼ ପରଦାରେ ତାଙ୍କ କ୍ୟାରିୟର ଆରମ୍ଭ କରିବା ଲକ୍ଷ୍ୟ ରଖିଛନ୍ତି। ସେ ଏକ ମନୋରଞ୍ଜନ ଭିତ୍ତିକ ଫିଲ୍ମ ଆଣିବା ପାଇଁ ଯୋଜନା କରିଛନ୍ତି। ଏହା ୨୦୨୭ରେ ଆସିବ। ଫିଲ୍ମର କାହାଣୀ ଓ ଏହାର କଳାକାରଙ୍କୁ ଆର୍ୟନ୍ ସଂପୂର୍ଣ୍ଣ ଗୋପନୀୟ ରଖିଛନ୍ତି। ତେବେ ଏହି ଫିଲ୍ମରେ ଶାହାରୁଖ ଲିଡ୍ ରୋଲରେ ନଜର ଆସିବେନି। ଆର୍ୟନ୍ ତାଙ୍କ ସୁପରଷ୍ଟାର୍ ପିତାଙ୍କ ଫିଲ୍ମକୁ ନିର୍ଦ୍ଦେଶନା ଦେବା ପୂର୍ବରୁ ଏକ ନୂଆ ସିନେମାର ଅନୁଭବ ନେବାକୁ ଚାହୁଁଛନ୍ତି। ସେ ଶାହାରୁଖଙ୍କ ସହ କାମ କରିବା ପୂର୍ବରୁ ଜଣେ ସଫଳ ନିର୍ଦ୍ଦେଶକ ଭାବେ ନିଜକୁ ପ୍ରମାଣିତ କରିବାକୁ ଚାହୁଁଛନ୍ତି। ଯଦି ସବୁକିଛି ଯୋଜନା ମୁତାବିକ ହୁଏ, ତେବେ ଆର୍ୟନ୍‌ଙ୍କ ତୃତୀୟ ଫିଲ୍ମରେ ଶାହାରୁଖ ନଜର ଆସିବେ। ୨୦୨୭ରେ ଏହି ଫିଲ୍ମ ଆସିବ। ଏବେ ଆର୍ୟନ୍ ତାଙ୍କ ଦ୍ୱିତୀୟ ଫିଲ୍ମର କାହାଣୀରେ ବ୍ୟସ୍ତ ଅଛନ୍ତି। ଏହାର ଷ୍ଟାରକାଷ୍ଟ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ।

## ଆଜିର ଇତିହାସ

- ୧୭୮୦- ମହାରାଜା ରଣଜୀତ ସିଂହଙ୍କ ଜନ୍ମ।
- ୧୯୧୮ - ଅଷ୍ଟ୍ରିଆ ଗଣରାଜ୍ୟ ହେଲା।
- ୧୯୭୧- ଆମେରିକୀୟ ମହାକାଶଯାନ ମ୍ୟାରିନର୍-୯ ମଙ୍ଗଳ ଗ୍ରହ ପରିକ୍ରମା କଲେ।
- ୧୯୮୫- କଲମ୍ବିଆରେ ଜ୍ୱାଳାମୁଖୀ ବିସ୍ଫୋରଣ ହେବାରୁ ୨୩ ହଜାର ଲୋକଙ୍କ ମୃତ୍ୟୁ।
- ୧୯୯୭- ସୁରକ୍ଷା ପରିଷଦ ଇରାକ୍ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଲା।
- ୨୦୧୫- ଆତଙ୍କବାଦୀମାନେ ପ୍ୟାରିସ୍ ଉପରେ ଆକ୍ରମଣ କରିବାରୁ ୧୩୦ ଲୋକଙ୍କ ମୃତ୍ୟୁ, ୩୫୦ରୁ ଅଧିକ ଆହତ।

## ପ୍ରତିମୂର୍ତ୍ତିକୁ ମାଡ଼



ସର୍ବଦା ଭଲ କାମ କରିଥିବା ବ୍ୟକ୍ତିଙ୍କ ନାଁ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି। ହେଲେ ଚୀନ୍‌ର କିନ୍ ହୁଇ ନାମକ ବ୍ୟକ୍ତିଙ୍କ ଘୃଣ୍ୟ କାମକୁ ଆଜି ବି ଲୋକେ ଭୁଲି ପାରୁନାହାନ୍ତି। ତାଙ୍କ ଉପରେ ରାଗ ସୁଝାଇବା ପାଇଁ ଲୋକେ ତାଙ୍କ ପ୍ରତିମୂର୍ତ୍ତିକୁ ପ୍ରତିଦିନ ମାଡ଼ ମାରୁଛନ୍ତି। ଚୀନ୍, ହାଙ୍ଗଝୋଉରେ କିନ୍ ହୁଇ ଏବଂ ତାଙ୍କ ପତ୍ନୀଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହି ପ୍ରତିମୂର୍ତ୍ତିକୁ ଲୋକେ ଚାପୁଡ଼ା, ଲାତ ମାରନ୍ତି। ଉକ୍ତ ପ୍ରତିମୂର୍ତ୍ତି ଦୁଇଟି ସମ୍ମୁଖରେ ସାହସୀ ଜେନେରାଲ ୟୁଫେଇଙ୍କ ସମାଧି ରହିଛି। କିନ୍ ହୁଇ ଓ ତାଙ୍କ ପତ୍ନୀଙ୍କ ଆଣ୍ଠେଇକି ମୁଣ୍ଡକୁ ନୁଆଁଇବା ଅବସ୍ଥାରେ ପ୍ରତିମୂର୍ତ୍ତି ରହିଛି। ସେମାନଙ୍କ ହାତକୁ ପଛକୁ କରି ବନ୍ଧା ଯାଇଛି। ତେବେ ଏହି ପ୍ରତିମୂର୍ତ୍ତି ଲୋକେ ରାଗ ଶୁଝାଇବା ପାଇଁ ନିର୍ମାଣ କରିଛନ୍ତି। ସ୍ୱାମୀସ୍ତ୍ରୀଙ୍କ ପ୍ରତିମୂର୍ତ୍ତିକୁ ଲୋକେ ଚାପୁଡ଼ା, ଲାତ ମାରିବା ସହିତ ଛେପ ପକାଇଥାନ୍ତି। ଏହି ଦମ୍ପତି ଦେଶଦ୍ରୋହୀ ଥିଲେ ବୋଲି କୁହାଯାଏ। ସୋଙ୍ଗ ରାଜବଂଶ ସମୟରେ କିନ୍ ହୁଇ ଚୀନ୍‌ର ଚାନସେଲର ଥିଲେ। ଦେଶ ଚଳାଇବା ସହ ଲୋକଙ୍କୁ ସୁରକ୍ଷା ଦେବା ତାଙ୍କର କାମ ଥିଲା। କିନ୍ ହୁଇ, ୟୁଫେଇ ରାଜାଙ୍କ ଶତ୍ରୁମାନଙ୍କ ସହିତ ଶାନ୍ତି ଚୁକ୍ତି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ମିଥ୍ୟା ଅଭିଯୋଗ ଆଣିଥିଲେ। ଫଳରେ ୟୁଫେଇଙ୍କୁ ଜେଲ୍ ଦଣ୍ଡ ସହ ମୃତ୍ୟୁଦଣ୍ଡ ଭୋଗିବାକୁ ପଡ଼ିଥିଲା। ଲୋକେ ଯେତେବେଳେ ଏହି କଥା ଜାଣିବାକୁ ପାଇଲେ କିନ୍ ହୁଇଙ୍କ ଉପରେ ରାଗି ଯାଇଥିଲେ। ୟୁଫେଇଙ୍କୁ ଜାତୀୟ ନାୟକ ଭାବେ ଘୋଷଣା କରିବା ସହ କିନ୍ ହୁଇଙ୍କୁ ଚୀନ୍ ଇତିହାସର ସବୁଠୁ ବଡ଼ ଦେଶଦ୍ରୋହୀ ଘୋଷଣା କରିଥିଲେ। ତେଣୁ ପ୍ରାୟ ୧୫ ଶହ ଶତାବ୍ଦୀରୁ କିନ୍ ହୁଇ ଓ ତାଙ୍କ ପତ୍ନୀଙ୍କ ପ୍ରତିମୂର୍ତ୍ତିକୁ ମାଡ଼ ମାରିବାର ପରମ୍ପରା ଚାଲିଆସୁଛି। ବାରମ୍ବାର ମାଡ଼ ହେଉଥିବାରୁ ପ୍ରତିମୂର୍ତ୍ତି ଦୁଇଟି ଭାଙ୍ଗିଯାଉଥିବାରୁ ଏଯାବତ୍ ୧୧ ଥର ବଦଳା ଯାଇଛି। ଶେଷଥର ପାଇଁ ଏହି ମୂର୍ତ୍ତି ୧୯୭୯ ମସିହାରେ ବଦଳା ଯାଇଥିଲା। ଇତିମଧ୍ୟରେ ପାଞ୍ଚଶହରୁ ଅଧିକ ବର୍ଷ ବିତି ଯାଇଥିଲେ ବି ଲୋକେ ସେମାନେ ଏହି ପ୍ରତିମୂର୍ତ୍ତି ଉପରେ ଛେପ ପକାଇ ନିଜ ରାଗ ସୁଝାଉଛନ୍ତି।

## ସଡ଼କ ନ ଥିବା ଗାଁ



ଦୁନିଆରେ ଏମିତି କିଛି ଗାଁ ଅଛି ଯାହା ତା'ର ନିଜସ୍ୱ ଭିନ୍ନତା ଓ ସ୍ୱତନ୍ତ୍ରତା ପାଇଁ ଜଣାଯାଏ। ଏଭଳି ଏକ ଗାଁ ହେଉଛି ନେଦରଲ୍ୟାଣ୍ଡର ଗିଥର୍ଣ୍ଣ। ଏହାର ବିଶେଷତା ହେଲା ଅନ୍ୟ ଗାଁଗୁଡ଼ିକ ଭଳି ଏଠାରେ ନାଁ ରାସ୍ତା ଅଛି ନା ଯାନବାହନ। ଏହା 'ଡଚ୍ ଭେନିସ୍' ନାମରେ ମଧ୍ୟ ଜଣାଶୁଣା। ଏଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତି, ନାଆରେ ବସି ପୂରା ସହର ବୁଲନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଗାଁ ମଧ୍ୟରେ ପିଚୁ ସଡ଼କଟିଏ ନାହିଁ। ଗାଁଟି ପାଣି ଆଚ୍ଛାଦିତ। ଏଠାରେ କାଠ ନିର୍ମିତ ୧୮୦ଟି ପୋଲ ରହିଛି। ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟତ କରିବା ପାଇଁ ଡଙ୍ଗା ବ୍ୟବହାର କରିଥାନ୍ତି। ଗିଥର୍ଣ୍ଣରେ ପାଖାପାଖି ୩୦୦୦ ଲୋକ ରୁହନ୍ତି। ଏଠିକାର ସୁନ୍ଦର ପରିବେଶ, ନିର୍ମଳ ପାଣି ଓ ସବୁଜ ବନାନୀ ଫିଲ୍ମ ଦୃଶ୍ୟ ଭଳି ମନେ ହୋଇଥାଏ। କୋଳାହଳଠୁ ଦୂରରେ ରହିବାକୁ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଏହି ପରିବେଶ ଖୁବ୍ ଖାସ୍ ହୋଇଥାଏ। ସେହିପରି ଏଠାରେ କାର୍ ଓ ମୋଟର ସାଇକଲ ଭଳି କୌଣସି ଯାନ ଦେଖିବାକୁ ମିଳେନି। ପ୍ରତିଘର ଆଗରେ ଗୋଟିଏ ଲେଖାଏଁ ଛୋଟ ଡଙ୍ଗା ଥାଏ। ବିଦ୍ୟୁତ୍ ମୋଟର ଦ୍ୱାରା ଏହି ଡଙ୍ଗାଗୁଡ଼ିକ ଚାଲେ। ଏହାଦ୍ୱାରା ପରିବେଶ ମଧ୍ୟ ସୁରକ୍ଷିତ ରହିଥାଏ। କୋଳାହଳ ନ ଥିବାରୁ ସହର ମଧ୍ୟରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ବଜାୟ ରହିଥାଏ। ଅବଶ୍ୟ କିଛି ସ୍ଥାନରେ ସଂକୀର୍ଣ୍ଣ ପାଦଚଲା ରାସ୍ତା ଓ ସାଇକଲ ଚାଳନା ପାଇଁ ଟ୍ରାକ୍ ରହିଛି। ଏଠାରେ ପର୍ଯ୍ୟଟକମାନେ ଆରାମରେ ବୁଲାବୁଲି କରିପାରିବେ। ଏଠିକାର ସରଳ ଜୀବନଶୈଳୀ ଓ ଭିନ୍ନତା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୧୨୩୦ରେ ଏହି ଗାଁଟିର ନିର୍ମାଣ କରାଯାଇଥିଲା। ପ୍ରାରମ୍ଭରେ ଏହାର ନାମ 'ଗେଟେନହର୍ଣ୍ଣ' ଥିଲା। ତେବେ ଖୋଳାଖୋଳି ହେବାରୁ ଏଠାରେ ଥିବା ଏକ ପୋଖରୀ ଏକ ହ୍ରଦର ରୂପ ନେଇଥିଲା ବୋଲି ସ୍ଥାନୀୟ ଲୋକେ କୁହନ୍ତି। ପର୍ଯ୍ୟଟକଙ୍କୁ ଏହା ସ୍ୱର୍ଗ ଭଳି ଅନୁଭୂତି ଦେଇଥାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏଠାରେ ସେମାନେ ପେଡାଲ ବୋଟିଂର ମଜା ନେଇଥାନ୍ତି। ଏଥିସହ କୂଳରେ ନିର୍ମିତ ହୋଟେଲ ଓ ରେସ୍ତୋରାଁ ଆଦିର ସୁନ୍ଦରତାକୁ ଡଙ୍ଗାରେ ବସି ଅନୁଭବ କରନ୍ତି।

## ଫୁଲରେ ସଜାଇଲେ ରାସ୍ତାର ଖାଲଢ଼ିପ

ଅନେକ ସମୟରେ ନିମ୍ନ ମାନର କାମ ଯୋଗୁଁ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ଓ ଖାଲ ଢିପ ଦେଖାଯାଏ। ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ଏଦିଗରେ କିଛି ପଦକ୍ଷେପ ଗ୍ରହଣ କରି ନ ଥାଏ। ନିକଟରେ କର୍ଣ୍ଣାଟକ ମାଣ୍ଡ୍ୟା ଜିଲ୍ଲାରେ ରାସ୍ତା ଦୁର୍ଦ୍ଦଶାର ସ୍ଥିତିକୁ କିଛି ବୟସ୍କ ନିଆରା ଉପାୟରେ ପ୍ରଶାସନର ଦୃଷ୍ଟିଆକର୍ଷଣ କରିବାକୁ ଚାହିଁଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଦୀପାବଳି ଅବସରରେ ଏହି ରାସ୍ତା ନିକଟରେ ଥିବା ଏକ ଜରାଶ୍ରମର କିଛି ବୟସ୍କ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରିଥିଲେ। ସେମାନେ ଘରକୁ ଆଲୋକିତ କରିବା ପରିବର୍ତ୍ତେ ରାସ୍ତାରେ ହୋଇଥିବା ଗାତରେ ଦୀପ ଜାଳିଛନ୍ତି। ଏପରିକି ଏହାକୁ ଫୁଲରେ ସଜାଇଥିଲେ। ରାସ୍ତା କେବଳ ଗାଡ଼ି ଚଳାଇବା ପାଇଁ ନୁହେଁ, ବରଂ ଲୋକଙ୍କ ସୁରକ୍ଷାର ମାଧ୍ୟମ ମଧ୍ୟ ବୋଲି ଏହା ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି ବୟସ୍କ ଲୋକମାନେ ଏପରି କରିଥିବା କହିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ବୟସ୍କ ବ୍ୟକ୍ତିମାନେ ଫୁଲ ଏବଂ ମହମବତୀରେ ରାସ୍ତାର ଗାତ ତଥା ଖାଲଢ଼ିପକୁ ସଜାଇଛନ୍ତି। ପରେ ଧୂପ ଦେଇ ପୂଜା କରିଛନ୍ତି। ଏହାସହିତ ହାତ ଯୋଡ଼ି ରାସ୍ତା ମଝିରେ ଛିଡ଼ା ହୋଇ ପ୍ରାର୍ଥନା କରୁଥିବାର ଦେଖାଯାଇଛି। ତେବେ ଏଭଳି ବିରୋଧ ପରେ ପ୍ରଶାସନ ଏଦିଗରେ କିଛି ପଦକ୍ଷେପ ନେଇପାରେ ବୋଲି ସେମାନେ ଆଶାବାଦୀ ଅଛନ୍ତି। ତେବେ ସେମାନେ ଏହି ବିରୋଧ କିକେରି କେଆର୍ ପେଟ୍ ହାଇୱେରେ କରିଛନ୍ତି। ଏହି ରାସ୍ତା ଦୀର୍ଘ ଦିନ ଧରି ଖରାପ ସ୍ଥିତିରେ ଅଛି। ଅନ୍ୟପଟେ ଏହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ଟ୍ରାଫିକ୍‌ରେ ହୃଦୟାଲୋକ

ସାଧାରଣତଃ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଗୋଲାକୃତିରେ ଜଳୁଥିବା ସମସ୍ତେ ଦେଖିଛନ୍ତି ଓ ଜାଣିଛନ୍ତି। ହେଲେ ଜୟପୁରରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି। ଜୟପୁର ଟ୍ରାଫିକ୍ ପୁଲିସ୍ ଏଠାକାର ପ୍ରାୟ ୨୦ଟି ପ୍ରମୁଖ ଛକରେ ଟ୍ରାଫିକ୍ ଲାଇଟ୍‌କୁ ନେଇ ଏକ ନିଆରା ପଦକ୍ଷେପ ଆରମ୍ଭ କରିଛି। ଏଠାରେ ଟ୍ରାଫିକ୍ ସିଗ୍ନାଲରେ ଜଳୁଥିବା ରେଡ ଲାଇଟ୍ ଗୋଲାକୃତି ବଦଳରେ ହୃଦୟାକୃତି ହୋଇଛି। ଏହାକୁ ନେଇ ଲୋକଙ୍କଠାରେ ଉତ୍ସାହ ଦେଖିବାକୁ ମିଳିଛି। ଅବଶ୍ୟ ଏବେ ଏହାକୁ ଟ୍ରାଏଲ ପାଇଁ ଲଗାଯାଇଛି। ଅନ୍ୟପଟେ ଟ୍ରାଫିକ୍ ସିଗ୍ନାଲର ଲାଇଟ୍‌କୁ ହୃଦୟାକୃତି କରି ଲୋକଙ୍କୁ ସୁରକ୍ଷିତ ରହିବା ଲାଗି ବାର୍ତ୍ତା ପ୍ରଦାନ କରାଯାଉଛି। କାରଣ ଏହି ଡିଜାଇନ୍‌ରେ ଟ୍ରାଫିକ୍ ଲାଇଟ୍ ଜଳିବା ଦେଖି ଲୋକଙ୍କ ମୁହଁରେ ଆପେଆପେ ହସ ଆସୁଛି। ତେବେ ଟ୍ରାଫିକ୍ ସିଗ୍ନାଲରେ ଦୀର୍ଘ ସମୟ ଅପେକ୍ଷା କରିବା ଲୋକଙ୍କ ପାଇଁ ବିରକ୍ତିକର ହୋଇଥାଏ। ହେଲେ ଏହି ଲାଇଟ୍ ହୃଦୟାକୃତିରେ ଜଳିଲେ ଲୋକେ ରାଗକୁ ଯେଉଁଭଳି ପ୍ରଶମିତ କରୁଛି। ସେହିପରି ଲୋକଙ୍କ ମତରେ ଏହି ହୃଦୟାକୃତି ଲାଇଟ୍ ହୃଦୟକୁ ଶାନ୍ତି ପ୍ରଦାନ କରୁଛି। ଏମିତି ଲାଗୁଛି ଯେମିତି ସିଗ୍ନାଲ ଲୋକଙ୍କୁ କହୁଛି, 'ଅଟକି ରହି ସୁରକ୍ଷିତ ରୁହ। ଘରେ କେହି ତୁମର ଅପେକ୍ଷା କରିଛନ୍ତି।' ଅନ୍ୟପଟେ ଏହି ପଦକ୍ଷେପ ପଛରେ କେବଳ ଡିଜାଇନ୍ ନୁହେଁ, ବରଂ ସମ୍ବେଦନଶୀଳ ଚିନ୍ତାଧାରା ଥିବା ଟ୍ରାଫିକ୍ ପୁଲିସ୍ ସତ୍ୟବୀର ସିଂହ କହିଛନ୍ତି। ହୃଦୟାକୃତିର ଚିହ୍ନ ଆପଣାପଣର ଅନୁଭବ ଦେଉଛି। ଟ୍ରାଫିକ୍ ପୁଲିସ୍ ଯଦିଓ କଠୋର ହେଲେ ବି ଲୋକଙ୍କ ସହିତ ସବୁବେଳେ ଅଛି। ଲୋକଙ୍କ ସୁରକ୍ଷା ଓ ଦାୟିତ୍ୱବୋଧକୁ ଟ୍ରାଫିକ୍ ପୁଲିସ୍ ମନେ ପକାଇ ଦେଉଥାନ୍ତି। ତେଣୁ ଟ୍ରାଫିକ୍ ନିୟମ ପାଳନ କରିବା ଜରୁରୀ। ଏହି ସମ୍ବେଦନା ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ଅତ୍ୟନ୍ତ ପ୍ରଭାବଶାଳୀ ଉପାୟ ବୋଲି ସତ୍ୟବୀର କହିଛନ୍ତି। ତେବେ ହୃଦୟାକୃତି ପ୍ରେମର ଚିହ୍ନ ହୋଇଥିଲେ ବି ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବୃଷ:** ବ୍ୟସ୍ତତା ଭିତରେ ଦିନ କଟିପାରେ। ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଲୁଚିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

# ସରକାରୀ କଳର ଅପବ୍ୟବହାର ସତ୍ତ୍ୱେ ବିଜୟ ନିଶ୍ଚିତ: ବିଜେଡି

ଭୁବନେଶ୍ୱର,୧୨।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରି, ଓ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ବ୍ୟାପକ ଅପଚେଷ୍ଟା କରିଛି। ଏହାସତ୍ତ୍ୱେ ଉପ ନିର୍ବାଚନରେ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଦୃଢୋକ୍ତି ବାଢ଼ିଛି ବିଜେଡି । ଶଙ୍ଖ ଭବନରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ଶାସକ ଦଳ ଓ ପ୍ରଶାସନକୁ କଟୁ ସମାଲୋଚନା କରିଥିଲେ। ପ୍ରମିଳା ମଲ୍ଲିକ କହିଥିଲେ ଯେ ବିଜେପି ଦ୍ୱାରା କରାଯାଇଥିବା ବିଭିନ୍ନ ଆଚରଣ ବିଧି ଉଲ୍ଲଂଘନ ଗୁଡିକୁ ଆମେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ନିର୍ବାଚନ ପ୍ରଚାର ସମୟରେ ବିଜେପି ପକ୍ଷରୁ ଶାଢ଼ି ଓ ଟଙ୍କା ବଣ୍ଟନ କରାଗଲା ଯାହାର ପ୍ରାମାଣିକ ତଥ୍ୟ ସହିତ ଆମେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲୁ। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ବାସସ୍ଥଳୀ ଉପରେ ବିନା ସର୍ଚ୍ଚ ୱାରେଣ୍ଟରେ ଚଡ଼ଉ କରାଯାଇଥିଲା



■ ନିର୍ବାଚନ ଇତିହାସରେ ନୂଆପଡ଼ା ଉପନିର୍ବାଚନ କଳଙ୍କମୟ ଅଧ୍ୟାୟ
■ କେବଳ ବିରୋଧୀ ଦଳଙ୍କ ପାଇଁ ଲାଗୁ ହୋଇଥିଲା ଆଚରଣ ବିଧି
■ ସରକାରୀ କର୍ମଚାରୀ ସାଜିଥିଲେ ବିଜେପିର ଏଜେଣ୍ଟ

ଓ ବିଜେଡିର ସ୍ଥାନୀୟ ନେତା ମନୋଜ ମିଶ୍ରଙ୍କ ଘରେ ଆଇଟି ରେଡ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ହେଲିକେପ୍ଟରକୁ ତିନି ଘଣ୍ଟା କାଳ ବିଳମ୍ବ କରାଯାଇଥିଲା। ସାଇଲେଣ୍ଟ ପିରିଅଡରେ ବିରୋଧୀ ଦଳର ନେତା ମାନେ ନିର୍ବାଚନ ମଣ୍ଡଳୀ ଅଞ୍ଚଳ ଛାଡି ଦେଇଥିବା ବେଳେ ବିଜେପିର ନେତା ମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟ ଜାରି ରଖିଥିଲେ। ନିର୍ବାଚନ ଅଧିକାରୀଙ୍କ ପାଖରେ ଏହି ଉଲ୍ଲଂଘନ କାର୍ଯ୍ୟର ପ୍ରମାଣ ସହିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ବିଜେପିର ସମସ୍ତ ଆଇନ ଉଲ୍ଲଂଘନ ଉଦ୍ୟମ ସତ୍ତ୍ୱେ ନୂଆପଡାବାସୀ ବିଜେଡିକୁ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି। ତେଣୁ ୧୪ ତାରିଖ ଦିନ ଫଳାଫଳ ଘୋଷଣା ହେବା ବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ।

ଟୁକୁନି ସାହୁ କହିଥିଲେ ଯେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କ୍ଷେତ୍ରରେ ଏବଂ ସରକାରୀ କଳର ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରିବାରେ ବିଜେପି ସମସ୍ତ ସୀମା ଉଲ୍ଲଂଘନ କରିଛି, ଗଣତନ୍ତ୍ରକୁ ହତ୍ୟା କରାଯାଇଛି । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀ ମାନେ ବିଜେପିର ଏଜେଣ୍ଟ ଭଳି ବ୍ୟବହାର କରୁଥିଲେ। ଇଭିଏମରେ ଭୋଟିଂ ବେଳେ ଯେ କୌଣସି ବଟନ ଚିପିଲେ ପଦ୍ମଫୁଲକୁ ଭୋଟ ଯାଉଥିବା ଅଭିଯୋଗକୁ ବି ଚାପି ଦିଆଗଲା। ଏଇ ସବୁକୁ ଅନୁଶୀଳନ କଲେ ନୂଆପଡା ଉପନିର୍ବାଚନରେ ମୁକ୍ତ ଓ ଅବାଧ ନିର୍ବାଚନ ହେବା ଉକ୍ତି ଏକ ପ୍ରହସନରେ ପରିଣତ ହୋଇଥିଲା। ଇପ୍ସିତା ସାହୁ କହିଥିଲେ ଯେ ସମଗ୍ର ଉପନିର୍ବାଚନ ସମୟରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଭୂମିକା ଯେଉଁଭଳି ସରକାରୀ ଦଳକୁ ଜିତାଇବାକୁ ଖୋଲା ଖୋଲି କାର୍ଯ୍ୟ କରୁଥିଲେ, ତାହା ରାଜ୍ୟର ନିର୍ବାଚନ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ଯେଉଁଭଳି ଭାବେ କାର୍ଯ୍ୟରତ ଡିଆଇଜିଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱ ଦିଆଯାଇଥିଲା, ତାହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାକୁ ଏକ ସୁଚିନ୍ତିତ ଯୋଜନା ଥିଲା ବୋଲି ସେ କହିଥିଲେ।

ପୁଲିସ ଚାକିରି ବିକ୍ରି ଘଟଣା

# ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ ସାଗର ଗିରଫ

କଟକ, ୧୨।୧୧(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ କମ୍ବାଇନ୍ ପୁଲିସ ସର୍ଭିସ ପରୀକ୍ଷା (ସିପିଏସଇ)୨୦୨୪ ନିଯୁକ୍ତି ପାଇଁ ପ୍ରଶ୍ନପତ୍ର ଲିକ୍ ଓ ଚାକିରି ବେପାର ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ ସାଗର ଗୌଡ଼ (୨୨)କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଏହି ଘଟଣାରେ ଆଜି ସୁଦ୍ଧା ମୋଟ ୧୨୬ ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଘଟଣାରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଥାନା ବାଲିପଡା ନିବାସୀ ତଥା ଏମକେସିଜି ମେଡିକାଲ କ୍ୟାମ୍ପସରେ ରହୁଥିବା ସାଗରକୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଘଟଣାରେ ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ନିର୍ଦ୍ଦେଶ ଅନୁସାରେ ସାଗର କାର୍ଯ୍ୟ କରିଆସୁଥିଲା। ତଦନ୍ତରୁ ଜଣାପଡିଛି ଯେ ସାଗର ବାଲେଶ୍ୱର ଦୀଘା ମଡ୍ୟୁଲରେ ସମଗ୍ର କାର୍ଯ୍ୟ ତଦାରଖ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଆନ୍ଧ୍ରପ୍ରଦେଶର ବିଜୟନଗରମ ଯାଉଥିବା ବେଳେ ପ୍ରାର୍ଥୀମାନେ ଧରାପଡିବା ତଥା ଚାକିରି ବେପାର ଲୋକଲୋଚନକୁ ଆସିବା ପରେ ଆଉ ଦୀଘା ଯୋଜନା କାର୍ଯ୍ୟକାରୀ ହୋଇ ପାରିନଥିଲା। ଦୀଘାଠାରେ ବି ପ୍ରାର୍ଥୀଙ୍କୁ ଆଗୁଆ ପ୍ରଶ୍ନପତ୍ର ଦେଇ ଅଭ୍ୟାସ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହୋଇସାରିଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅରବିନ୍ଦ ଦାସକୁ ଦୀଘାଠାରେ ପ୍ରଶ୍ନପତ୍ର ଅଭ୍ୟାସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିର ନିର୍ଦ୍ଦେଶ ଅନୁଯାୟୀ ବ୍ୟବସ୍ଥାରେ ସମନ୍ୱୟ ରଖୁଥିଲା ସାଗର। ଏପରିକି ଗତ ସେପ୍ଟେମ୍ବର ୨୯ ତାରିଖରେ ଶଙ୍କରର ନିର୍ଦ୍ଦେଶକ୍ରମେ ସାଗର



**ଦୀଘାରେ ସମସ୍ତ ବନ୍ଦୋବସ୍ତର ତଦାରଖ କରୁଥିଲା**

ଦୀଘା ଗସ୍ତ କରିଥିଲା। ସେଠାରେ ପ୍ରାର୍ଥୀ ମାନଙ୍କ ପାଇଁ ଅରବିନ୍ଦ ଦାସଙ୍କ ଦ୍ୱାରା ହୋଟେଲ ରହଣି ବୁକ୍ କରାଯାଇଥିଲା। ଦୀଘାରେ ଏହାର ପରିଚାଳନା ଏବଂ ତଦାରଖ କରୁଥିଲା ସାଗର। ନୂଆଦିଲ୍ଲୀରେ ରହି ଏହି ଅପରାଧ ସିଣ୍ଡିକେଟକୁ ଶଙ୍କର ଚଳାଉଥିଲା ବେଳେ ଉଭୟ ସାଗର ଓ ଅରବିନ୍ଦ ସମସ୍ତ ଘଟଣା ସମ୍ପର୍କରେ ମାଷ୍ଟରମାଇଣ୍ଡ ଶଙ୍କରକୁ ରିପୋର୍ଟ କରିଆସୁଥିଲେ। ସୂଚନାଥାଉକି, ଏବେ ପୁଲିସ ଚାକିରି ବେପାର ଘଟଣାର ତଦନ୍ତ ସିବିଆଇ ତଦନ୍ତ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି।

# କଡ଼ାସୁରକ୍ଷା ଭିତରେ ଇଭିଏମ୍, ୨୪ ଘଣ୍ଟାପରେ ଗଣତି

ନୂଆପଡ଼ା,୧୨।୧୧(ସମିସ): ନୂଆପଡ଼ା ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ-୭୧ରେ ମତଦାନ ଶେଷ ହେବାର ଇତି ମଧ୍ୟରେ ଚବିଶ ଘଣ୍ଟା ବିତିଯାଇଛି। କଡ଼ା ସୁରକ୍ଷା ଭିତରେ ଇଭିଏମ୍ କଣ୍ଟ୍ରୋଲ ରୁମ୍। ଚବିଶ ଘଣ୍ଟା ପରେ ହେବ ଗଣତି। ପ୍ରକାଶ ଯେ ମଙ୍ଗଳବାର ଦିନ ତମାମ ନୂଆପଡ଼ାର ୩୫୮ଟି ମତଦାନ କେନ୍ଦ୍ରରେ



ଭୋଟଗ୍ରହଣ ହୋଇଥିବାବେଳେ ନୂଆପଡ଼ାସ୍ଥିତ ନ୍ୟାସନାଲ କଲେଜରେ ଅବସ୍ଥାପିତ କଣ୍ଟ୍ରୋଲ ରୁମରେ ଇଭିଏମ ସବୁ ସିଲ୍ ହୋଇରହିଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ଜିଲ୍ଲାପାଳ ମଧୁସୂଦନ ଦାଶ ସୂଚନା ଦେଇଛନ୍ତି ଯେ ଶୁକ୍ରବାର ସକାଳ ୮ଟାବେଳେ ଭୋଟ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ଭୋଟ ଗଣତି କରାଯିବ। ତା'ପରେ ସାଢେ ୮ଟା ସମୟରେ ଇଭିଏମ ଭୋଟ ଗଣତି କରାଯିବ। ଏଥି ସକାଶେ ମୋଟ ୧୪ଟି ଟେବୁଲ ଖଞ୍ଜାଯାଇଛି। ୨୬ଟି

● ସକାଳ ୮ରୁ ହେବ ଭୋଟ୍ ଗଣତି
● ୧୪ ଟେବୁଲ, ୨୬ ରାଉଣ୍ଡ ଗଣନା

ରାଉଣ୍ଡରେ ଗଣତି ହେବାକୁଥିବାବେଳେ କେବଳ ଅଧିକୃତ ଲୋକମାନଙ୍କୁ ହିଁ ପ୍ରବେଶ ଅନୁମତି ଦିଆଯିବ। ଗଣତି ସକାଶେ ଭିତରେ ଏବଂ କେନ୍ଦ୍ର ବାହାରେ ମଧ୍ୟ ସାଧାରଣ ଲୋକଙ୍କ ସକାଶେ ବ୍ୟବସ୍ଥା କରାଯାଇଥିବା କହିଛନ୍ତି। ସୂଚନା ଯୋଗ୍ୟ ଯେ ନିର୍ବାଚନ ମଣ୍ଡଳୀର ମୋଟ ୨ଲକ୍ଷ ୫୪ହଜାର ୪୯୭ ମଧ୍ୟରୁ ୨ଲକ୍ଷ ୧୨ହଜାର ୩୮୫ଜଣ ମତଦାନ କରିଛନ୍ତି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାର ପଞ୍ଜୀକରଣ ଆରମ୍ଭ

କଟକ,୧୨।୧୧(ସମିସ): ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ସିଧାସଳଖ ପ୍ରବେଶ ପାଇଁ ଏବଂ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲି ଆସନରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ପିତାମାତା ଏହି ପଞ୍ଜୀକରଣ କରିପାରିବେ। ଯଦି କିଛି ସମସ୍ୟା ଥାଏ ତାହେଲେ ସହାୟକ ଦସ୍ତାବିଜ ସହିତ ସେମାନଙ୍କ ବ୍ଲକ ମଧ୍ୟରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ ସହିତ ଯୋଗାଯୋଗ କରିପାରିବେ। ଅନଲାଇନ୍ ପଞ୍ଜୀକରଣ ପାଇଁ ଲିଙ୍କ୍ ଆଜିଠାରୁ ଆସନ୍ତା ନଭେମ୍ବର ୨୫ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ବୋର୍ଡ ୱେବସାଇଟରେ ଉପଲବ୍ଧ ରହିବ। ପଞ୍ଜୀକରଣ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ, ସହାୟତା ପାଇଁ ନିମ୍ନଲିଖିତ ହେଲ୍ପଲାଇନ୍ ଫୋନ୍ ନମ୍ବର ୯୮୬୧୯୨୪୮୦୭ରେ ଯୋଗାଯୋଗ କରିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ

# ପଢୁଆଁ ହେଲେ ମହାପ୍ରଭୁ

ପୁରୀ,୧୨।୧୧(ସମିସ): ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ପାଳିତ ହୋଇଛି ପ୍ରଥମାଷ୍ଟମୀ। ପଢୁଆଁ ହୋଇଛନ୍ତି ମହାପ୍ରଭୁ। ଏହି ଅବସରରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯାଇଥିଲା। ଚନ୍ଦନ ଲାଗି ସରିବା ପରେ ଦାରୁବିଗ୍ରହଙ୍କୁ ବେଶ କରାଯାଇଥିଲା। ଏହି ବେଶରେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି ହୋଇଥିଲେ ମହାପ୍ରଭୁ। ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ମଙ୍ଗଳାର୍ପଣ ନୀତି ସରି ଫୁଲପରିଆ ଖଦି ଛେଦା ପ୍ରସାଦ ଲାଗି କରାଯାଇ ଠାକୁରମାନଙ୍କୁ ବନ୍ଦାପନା କରାଯାଇଥିଲା। ଏହିପରି ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ପ୍ରଥମାଷ୍ଟମୀ ପର୍ବ ପାଳିତ ହୋଇଥିଲା। ଏହି ପର୍ବ ମହାପ୍ରଭୁଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଉଦାହରଣ।

ସରକାରୀ ବସ୍‌ରେ ନାହିଁ ବ୍ୟବସ୍ଥା

# ଦିବ୍ୟାଙ୍ଗ କ'ଣ ମଣିଷ ନୁହନ୍ତି

ଭୁବନେଶ୍ୱର,୧୨।୧୧(ସମିସ): ଦିବ୍ୟାଙ୍ଗ ଅଧିକାର ଅଧିନିୟମ-୨୦୧୬ର ସେକ୍ସନ-୪୦ ଅନୁସାରେ ଦିବ୍ୟାଙ୍ଗମାନଙ୍କୁ ସମାନ ଅଧିକାର, ସମାନ ସୁଯୋଗ ଓ ସହଭାଗିତା ମିଳିବାରର ବ୍ୟବସ୍ଥା ରହିଛି। ଏହି ଆଇନ୍ ଅନୁଯାୟୀ ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗମାନଙ୍କ ପାଇଁ ରାମ୍ପ, ବସ୍‌ଗୁଡ଼ିକରେ ତଳୁଆ ପ୍ରବେଶ ପଥ ଓ ଦୃଷ୍ଟିବାଧିତଙ୍କ ପାଇଁ 'ଅଡ଼ିଓ-ଭିଜୁଆଲ୍' ବ୍ୟବସ୍ଥା ସାଙ୍ଗକୁ ଦିବ୍ୟାଙ୍ଗମାନଙ୍କ ପାଇଁ ଆବଶ୍ୟକୀୟ ସିଟ୍‌ଗୁଡ଼ିକ ସଂରକ୍ଷିତ ରଖିବାର ନିୟମ ରହିଛି। ବିଶେଷ କରି ସରକାରୀ

■ ପାଳନ ହେଉନି ଦିବ୍ୟାଙ୍ଗ ଅଧିକାର ଅଧିନିୟମ
■ ଦକ୍ଷତା ବିକାଶ କେନ୍ଦ୍ରକୁ ଆସି ଦିବ୍ୟାଙ୍ଗ ହଟହଟା
■ ୨୮ ସୁଦ୍ଧା ବିସ୍ତୃତ ରିପୋର୍ଟ ମାଗିଲେ ଆୟୋଗ

ଯାନବାହନରେ ଏହି ନିୟମ ସୁନିଶ୍ଚିତ କରିବାକୁ କଡ଼ାକଡ଼ି ନିୟମ ରହିଛି। ସୁପ୍ରିମ୍‌କୋର୍ଟ ମଧ୍ୟ ୨୦୨୪ ଏ କ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସୁଗମତା ବ୍ୟବସ୍ଥା ଆପଣାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ୨-ଟାୟାର ସହର ଓ ମେଟ୍ରୋପଲିଟାନ୍ ସହରଗୁଡ଼ିକରେ ଏହି ସେବା ପ୍ରଦାନରେ କୌଣସି ଅବହେଳା ଗ୍ରହଣୀୟ ନ ଥିଲେ ମଧ୍ୟ ଓଡ଼ିଶାରା ରାଜଧାନୀରେ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ଏହି ସୁବିଧା ମିଳିପାରୁ ନାହିଁ। ରାଜ୍ୟରେ ଓଏସ୍‌ଆରଟିସି ଓ ମୋ ବସ୍ ସଂଖ୍ୟା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ରହିଛି। ମାତ୍ର ଏହି ବସ୍‌ଗୁଡ଼ିକରେ ଏପରି ସେବା ପ୍ରଦାନ ପାଇଁ ବିଭାଗଗୁଡ଼ିକ ଆଦୌ ପ୍ରାସଙ୍ଗିକ ମଣୁନାହାନ୍ତି।

ରାଜ୍ୟରେ ଚାଲୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ ହୋଇପାରୁ ନାହିଁ। ମୁଖ୍ୟତଃ ଦୃଷ୍ଟିବାଧିତ ଓ ଚାଲିବାକୁ ଅକ୍ଷମ ଥିବା ମହିଳା ଓ ପୁରୁଷମାନଙ୍କ ପାଇଁ ବସ୍ ଚଢ଼ିବାର କୌଣସି ବ୍ୟବସ୍ଥା ନ ଥିବାରୁ ଏମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ଘରୋଇ ବସ୍ ଦୂରର କଥା, ରାଜ୍ୟରେ ଚାଲୁଥିବା ସରକାରୀ ବସ୍‌ଗୁଡ଼ିକରେ ମଧ୍ୟ ଏହି ସୁବିଧା ଉପଲବ୍ଧ କରାଇବାକୁ ବିଭାଗଗୁଡ଼ିକ ଧ୍ୟାନ ଦେଉନାହାନ୍ତି। ଯାହାଦ୍ୱାରା ସରକାରଙ୍କ କଡ଼ା ନିୟମ ଥିବା ସତ୍ତ୍ୱେ ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ରଖାଯାଉଛି।

ରାଜ୍ୟକୁ ଅନେକ ସମୟରେ ବିଦେଶରୁ ଅନେକ ଦିବ୍ୟାଙ୍ଗ ଆସୁଛନ୍ତି। ହେଲେ ଦିବ୍ୟାଙ୍ଗଙ୍କ ପାଇଁ ପରିବହନ ବ୍ୟବସ୍ଥାରେ ସେଭଳି କୌଣସି ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ରାଜ୍ୟର ଛବି ମଧ୍ୟ ବିଦେଶସ୍ତରରେ ଖରାପ ହେଉଛି। ଗତ ୨ ମାସ ତଳେ କଳିଙ୍ଗ ଷ୍ଟାଡିୟମରେ ଷ୍ଟେଟ୍ ପାରା ଆଥଲେଟ୍ ଚାମ୍ପିୟନସିପ୍ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଅନେକ ଦିବ୍ୟାଙ୍ଗ କଳିଙ୍ଗ ଷ୍ଟାଡିୟମକୁ ଆସିଥିବା ବେଳେ ଯାତ୍ରା କରିବା କ୍ଷେତ୍ରରେ ବହୁ ସମସ୍ୟାରେ ପଡ଼ିଛନ୍ତି। ଏହା ବ୍ୟତୀତ ଗତ କିଛି ଦିନ ତଳେ ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ୭୦ ଜଣ ଦିବ୍ୟାଙ୍ଗ ବାଳକ ଓ ବାଳିକା ଓଲଟପୁରରୁ ଆସିଥିଲେ। ବସ୍‌ଗୁଡ଼ିକରେ ଏହି ଦିବ୍ୟାଙ୍ଗମାନଙ୍କ ଚଢ଼ିବା ଓ ଓହ୍ଲାଇବା ପାଇଁ କୌଣସି ବିଶେଷ ସୁବିଧା ନ ଥିବାରୁ ସେମାନେ ବହୁ କଷ୍ଟରେ ବୁହା ହୋଇ ଭିତରକୁ ଯାଇଥିଲେ, ଏହା ସେମାନଙ୍କ ମାନବିକ ଅଧିକାରର ଉଲ୍ଲଂଘନକୁ ଦର୍ଶାଉଥିବା ବେଳେ ସେମାନଙ୍କ ପାଇଁ ରହିଥିବା ସରକାରୀ ନିୟମର ଉଲ୍ଲଂଘନ। ନିକଟରେ ମୋ ବସ୍(ଆମ୍ ବସ୍)ରେ ଏଭଳି ତିକ୍ତ ଅନୁଭୂତିକୁ ନେଇ ମଣ୍ଟୁଦାସ ନାମକ ଜଣେ ଦିବ୍ୟାଙ୍ଗ ଅଧିକାର କର୍ମୀ ରାଜ୍ୟ ଭିନ୍ନକ୍ଷମ ଆୟୋଗଙ୍କ କୋର୍ଟରେ ଲିଖିତ ଅଭିଯୋଗ କରିଥିଲେ। ମୋ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥିବା ସେ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ଆୟୋଗ ମୋ ବସ୍ ପରିଚାଳନା ସଂସ୍ଥା 'କ୍ରୁଟ୍'କୁ ଆସନ୍ତା ୨୮ ତାରିଖ ସୁଦ୍ଧା ଏ ସମ୍ପର୍କିତ ବିସ୍ତୃତ ବିବରଣୀ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଘଟଣା ପରେ ମଧ୍ୟ ସରକାରୀ ବସ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ଉପଲବ୍ଧ ନ ହେବା ସରକାରୀ ଅଧିକାରୀଙ୍କ ମନୋଭାବ ଉପରେ ପ୍ରଶ୍ନ ସୃଷ୍ଟି କରିଛି।

ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ସମୀକ୍ଷା

# ଓଡ଼ିଶାର ମର୍ଯ୍ୟାଦା ଦୃଷ୍ଟିରୁ ତ୍ରୁଟିଶୂନ୍ୟ ହେଉ ଆୟୋଜନ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୨।୧୧(ସମିସ): ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରିବାରେ ଓଡ଼ିଶାର ସୁନାମ ରହିଛି। ଅତୀତରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଭାବେ ଆୟୋଜନ କରାଯାଇଛି। ତେଣୁ ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ଆୟୋଜିତ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

ବୁଧବାର ଲୋକସେବା ଭବନରେ ଏନେଇ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ କହିଛନ୍ତି ଯେ ଏହି ମ୍ୟାଚ୍ ପ୍ରତି ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ। ତେଣୁ ଓଡ଼ିଶାର ମର୍ଯ୍ୟାଦା ସୁରକ୍ଷିତ ହେବ, ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମ୍ୟାଚ୍‌ର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଟିକେଟ୍ କିଣାବିକା, ଦର୍ଶକଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା, ଷ୍ଟାଡିୟମ୍‌ର ଭିତ୍ତିଭୂମି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଏହି ଅନ୍ତର୍ଜାତୀୟ କ୍ରୀଡା ସମୟରେ ପୁଲିସ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷା ପ୍ରତି ଏକ ଫୁଲପ୍ରୁଫ୍ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିପାଇଁ ପୁଲିସ ଅଧିକ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକର ସୂଚନା ଅନୁଯାୟୀ ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା ପାଇଁ ଅଧିକ ଜେନ୍‌ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେୟାର୍ ମଧ୍ୟ ଇନ୍‌ଷ୍ଟଲ କରାଯାଇଛି। ଗୋଟିଏ ଜେନ୍‌ସେଟ୍ ଫେଲ୍ ହେଲେ ତୁରନ୍ତ ଅନ୍ୟ ଗୋଟିଏ ଜେନ୍‌ସେଟ୍ ଚାଲୁ ହେବ ଏବଂ ଲାଇଟିଙ୍ଗ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

ସରକାରୀ ଯୋଜନା ବାଟବଣା

# ମିଳୁନି ଚାଉଳ, ଶିକ୍ଷାରୁ ବଞ୍ଚିତ ଶିଶୁ

ଜୟପାଟଣା,୧୨।୧୧(ସମିସ): ଗରିବ ଲୋକମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତୃଣମୂଳରେ କିପରି ସୁବିଧା ଆଉ ସହଜରେ ଲାଭ ପାଇପାରିବେ ସେଥିପାଇଁ ବିଭିନ୍ନ ନାରା ସହ ପ୍ରଚାରପ୍ରସାର ମଧ୍ୟ କରାଯାଉଛି। କିନ୍ତୁ ଏସବୁ କାଗଜପତ୍ରରେ ସୀମିତ ଥିବାବେଳେ ବାସ୍ତବତା ଯୋଜନାଠାରୁ ବହୁ ଦୂରରେ ବୋଲି ଆଲୋଚନା ହେଉଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ନବରଙ୍ଗପୁର ଜିଲ୍ଲା ସୀମାନ୍ତକୁ ଲାଗିଥିବା ଧନସୁଲି ପଞ୍ଚାୟତର କେନ୍ଦୁଗୁଡା ଗାଁରେ ଏବେବି ଲୋକଙ୍କୁ ମୌଳିକ ସୁବିଧା ମିଳିପାରି ନାହିଁ। ଆଧାର କାର୍ଡ ନ ଥିବାରୁ କୁନିକୁନି ଛୁଆମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେବାସହ ଅନେକ ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ମିଳୁନାହିଁ। ଗାଁରେ ନିରୀହ ଗରିବ ଆଦିବାସମାନେ ବସବାସ କରୁଥିବା ବେଳେ ଜନ୍ମ ପଞ୍ଜିକରଣ ପ୍ରମାଣପତ୍ର ମଧ୍ୟ ନାହିଁ। ଯାହାଫଳରେ ତାଙ୍କର କୁନି କୁନି ଛୁଆମାନଙ୍କ ଆଧାର କାର୍ଡ ହୋଇପାରୁ ନାହିଁ। ଆଧାରକାର୍ଡ ପାଇଁ ନା ମିଳୁଛି ଚାଉଳ ନା ମିଳିପାରୁଛି ସ୍କୁଲରେ ଆଡ୍‌ମିଶନ। ଏପରିସ୍ଥଳେ ଗାଁର ଅନେକ କୁନିକୁନି ଛୁଆଙ୍କ ଭବିଷ୍ୟତ ଅନ୍ଧାରରେ। ଆଧାରକାର୍ଡ ପାଇଁ ଜନ୍ମ ପଞ୍ଜିକରଣ ପ୍ରମାଣପତ୍ର ଦରକାର, ଯାହା ତାଙ୍କ ପାଖରେ ବର୍ତ୍ତମାନ ନାହିଁ। ଉକ୍ତ ଗାଁର ଇଚ୍ଛା ମାଝୀ (୧୦), ଗଜୀନ୍ଦ୍ର ମାଝୀ (୭), ଅଞ୍ଜନା ମାଝୀ (୬) ଆଧାରକାର୍ଡ ପାଇଁ ସ୍କୁଲ ଶିକ୍ଷାରୁ ବଞ୍ଚିତ ରହିଛନ୍ତି। ଗାଁରେ ଥିବା ସ୍କୁଲ, ଅଙ୍ଗନବାଡିରୁ ରିପୋର୍ଟ ଯାଉଛି କିନ୍ତୁ ତାହାର ନିରାକରଣ ପାଇଁ କୌଣସି



ସ୍ୱତନ୍ତ୍ର ବ୍ୟବସ୍ଥା ଅଦ୍ୟାବଧି ଗ୍ରହଣ କରାଯାଇ ନାହିଁ। ଜୟପାଟଣାରୁ ମାତ୍ର ୮ କିମି ଦୂରରେ ଥିବା ଗାଁର ଏଭଳି ଅବସ୍ଥା। ଏନେଇ ସ୍ଥାନୀୟ ସରପଞ୍ଚ କୈଳାସ ସାହୁଙ୍କୁ ପଚାରିବାରୁ ସେ ମୁଁ ଏନେଇ ବିଡିଓ ତଥା ଅନେକ ଥର ସମିତି ମିଟିଂରେ କହିଛି କିନ୍ତୁ କିଛି ସମାଧାନ ହୋଇନାହିଁ। ମୋ ପଞ୍ଚାୟତରେ ଏଭଳି ଅନେକ ଲୋକେ ହନ୍ତସନ୍ତ ହେଉଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅନୁରୋଧ କରିଛନ୍ତି।

# ଶିମିଳିପାଳରେ ଆରମ୍ଭ ହେବ ବାଘ ଗଣନା

ବାରିପଦା,୧୨।୧୧(ସମିସ): ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ) ପକ୍ଷରୁ ପ୍ରତି ୪ ବର୍ଷ ଅନ୍ତରରେ ହେଉଥିବା ସର୍ବଭାରତୀୟ ବାଘଗଣନା ୨୦୨୬ ମସିହାରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଶିମିପାଳ ବ୍ୟାଘ୍ର ସଂରକ୍ଷଣ (ଏସଟିଆର) ପ୍ରକଳ୍ପ ପକ୍ଷରୁ ରୋଡ ମ୍ୟାପ ପ୍ରସ୍ତୁତି କରାଯାଇଛି। ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ବିଶେଷଜ୍ଞ ସଦସ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ୬ମାସ ଧରି ଚାଲିବାକୁ ଥିବା ବାଘ ଗଣନା ନିମନ୍ତେ କାଗଜ କଲମ ପରିବର୍ତ୍ତେ ସ୍ୱତନ୍ତ୍ର ଆପ୍ଲିକେସନ ଓ ୱେବ ଲଗ୍ ଇନର ବ୍ୟବହାର କରାଯାଇ ବାଘ ଗଣନା ଆରମ୍ଭ ହେବ। ଏଥିପାଇଁ ଶିମିଳିପାଳ ବ୍ୟାଘ ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି।

ଶିମିଳିପାଳର ଘନ ଜଙ୍ଗଲରେ ସ୍ୱତନ୍ତ୍ର ସଫ୍ଟୱେର ବ୍ୟବହାର ମାଧ୍ୟମରେ ବାଘର ପ୍ରଜାତି, ବୟସ ଓ ଲିଙ୍ଗ ଆଦି ତଥ୍ୟ ଅପଲୋଡ କରାଯିବ। ଏଆଇ କ୍ୟାମେରା ବ୍ୟବହାର କରି ସ୍ୱତନ୍ତ୍ର ଆପ୍ଲିକେସନ ଓ ୱେବ ଲଗ୍ ଇନ ଦ୍ୱାରା ଏହା ସମ୍ପନ୍ନ ହେବ। ଏ ନେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣ (ସିଜେଡ୍‌ଏ)ରୁ ଅନୁମତି ପାଇବା ପରେ ଗଣନା ଆରମ୍ଭ ହେବ; ଯାହାକି ଶିମିଳିପାଳରେ ଚଳିତମାସଠାରୁ ବାଘ ଗଣନା ଆରମ୍ଭ ବୋଲି ଆଶା କରାଯାଉଛି। ଏଥିରେ ତାଲିମପ୍ରାପ୍ତ ଅଧିକାରୀଙ୍କ ସହିତ ବିଭିନ୍ନ ରେଞ୍ଜର କର୍ମଚାରୀ ସାମିଲ ହେବେ। ସିଜେଡ୍‌ଏଠାରୁ ଅନୁମତି ମିଳିବା ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଶିମିଳିପାଳ ଉତ୍ତର, ଦକ୍ଷିଣ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଆନନ୍ଦପୁର ଓ କୁଳଡିହା ଆଦି ୭ଟି ବନଖଣ୍ଡର ୧୬ଟି ରେଞ୍ଜରେ ଥିବା ୧୭୩ଟି ବିଟ୍ ଅଞ୍ଚଳରେ ଏହି ଗଣନା ଆରମ୍ଭ ହେବ। ଏହି ଗଣନା



ମାସାଧିକ କାଳ ପର୍ଯ୍ୟନ୍ତ ଚାଲିବ। ଏହି ଗଣନା ୨୦୨୬ ମାର୍ଚ୍ଚରେ ଶେଷ ହେବ। ସମସ୍ତ ତଥ୍ୟ ଏନଟିସିଏକୁ ପଠାଇବା ପରେ ୨୦୨୭ରେ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ପ୍ରତିଦିନ ସକାଳ ୯ରୁ ଅପରାହ୍ଣ ୪ଟା ଯାଏ ବାଘ ଗଣନା ହେବ। ନଭେମ୍ବରରୁ ଜାନୁଆରୀ ମଧ୍ୟରେ କ୍ୟାମେରା ଟ୍ରାପିଂ କରାଯିବ। ବାଘଙ୍କ ପାଦଚିହ୍ନ (ପଗ୍ ମାର୍କ) ସହ ମଳ ନମୁନା ସଂଗ୍ରହ କରାଯାଇ ଡିଏନ୍‌ଏ ସାମ୍ପଲିଂ କରାଯିବାର କାର୍ଯ୍ୟକ୍ରମ ରହିଛି।

ବାଘ ଗଣନାରେ ଏକ ହଜାରରୁ ଅଧିକ କ୍ୟାମେରା ଲଗାଯାଇଛି। ଏହି କ୍ୟାମେରାର ଚିତ୍ର ଉତ୍ତୋଳନ ସମୟରେ ଫ୍ଲାସ ହୋଇ ରେକର୍ଡ ହୋଇଥିବା ଫଟୋ ଏବଂ ଅନ୍ୟାନ୍ୟ ତଥ୍ୟ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଏନ୍‌ଟିସିଏକୁ ପ୍ରଦାନ କରାଯିବ। ଉକ୍ତ

■ ସିଜେଡ୍‌ଏଙ୍କ ଅନୁମତିକୁ ଅପେକ୍ଷା
■ ସଂଖ୍ୟା ଦ୍ୱିଗୁଣ ନେଇ ଏସ୍‌ଟିଆର୍ କର୍ତ୍ତୃପକ୍ଷ ଆଶାବାଦୀ
■ ଲଗାଯାଇଛି ଏକ ହଜାରରୁ ଊର୍ଦ୍ଧ୍ୱ କ୍ୟାମେରା

ଚିତ୍ରକୁ ସଫ୍ଟୱେର ମାଧ୍ୟମରେ ବିଶ୍ଳେଷଣ କରାଯାଇ ୨୦୨୭ରେ ରିପୋର୍ଟ ପ୍ରକାଶ ପାଇବ ବୋଲି ଡ ଗୋଗିନେନୀ କହିଛନ୍ତି। ପ୍ରାୟ ଏକ ବର୍ଷ ଧରି ମହାରାଷ୍ଟ୍ରରୁ ଅଣାଯାଇଥିବା ମହାବଳ ବାଘୁଣି ଜମୁନା ଓ ଜୀନତ ଶିମିଳିପାଳ ଲ୍ୟାଣ୍ଡସ୍କାପରେ ରହିଥିବା ବେଳେ ଦେଶର ସମସ୍ତ ୩୯ଟି କଳା ମହାବଳ ବାଘ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏହି ୩୯ଟି ଯାକ କଳା ବାଘ "ମେଲାନିଷ୍ଟିକ' ପ୍ରଜାତିର।

ଗତ ୨୦୨୨ର ପାନ୍‌ଇଣ୍ଡିଆ ବାଘ ଗଣନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଥିଲେ। ୨୦୦୭ ମସିହାରେ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୨୫୦ରୁ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା। ଉକ୍ତ କ୍ୟାମେରାରେ ଉକ୍ତ କଳା ମହାବଳ ବାଘର ଫଟୋ ସାମ୍ନାକୁ ଆସିଥିଲା। ତେବେ ଅଲ ଓଡିଶା ଟାଇଗର ଏଷ୍ଟିମେଟ ଅନୁଯାୟୀ ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ ରହିଛି। ରାଜ୍ୟରେ ୩୦ଟି ମହାବଳ ବାଘ ମଧ୍ୟରୁ କେବଳ ୨୭ଟି ଶିମିଳିପାଳରେ ରହିଛନ୍ତି। ପୂର୍ବରୁ ଏନଟିସିଏ ଶିମିଳିପାଳକୁ ବାଘ ବଂଶ ବୃଦ୍ଧି ପାଇଁ ଉତ୍କୃଷ୍ଟ ସ୍ଥାନ ଘୋଷଣା କରିଥିବା ବେଳେ ୨୦୨୨ରେ ଗଣନା ରିପୋର୍ଟରେ ଶାବକଙ୍କ ବାଦ ଦେଲେ ଶିମିଳିପାଳରେ ୧୬ଟି ମହାବଳ ରହିଥିବା ନେଇ ଉଲ୍ଲେଖ ଥିଲା। ଆଗାମୀ ୨୦୨୬ ଗଣନାରେ ଏହି ସଂଖ୍ୟା ୪୦ରେ ପହଞ୍ଚିବ ବୋଲି ବନବିଭାଗର ଅଧିକାରୀ ଅନୁମାନ ଚଳାଇଛନ୍ତି। ଏଭଳିଭାବେ ବୃଦ୍ଧି ପାଇଲେ ୨୦୩୦ସୁଦ୍ଧା ବାଘ ସଂଖ୍ୟା ୬୦ରୁ ୭୦ ମଧ୍ୟରେ ରହିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଆକଳନ କରାଯାଇଛି।

## ଅଘଟଣ ଘଟିଲେ ମନେ ପଡ଼େ ସତର୍କତା

# ସବୁଠି ଖୋଲାମେଲା; ଯାଞ୍ଚ କେବଳ ବଟିରେ ସୀମିତ

ବସ୍ତା ବ୍ଲକ, ୧୨।୧୧ (ସମିସ)






ରାଜଧାନୀ ଦିଲ୍ଲୀର ଛାତି ଉପରେ ଆତ୍ମଘାତୀ ବିସ୍ଫୋରଣ ପରେ ହଠାତ୍ ଚେଇଁ ଉଠିଛନ୍ତି ସରକାର। ଦେଶ ବ୍ୟାପୀ ହାଇ ଆଲର୍ଟ କରାଯାଇଛି। ଏହି କ୍ରମରେ ରାଜ୍ୟ ସରକାର ଓଡ଼ିଶାକୁ ମଧ୍ୟ ହାଇ ଆଲର୍ଟ ଜାରି କରିଛନ୍ତି। ସବୁଠି ପଇଁତରା ମାରୁଛି ପୁଲିସ। ଯେଉଁଠି ସେଇଠି ଯାଞ୍ଚ କରୁଛନ୍ତି। ତାହାରି ଭିତରେ ବି ଅର୍ଥ ଆଦାୟ ଚାଲିଥିବା କୁହା ଯାଉଛି। ଯାଞ୍ଚ କେବଳ ମଦ ଫୁଙ୍କା, ବାଲି ଗାଡ଼ି, ମୋରମ ଗାଡ଼ି, ଗୋରୁ ଗାଡି, କାଠ ଗାଡ଼ି, ଭଳି ବେଆଇନ ପରିବହନ ଉପରେ ପୁଲିସର ଆଖି ସୀମିତ। ଦିନକୁ ଦିନ ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ଘଟଣା ଘଟିଲେ ମନେପଡେ ସତର୍କତା। ଗୋଟିଏ ପୁଲିସ ଗାଡ଼ି ନେଇ ସମୁଦ୍ରକୂଳ ବୁଲିଆସିଲେ ଓ ରାଜପଥ ଉପରେ ଘଣ୍ଟ ଦୁଇ ଘଣ୍ଟା ଯାଞ୍ଚ କଲେ ସବୁ ଅପରାଧିକ ମାମଲାକୁ ପ୍ରତିହତ କରାଯିବ ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଏଠି ଜଳପଥ ଓ ସଡ଼କ ପଥ, ରେଳପଥ ହେଉ ସବୁ ଖୋଲା ମେଲା। ଏହି କ୍ରମରେ ଦେଖିବାକୁ ଗଲେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନାଠାରୁ ୩୫ କିଲୋମିଟର ଦୂରରେ ରହିଛି ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣ ନାଥ। ଦୁଇ ରାଜ୍ୟର ସୀମାନ୍ତ ହେଉଛି ତାଳସାରି। ଦୁଇ ରାଜ୍ୟକୁ ସଡ଼କ ପଥରେ ଯୋଡୁଛି ୬୦ ନମ୍ବର ଜାତୀୟ ରାଜପଥ। ରାଜପଥ ଛାଡ଼ି ସୀମାରେ ବହୁତ ଗଳା ବାଟ ରହିଛି। ବିଭିନ୍ନ ରାଜ୍ୟରୁ ଶହ ଶହ ଗାଡି ମୋଟର ଓଡ଼ିଶା ଭିତରକୁ ପଶୁଛି। ମୁକୁଳା ସୀମା ସହିତ ଯାଞ୍ଚ ବ୍ୟବସ୍ଥା ଢିଲା ଯୋଗୁଁ ଦିନକୁ ଦିନ ଅପରାଧିକ ମାମଲା ବୃଦ୍ଧି ପାଉଛି। କିଏ କେଉଁ କାର୍ଯ୍ୟରେ ଆସୁଛି ତାକୁ ଦେଖିବା ପାଇଁ କେହି ନାହିଁ। ବ୍ୟାଙ୍କ ଡକାୟତି ହେଉ କିମ୍ବା ଏଟିଏମ୍ ଲୁଟ ହେଉ, ବ୍ରାଉନ ସୁଗାର ହେଉ କିମ୍ବା ଗଞ୍ଜେଇ ଚାଲାଣ ହେଉ, ବେଆଇନ ମାଲ ପରିବହନ ହେଉ କି ଲୁଟ ତରାଜ୍ ହେଉ ଅଧିକାଂଶ ମାମଲାରେ ବାହାର ରାଜ୍ୟ ଅପରାଧୀଙ୍କ ସଂପୃକ୍ତି ରହିଛି। ଅପରାଧୀଙ୍କୁ ଧରିବା ମଧ୍ୟ ପୁଲିସ ଅସମର୍ଥ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ରାଜପଥ ଉପରେ ବିନା ନମ୍ବର ପ୍ଲେଟ, ଭୁଲ ନମ୍ବର ପ୍ଲେଟ ଲଗାଇ ଅନେକ ଗାଡ଼ି ଯାତାୟାତ କରୁଛି। ରାଜପଥ ପାଶ୍ୱର୍ରେ ଶହ ଶହ ଢ଼ାବାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାହାର ରାଜ୍ୟ ର ଗାଡ଼ି ମୋଟର ଛିଡ଼ା ହୋଇ ରହୁଛି। ନିଛାଟିଆ ସ୍ଥାନରେ ଦୀର୍ଘ ଦିନ ଧରି ଗାଡ଼ି ଛିଡ଼ା ହୋଇ ରହୁଥିବା ଦେଖିବାକୁ ମିଳିଛି। ତାକୁ ଯାଞ୍ଚ କରିବାକୁ କେହି ନାହିଁ। ବାହାର ରାଜ୍ୟ ର ଅପରାଧୀମାନେ ଓଡ଼ିଶାକୁ ସୁରକ୍ଷିତ ମଣୁଛନ୍ତି ଓ ଘଟଣା ଘଟାଇ ସାରି ନଦ୍ୱର୍ନ୍ଦ୍ୱରେ ସେମାନେ ସୀମା ଅତିକ୍ରମ କରି ପଳାଉଥିବା ଅଭିଯୋଗ ହେଉଛି। ସେହିପରି ଜଳପଥ କଥା ନ କହିଲେ ଭଲ। ବାଲେଶ୍ୱର ଜିଲ୍ଲାରେ ବିସ୍ତୀର୍ଣ୍ଣ ବେଳାଭୂମି ଥିବା ବେଳେ ଏକାଧିକ ଜେଟି ରହିଛି। ଯାହାଫଳରେ ଜଳପଥରେ ଅବାଧ ବେନିୟମ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ଏହାର ଉଦାହରଣ ସ୍ୱରୂପ ଗତ ୩ ଦିନ ତଳେ ଜଳପଥର ଗୁଆ ଆସି ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ସମୁଦ୍ର ବେଳାଭୂମିରୁ ସଡ଼କ ପଥରେ ଚାଲାଣ ହେଉଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲା। ଏମିତି ଚୋରା ଚାଲାଣ ଯେ ପୂର୍ବରୁ ହୋଇ ନ ଥିବ ଓ କ'ଣ କ'ଣ ସାମଗ୍ରୀ ଆସି ନଥିବ ତାହା କିଏ କହି ପାରିବ ବୋଲି ଚର୍ଚ୍ଚା ହେଉଛି। ବିଦେଶରୁ ଜଳପଥ ରେ ଚାଲାଣ ହେଉଥିବା ରାକେଟ ସକ୍ରିୟ ଥିବା ସାଧାରଣରେ ଆଲୋଚନା ହେଉଛି। ସମୁଦ୍ର ତଟ ବର୍ତ୍ତି ଅଞ୍ଚଳରେ ବିଭିନ୍ନ ଅଞ୍ଚଳ ର ଲୋକେ ରହୁଥିବା ସହିତ କାର୍ଯ୍ୟ କରୁଛନ୍ତି। ତାଙ୍କର ସଠିକ୍ ଢଙ୍ଗ ରେ ଯାଞ୍ଚ ହେଉନାହିଁ ବୋଲି ଶୁଣିବାକୁ ମିଳୁଛି। ସାମୁଦ୍ରିକ ଥାନାମାନଙ୍କରେ ମଧ୍ୟ ଆବଶ୍ୟକ କର୍ମଚାରୀ ନାହାନ୍ତି। ଯେଉଁଠି ଅନୁପ୍ରବେଶକାରୀଙ୍କ ଭୟ, ସେଇଠି ଯାଞ୍ଚ ବ୍ୟବସ୍ଥା ଢିଲା। ଯାହାର ଫାଇଦା ଅପରାଧୀଙ୍କୁ ସୁହାଉଛି। କୌଣସି ଘଟଣା ଘଟିଲେ କେବଳ ମାମଲା ଓ ତଦନ୍ତ ଆଳ ଦେଖାଇ ପୁଲିସ କାର୍ଯ୍ୟ ସାରି ଦେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲୋକେ କୌଣସି ସନ୍ଦିଗ୍ଧ ବ୍ୟକ୍ତିକୁ ଦେଖୁଛନ୍ତି ପୁଲିସକୁ ଖବର ଦେବାକୁ ପଛ ଘୁଂଚା ଦେଉ ଥିବା କୁହା ଯାଉଛି। ପୁଲିସ ଖବର ଦେଇଥିବା ଲୋକକୁ ଅଧିକ ଜେରା କରୁଛନ୍ତି। ଥାନା କୋର୍ଟ କଚେରୀ ପାଇଁ ଲୋକେ ଚୁପ୍ ରହୁଛନ୍ତି। ଯାହାର ଫାଇଦା ଉଠାଉଛନ୍ତି ଅପରାଧୀ। ସେହିପରି ରେଳପଥର ଅବସ୍ଥା ମଧ୍ୟ ନ କହିଲେ ଭଲ। ଟ୍ରେନ ଓ ଷ୍ଟେସନ ରେ ଯାଞ୍ଚ ନାହିଁ। ଟ୍ରେନରୁ ଓହ୍ଲାଉଥିବା ଯାତ୍ରୀ ଓ ଟ୍ରେନ ଭିତରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ମଧ୍ୟ ଯାଞ୍ଚ ହେଉ ନାହିଁ। ଷ୍ଟେସନ ମାନଙ୍କରେ ରେଳବାଇ ପୁଲିସର ଦେଖା ମିଳୁନି। ଅନେକ ସମୟରେ ଅଲଗା ଭାଷା କହୁଥିବା ଓ ଚାଲିଚଳନ ଭିନ୍ନ ଥିବା ଅନେକ ଲୋକ କୁ ଦେଖିବାକୁ ମିଳୁଛି। ଏହି ଭଳି ଯାଞ୍ଚ ପ୍ରକ୍ରିୟା ଢିଲା ରାଜ୍ୟ, ଜିଲ୍ଲାକୁ କେତେ ସୁରକ୍ଷା ଦେଇ ପାରିବ ଏହା ଏକ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ସରକାର ସୀମାରେ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ମୃତ୍ୟୁ ପରେ ଚକ୍ଷୁଦାନ କରି ଅମର ହେଲେ ରାମକୃଷ୍ଣ



ଜଳେଶ୍ୱର ବ୍ଲକ, ୧୨।୧୧ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସହର ଉପଖଣ୍ଡ ସାନ୍ତିଆ ଗ୍ରାମର ଅନିଲ କୁମାର ରଣାଙ୍କ ପୁତ୍ର ରାମକୃଷ୍ଣ ରଣା ଓ ବିଶ୍ୱଜିତ୍ ରଣା ଦୁଇ ଭାଇ କୌଣସି ଏକ କାର୍ଯ୍ୟରେ ବାଇକ୍ ଯୋଗେ ଭୁବନେଶ୍ୱର ଯାଇ ଘରକୁ ଫେରୁଥିବା ସମୟରେ ବରମୁଣ୍ଡା ରସୁଲଗଡ ଫ୍ଲାଏ ଓଭରବ୍ରିଜରେ ଗାଡ଼ି ଚାଳନାରେ ଅସାବଧାନତା ଯୋଗୁଁ ବାଇକଟି ଦୁର୍ଘଟଣା ହେତୁ ପଛରେ ବସିଥିବା ରାମକୃଷ୍ଣ ରଣା(୨୭) ଗାଡ଼ିରୁ ଛିଟିକି ପଡ଼ି ପଛ ପଟ ମୁଣ୍ଡର ଆଘାତ ଲାଗିଥିଲା। ଯାହା ଫଳରେ ସେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାପା, ମା'ଙ୍କ ଅନୁମତି କ୍ରମେ ରାମକୃଷ୍ଣଙ୍କ ଦୁଇଟି ଆଖି ଦାନ କରାଯାଇଛି। ଯାହାକୁ ନେଇ ଜଳେଶ୍ୱର ଅଞ୍ଚଳରେ ତାଙ୍କ ପରିବାର ବର୍ଗଙ୍କୁ ବିଭିନ୍ନ ମହଲରୁ ସମବେଦନା ଜଣାଇବା ସହିତ ତାଙ୍କ ବାପା ଅନିଲ କୁମାର ରଣା, ଓ ମାତା ଅମିତା ରଣାଙ୍କୁ ସାଧୁବାଦ ଜ୍ଞାପନ ଜଣାଇଛନ୍ତି। ଗ୍ରାମର ସଭାପତି ଶିତାଂଶୁ ସେନାପତି, ଅମୂଲ୍ୟ ଅଣ୍ଡିଆ ରଞ୍ଜିତ ପାତ୍ର ପ୍ରମୁଖ ଗ୍ରାମବାସମାନେ ତାଙ୍କ ପରିବାର ପକ୍ଷରୁ ଅପରି ମହାନ କାର୍ଯ୍ୟ ପାଇଁ ଆଉ ଜଣେ ଦୁନିଆ ଦେଖିପାରିବ। ସମସ୍ତ ସରକାରୀ ସହାୟତା ସହିତ ଦୁର୍ଘଟଣାଜନିତ ମୃତ୍ୟୁର ସହାୟତା ରାମକୃଷ୍ଣଙ୍କ ପରିବାରକୁ ତୁରନ୍ତ ପ୍ରଦାନ କରିବାକୁ ସରକାରଙ୍କ ପାଖରେ ଗ୍ରାମବାସୀ ଦାବି କରିଛନ୍ତି।

## ବାଲିଆପାଳ ସ୍ୱାଭିମାନୀ ମଞ୍ଚ ପକ୍ଷରୁ ବିଶାଳ ରକ୍ତଦାନ ଶିବିର



**୧୦୬ ୟୁନିଟ ରକ୍ତ ସଂଗୃହୀତ**

ବାଲିଆପାଳ/କାଳିପଦା, ୧୨।୧୧ (ସମିସ): ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ୫୦ତମ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ସଦସ୍ୟମାନେ। ବାଲିଆପାଳର ବିଭିନ୍ନ ସମସ୍ୟାକୁ ନେଇ ସ୍ୱର ଉତ୍ତୋଳନ କରୁଥିବ ସ୍ୱାଭିମାନୀ ମଞ୍ଚ ପକ୍ଷରୁ ଆଜି ସ୍ଥାନୀୟ ବାଲିଆପାଳ ବ୍ଲକ ଇଡକୋ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ କରିଥିଲା। ଏହି ରକ୍ତଦାନ ଶିବିରକୁ ବାଲିଆପାଳ ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରା ପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ପ୍ରୀତମ ସାହୁ ମିଳିତ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁପୁରା ସରପଞ୍ଚଙ୍କ ସ୍ୱାମୀ ସମାଜସେବୀ ଲମ୍ବୋଦର ମାହାନା, ସମାଜସେବୀ ପ୍ରଫୁଲ୍ଲ ପାତ୍ର, ଅଧ୍ୟାପକ ଡ. ସୁଶାନ୍ତ ଦାସ, ସୁକାନ୍ତ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରତାପ କୁମାର ପାତ୍ର, ରାଧା ଗୋବିନ୍ଦ ଦାସ, ହାଡିବନ୍ଧୁ ରାଉତ ତଥା ଆଇନଜୀବୀ ସାଇରୁଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ୧୦୬ ୟୁନିଟ ରକ୍ତ ରେଡ଼କ୍ରସ ପକ୍ଷରୁ ଡାକ୍ତର ଓ କର୍ମଚାରୀଙ୍କ ଦ୍ୱାରା ସଂଗୃହୀତ କରାଯାଇଥିଲା। ନିଜ ଜନ୍ମ ଦିନରେ ରକ୍ତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବା ସହିତ ପରିବାର ମୁହଁରେ ହସ ଫୁଟାଇବା ରକ୍ତଦାନ ଶିବିରର ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ରକ୍ତଦାନ ଶିବିରକୁ ସ୍ୱାଭିମାନୀ ମଞ୍ଚର ବରିଷ୍ଠ ସଦସ୍ୟ ଶ୍ରୀଗୋବିନ୍ଦ ଦେବାଶିଷ ପାତ୍ର, ବିକ୍ରମ କିଶୋରୀ ଦେ, ହରିବନ୍ଧୁ ଜେନା, ହରିହର ପ୍ରଧାନ, ରିଙ୍କୁ ରଞ୍ଜନ କର ପ୍ରମୁଖ ସଦସ୍ୟ ମାନେ ପରିଚାଳନା କରିଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା ଶିବିର



ଜଳେଶ୍ୱର ବ୍ଲକ, ୧୨।୧୧(ସମିସ): ଜଳେଶ୍ୱର ଷ୍ଟେସନ ସମ୍ମୁଖ ଟେମ୍ପୋ ଷ୍ଟାଣ୍ଡ ପରିସରରେ ରୋଟାରୀ କ୍ଲବ ସୁବର୍ଣ୍ଣ ରେଖା ରାଇବଣିଆ ଓ ରାସଗୋବିନ୍ଦପୁରସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ସହଯୋଗରେ ଗାଡ଼ି ଚାଳକମାନଙ୍କ ପାଇଁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆଜି ଅନୁଷ୍ଠିତ ହୋଇଯାଇଅଛି। ରୋଟାରୀ କ୍ଲବର ଉପଦେଷ୍ଟା ସୁକୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ କ୍ଲବର ସଭାପତି ପ୍ରାଣକୃଷ୍ଣ ଗିରି ଉଦ୍‌ଘାଟନ କରିଥିଲେ।ଏଥିରେ ୫୮ରୁ ଅଧିକ ଟେମ୍ପୋ, କାର ଡ୍ରାଇଭର ଙ୍କର ଚକ୍ଷୁ ପରୀକ୍ଷା କରିବା ସହିତ ଯୋଗ୍ୟ ବ୍ୟକ୍ତି ମାନଙ୍କୁ ଉପଯୁକ୍ତ ଚଷମା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ରୂପେ ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂ, ସମ୍ମାନିତ ଅତିଥି ରୂପେ ରୋଟାରୀ କ୍ଲବର ପୂର୍ବତନ ସଭାପତି ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡ. ଅଜିତ ମହାନ୍ତି, ବରିଷ୍ଠ ଆଇନଜୀବୀ ପତିତପାବନ ପ୍ରଧାନ, ସମାଜସେବୀ ବୀରେନ୍ଦ୍ର ନାଥ ପାତ୍ର, ଅଟୋ ସଂଘ ସମ୍ପାଦକ ଅଜିତ୍ କୁମାର ପରିଡା, କୋଷାଧ୍ୟକ୍ଷ ନନ୍ଦ କିଶୋର ଜେନା, ଶ୍ରୀ ଜଗନ୍ନାଥଙ୍କ ଅଟୋ ସଂଘ, ଜଳେଶ୍ୱର-ପଶ୍ଚିମବାଡ ଓ ଜଳେଶ୍ୱର-ଜମାଳପୁର, ଜଳେଶ୍ୱର- କେଶପୁରା, ସୁବାଷ ବୋଷ ଅଟୋ ଚାଳକ ସଂଘର ସଦସ୍ୟମାନେ ଚକ୍ଷୁ ପରୀକ୍ଷା କରିବା ସହିତ ଯୋଗ୍ୟ ବ୍ୟକ୍ତି ମାନଙ୍କୁ ଉପଯୁକ୍ତ ଚଷମା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଶିବିର ସଂଯୋଜକ ରଂଜନ କୁମାର ନାୟକ, କିରଣ ନାୟକ, ଉର୍ମିଳା ମହାନ୍ତ, ତପସ୍ୱିନୀ ପାତ୍ର ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ଟେମ୍ପୋ, କାର ଚାଳକ ଉକ୍ତ ଶିବିରରେ ଉପସ୍ଥିତ ରହି ଡ୍ରାଇଭର ମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

## ପୂର୍ବ ଭାରତ ନାଟକ ପ୍ରତିଯୋଗିତା \ ଦହମୁଣ୍ଡା ହାଇସ୍କୁଲ ପ୍ରଥମ



ଭୋଗରାଇ,୧୨।୧୧(ସମିସ): ଗତ ମଙ୍ଗଳବାର କୋଲକାତାସ୍ଥିତ ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଟେକନୋଲୋଜିକାଲ ମ୍ୟୁଜିୟମଠାରେ ପୂର୍ବ ଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବା ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନଭିତ୍ତିକ ନାଟକ "ପାରାସିଟାମଲ' ପରିବେଷଣ କରିଥିଲେ। ପଶ୍ଚିମବଙ୍ଗ, ବିହାର ଓ ଆଣ୍ଡାମାନ-ନିକୋବରକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରକାଶ ଥାଉ କି, ପଶ୍ଚିମବଙ୍ଗର ନାଟକ 'ପୁନର୍ଜନ୍ମ' ଦ୍ୱିତୀୟ ଓ କେନ୍ଦ୍ରାପଡ଼ା, ଓଡ଼ିଶାର ନାଟକ 'ଝିଅ ତୁ ଜଗତ ଜିତା' ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ୨୦୨୬ ଜାନୁଆରୀ ୬ ଓ ୭ରେ କୋଲକାତା ବିର୍ଲା ମ୍ୟୁଜିୟମଠାରେ ହେବାକୁ ଥିବା ଜାତୀୟ ବିଜ୍ଞାନ ନାଟକ ଉତ୍ସବରେ ଭାରତର ୫ଟି ଜୋନର ଅନ୍ୟ ୯ଟି ନାଟକ ସହିତ ଭାଗନେବା ନିମନ୍ତେ ଏହି ଟିମ୍ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶିକ୍ଷକ ଦେବବ୍ରତ ଦେଙ୍କ ରଚିତ ଓ ଶିକ୍ଷକ ଚନ୍ଦନ କୁମାର ଦାସଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଅଭିନୟ କରିଥିବା କଳାକାର ଜୟଶ୍ରୀ ମହାପାତ୍ର, ସୁଲଗ୍ନା କରଣ, ସୌରଭ କୁମାର ସାହୁ, ଶୁଭାୟନ ଦାସ ଅଧିକାରୀ, ବିବେକାନନ୍ଦ ପ୍ରଧାନ, ଶିବଶଙ୍କର ଗିରି, ଶିବନାରାୟଣ ଦାସ ଓ ମୃତ୍ୟୁଞ୍ଜୟ ଦେ ପ୍ରମୁଖ ଅଭିନୟ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ ନାୟକ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ହରେନ୍ଦ୍ର କୁମାର ମହନ୍ତ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଂଜନ ଦାସ, ବିଆରସିସି ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଭୋଗରାଇ ବ୍ଲକର ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି, ଦହମୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ଆଲୋକ ପ୍ରଧାନ ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ବାହାନଗାରେ ଏଟିଏମ୍ ଚୋରି ଉଦ୍ୟମ ଘଟଣାରେ ଜଣେ ଗିରଫ

ସୋର, ୧୨।୧୧(ସମିସ): ସୋର ଥାନା ବାହାନଗା ବଜାରରେ ଥିବା ଏକ ଏଟିଏମକୁ ଭାଙ୍ଗି ଚୋରି ଉଦ୍ୟମ ଘଟଣାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ସୋମବାର ବିଳମ୍ବିତ ରାତିରେ ବାହାନଗା ବଜାରରେ ଥିବା ଇଣ୍ଡିଆ ୱାନ ଏଟିଏମ ନିକଟରେ ଦୁଇ ଜଣ ଯୁବକ ସନ୍ଦେହଜନକ ଭାବେ ବୁଲୁଥିଲେ। କୌଣସି ସୂତ୍ରରୁ ଖବର ପାଇ ରାତିରେ ପାଟ୍ରୋଲିଂ କରୁଥିବା ସୋର ଥାନା ଏସଆଇ କେଶବ ବେଶ୍ରା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୁଲିସ ଗାଡି ଦେଖି ଏଟିଏମ ଭିତରେ ପଶି ଚୋରି ଉଦ୍ୟମ କରୁଥିବା ଯୁବକ ସମେତ ବାହାରେ ଅପେକ୍ଷା କରିଥିବା ଯୁବକ ଦ୍ୱୟ ଦୌଡ଼ି ଖସି ପଳେଇ ଯିବାକୁ ଚେଷ୍ଟା କରିଥିଲେ। ଫଳରେ ପୁଲିସ ଉଭୟଙ୍କୁ ପିଛା କରି ଷଠୀ ଗ୍ରାମର ରାଜେନ୍ଦ୍ର ଘଡେଇ(୨୬) କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଅନ୍ଧାରରେ ଖସି ପଳେଇ ଯିବାକୁ ସକ୍ଷମ ହୋଇଥିଲା। ଫଳରେ ଏଟିଏମ ଚୋରି ଉଦ୍ୟମ ବିଫଳ ହୋଇଥିବା ବେଳେ ପୁଲିସ ଏକ ଶାବଳ ଓ ଏକ ସ୍କ୍ରୁଡାଇଭର ଜବତ କରିବା ସହିତ ରାଜେନ୍ଦ୍ରକୁ ଥାନାରେ ଅଟକ ରଖିଥିଲେ। ଏ ବାବଦରେ ଏଟିଏମ କର୍ତ୍ତୃପକ୍ଷ ଗତକାଲି ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ରାଜେନ୍ଦ୍ରକୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

## ଜନଜାତି ଗୌରବ ଦିବସ ପାଳନ ପ୍ରସ୍ତୁତି

ନୀଳଗିରି, ୧୨।୧୧ (ସମିସ): ବୁଧବାର ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜନଜାତି ଗୌରବ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକ ଡା. ସରୋଜିନୀ ପ୍ରଧାନ, ନୀଳଗିରି ଭାରାପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ମାନସୀ ମାସନ୍ତ, ଆଇଟିଡିଏର ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ତଲୱାର ଜେନା, କୈଳାସ ଚନ୍ଦ୍ର ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୌଶିକ ଦାସ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଦିବସଟିକୁ ଆନନ୍ଦ ଉଲ୍ଲାସର ସହ ସରସ ସୁନ୍ଦର କରି ପାଳନ କରିବା ପାଇଁ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଗତ ବର୍ଷ ଭଳି ଏହି ବର୍ଷ ମଧ୍ୟ ସରକାରଙ୍କ ପକ୍ଷରୁ ଜନଜାତି ଗୌରବ ଦିବସ ଆସନ୍ତା ୧୫ ତାରିଖରେ ସ୍ଥାନୀୟ ଇଣ୍ଡୋର୍ ଷ୍ଟାଡିୟମ୍ ପରିସରରେ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ଦିବସକୁ ସଫଳ ଏବଂ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ବର୍ଗର ବରେଣ୍ୟ ତଥା ସମ୍ମାନୀତ ଅତିଥି ଗଣଙ୍କୁ ନିମନ୍ତ୍ରିତ କରାଯିବା ସହିତ ଯୋଗ୍ୟ ଜନଜାତି ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ, ବିଭିନ୍ନ ବର୍ଗର ଛାତ୍ର ଛାତ୍ରୀ ଏବଂ ସ୍ତରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ ସେଲ୍ଫି ପଏଣ୍ଟ, ମିଶନ ଶକ୍ତି ଦ୍ୱାରା ଷ୍ଟଲ ଆଇଟିଡିଏ ତରଫରୁ ଲାଖ, ସବାଇ ଘାସର ସାମଗ୍ରୀ, ବେତ ଉପକରଣ, ମିଲେଟ ମିଶନ ଆଦି ଅଂଶଗ୍ରହଣ କରିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏତଦ୍ ଭିନ୍ନ ବିଭିନ୍ନ ଜନଜାତିମାନଙ୍କ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇଛି ପରି ଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଦିଲ୍ଲୀପ ଘୋଷଙ୍କ କବିତା ଗୁଚ୍ଛ 'କୁହୁଡି' ଉନ୍ମୋଚିତ

ଜଳେଶ୍ୱର,୧୨।୧୧(ସମିସ): ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ୩ୟ ସର୍ଜନା କବିତାଗୁଚ୍ଛ 'କୁହୁଡି' ଉନ୍ମୋଚିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅନୁଷ୍ଠାନର ଇଂରାଜୀ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ସଭାପତିତ୍ୱ କରି ଥିବାବେଳେ ମୁଖ୍ୟ ଅତିଥି ଭାବେ ସାରସ୍ୱତ ସାଧକ ଡ. ଜଗତବନ୍ଧୁ ଆଚାର୍ଯ୍ୟ ଯୋଗ ଦେଇ କବି ଯୁଗ ଯନ୍ତ୍ରଣାର ରୂପକାର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ସାହିତ୍ୟ ସମାଜର ହିତସାଧନ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭ୍ୟ ବିଶିଷ୍ଟ କବି କାଳିପଦ ପଣ୍ଡା ଯୋଗଦେଇ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି ଲାଗି ଚେତନାର ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଚନ୍ମୟ ଦାସ ଯୋଗ ଦେଇଥିବା ବେଳେ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ମଞ୍ଚ ଆହ୍ୱାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ବାଲିଆପାଳ, ୧୨।୧୧ (ସମିସ)



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନେତାଜୀ ଷ୍ଟାଡିୟମରେ ବୁଧବାର ପୂର୍ବାହ୍ନରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଏବଂ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ମନୋରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଉପସ୍ଥିତ କୃଷକମାନଙ୍କୁ ଜୈବିକ ପଦ୍ଧତିରେ କୃଷି କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ରବିନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବା ପାଇଁ କୃଷକ ମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ଅମିତା ରାଣୀ ପାତ୍ର, ମତ୍ସ୍ୟ ଅଧିକାରିଣୀ ରେଶମା ରାଣୀ ସିଂ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ରବିନାରାୟଣ ପଟ୍ଟନାୟକ, ୨୨ ନମ୍ବର ଜିଲ୍ଲା ପରିଷଦ ନିଶାକର ସେଠୀ, ୨୪ ନମ୍ବର ଜିଲ୍ଲା ପରିଷଦ ବାବାଜୀ ଦେହୁରୀ,୨୩ ନମ୍ବର ଜିଲ୍ଲା ପରିଷଦ ବେଣୁଧର ଜେନା,୨୧ ନମ୍ବର ଜିଲ୍ଲା ପରିଷଦ କାଞ୍ଚନ ବାଳା ଜେନା,ନିଖିରା ସରପଞ୍ଚ ଅଞ୍ଜନ ଗିରି, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ସାଉଡି ସରପଞ୍ଚ ଧରଣୀଧର ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ। ଏହି ଶିବିରରେ ୫୬୦ ଜଣ ଚାଷୀ ନାମ ପଞ୍ଜିକରଣ କରିଥିଲେ। ୧୨ଟି ଷ୍ଟଲରେ ବିଭିନ୍ନ କୃଷି ଭିତ୍ତିକ ବହୁ ତଥ୍ୟ ସଂପର୍କରେ ପ୍ରଦର୍ଶିତ କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟଅତିଥି ସୁବାସିନୀ ଜେନା ପହଞ୍ଚିବା ପୂର୍ବରୁ ମୁଖ୍ୟବକ୍ତା ତଥା ସାଂସଦଙ୍କ ପ୍ରତିନିଧି ରବିନ୍ଦ୍ର ନାଥ ଅଣ୍ଡିଆଙ୍କ ଦ୍ୱାରା ଫିତା କଟାକୁ ନେଇ ଏକ ହାଇ ଭୋଲଟେଜ ଡ୍ରାମା ଦେଖିବାକୁ ମିଳିଥିଲା। ମୁଖ୍ୟଅତିଥି ଶ୍ରୀମତୀ ଜେନା ପହଞ୍ଚିବାପରେ ସଭାସ୍ଥଳରେ ତାଙ୍କ ସମର୍ଥକମାନେ ହୋହାଲ୍ଲା କରିଥିଲେ। ପରେ ଦାୟିତ୍ୱରେ ଥିବା ଅଧିକାରୀମାନେ ପୁଣିଥରେ ରିବନ ବାନ୍ଧି ଶ୍ରୀମତୀ ଜେନାଙ୍କ ଦ୍ୱାରା ଫିତାକାଟି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ଶ୍ରେଷ୍ଠ ବତକ ଚାଷୀ ଭାବରେ ପ୍ରତାପପୁରର ଜଗନ୍ନାଥ ସାମନ୍ତରାୟ, ଶ୍ରେଷ୍ଠ ଗୋପାଳକ ଭାବରେ କଟିସାହି ଗ୍ରାମର ରାଧା ଶ୍ୟାମ ଦେ, ଶ୍ରେଷ୍ଠ ଛେଳି ଚାଷ ପାଇଁ

### ଗୋଟିଏ କାର୍ଯ୍ୟକ୍ରମ ଦୁଇ ଥର ଉଦ୍‌ଘାଟନକୁ ନେଇ ବିଭାଗୀୟ ଅଧିକାରୀ ସମାଲୋଚିତ

ବଳରାମପୁରର ଭବେନ୍ଦ୍ର ମୁଖୀ, ମାଛଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା ପାଇଁ ଦେଉଳାର ଭଗବାନ ରାୟ, ଜୈବିକ ପଦ୍ଧତିରେ ମାଛଚାଷ ପାଇଁ ଡଗରାର ଗୌରହରି ଖଟୁଆ, ଉନ୍ନତ ମାନର ମାଛ ଯାଆଁଳ ଉତ୍ପାଦନ ପାଇଁ ଛୟାଳିଆ ଗ୍ରାମର ସନ୍ଧ୍ୟାରାଣୀ ଜେନା, ପଞ୍ଚାୟତ ପୋଖରୀକୁ ଲିଜ ସୂତ୍ରରେ ନେଇ ସଫଳତାର ସହିତ ମାଛଚାଷ କରି ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଚୌମୁଖ ପଞ୍ଚାୟତର ସୁବର୍ଣ୍ଣେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ରୟଲେର କୁକୁଡ଼ା ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଦେଉଳା ପଞ୍ଚାୟତର ଲରେନ ସେସରେନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖଙ୍କୁ ସଫଳ ଚାଷୀ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମକୁ ଆମନ୍ତ୍ରିତ ହୋଇ ଆସିଥିବା ଚାଷୀ ମାନଙ୍କ ପାଇଁ ଅଲଗା ଖାଦ୍ୟର ବ୍ୟବସ୍ଥା ହୋଇଥିଲା ବେଳେ ଉପସ୍ଥିତ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଅଧିକାରୀ ମାନଙ୍କ ପାଇଁ ମଟନ ବ୍ୟବସ୍ଥା ଦେଖି ଆମନ୍ତ୍ରିତ ଚାଷୀ ମାନେ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଆଲୋକ କୁମାର ପଣ୍ଡା ପରିଚାଳନା କରିଥିଲାବେଳେ ବାଲିଆପାଳ ସହକାରୀ ମତ୍ସ୍ୟ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଏବଂ ବ୍ଲକ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ରାସ୍ତାକଡ଼ରେ ପଡି ରହୁଛି ଡ୍ରେନ୍ ଅଳିଆ



ବାଲେଶ୍ୱର,୧୨।୧୧(ସମିସ): ବାଲେଶ୍ୱର ସହରକୁ ସରସ ସୁନ୍ଦର କରିବା ପାଇଁ ପୌରପରିଷଦର ବିଭିନ୍ନ ୱାର୍ଡରେ ସରକାରୀ ଅନୁଦାନରେ କାର୍ଯ୍ୟ କରାଯାଉଛି। ସହରର ବିଭିନ୍ନ ୱାର୍ଡରେ ଡ୍ରେନ କରାଯିବା ସହ ରାସ୍ତାଘାଟର ଉନ୍ନତି କରଣ କରାଯାଉଛି। ଅନ୍ୟପଟେ ସହରରେ ଡ୍ରେନ ସମସ୍ୟା ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ରାସ୍ତାରେ ଲହଡି ମାରିଥାଏ। ଏହି ଡ୍ରେନକୁ ମଧ୍ୟ ସଫା କରାଯାଉଛି। ହେଲେ ଡ୍ରେନ ସଫା ହେବା ପରେ ସେଥିରୁ ବାହାରୁଥିବା ଆବର୍ଜନା ରାସ୍ତା କଡରେ ପଡିରହୁଛି ଯାହାକି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମଠସାହି ଅଂଚଳରେ। ମଠସାହି ଛକ ଠାରୁ ମୀରାମ୍ବିକା ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଦୁଇ କଡରେ ରହିଛି ଡ୍ରେନ। ଏହି ଡ୍ରେନକୁ ଲାଗି ଲୋକମାନଙ୍କ ଘର ମଧ୍ୟ ରହିଛି। ତେବେ ପୌରପ୍ରଶାସନ ପକ୍ଷରୁ ଏହି ଡ୍ରେନକୁ ସଫା କରିଛି। ହେଲେ ଡ୍ରେନ ମଧ୍ୟରୁ ବାହାରିଥିବା ଅଳିଆ ଓ ମାଟି ଡ୍ରେନ କଡରେ ରଖା ଯାଇଛି। ସେଇ ମାଟିରୁ ଦୁର୍ଗନ୍ଧ ବାହାରୁଥିବା ବେଳେ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡିଛନ୍ତି। ଅଳିଆ ଆବର୍ଜନା ଗୁଡିକୁ ତୁରନ୍ତ ଉଠାଇନେବାକୁ ଦାବି କରାଯାଇଛି। ଏ ନେଇ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ କହିଛନ୍ତି ଯେ, ତାଙ୍କ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯିବ।

# କୁଆଁ ଓ ଅନିମେଶଙ୍କ ଦୁଇ ସହଯୋଗୀ ଗିରଫ

ବାଲେଶ୍ୱର,୧୨।୧୧(ସମିସ)



## ବନ୍ଧୁକ ସହ ତେଲେଙ୍ଗା କଟୁରି ଜବତ

ବାଲେଶ୍ୱରରେ କୁଖ୍ୟାତ ଅପରାଧୀ ଭାବେ ଜଣାଶୁଣା କୁଆଁ ଓ ଅନିମେଶ ଗିରଫ ହେବାର ୨୪ଘଣ୍ଟା ନ ପୂରୁଣୁ ଆଜି ସଦର ଥାନା ପୁଲିସ ସେମାନଙ୍କ ଗ୍ୟାଙ୍ଗର ଅନ୍ୟ ଦୁଇ ଜଣ ସହଯୋଗୀକୁ ଗିରଫ କରିବାରେ ସଫଳ ହୋଇଛି। ଏ ନେଇ ସଦର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଦୁଇ ସହଯୋଗୀ ହେଲେ ଟାଉନ ଥାନା ଅଞ୍ଚଳର ଅଭିଜିତ ସେଠି(୩୭) ଏବଂ ଭୋଇସାହି ଅଞ୍ଚଳର ମୃଣ୍ମୟ ସିଂ(୪୧)। ଏ ନେଇ ସଦର ଥାନାରେ ୫୧୨/୨୫ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ଏସଡିପିଓଙ୍କ ସୂଚନା ଅନୁସାରେ, ସଦର ଥାନା ପକ୍ଷରୁ ଗତକାଲି ରାତ୍ରୀକାଳୀନ ପାଟ୍ରୋଲିଂ କରାଯାଉଥିଲା। ଆଜି ଭୋର ସମୟରେ ମେଘଡମ୍ବରୁ ଛକ ଠାରେ ଦୁଇ ଜଣ ବ୍ୟକ୍ତି ଏଣେତେଣେ ବୁଲୁଥିବା ଦେଖି ପାଟ୍ରୋଲିଂ ପୁଲିସର ସନ୍ଦେହ ବଢ଼ିଥିଲା। ତେବେ ପୁଲିସ ସେମାନଙ୍କ ପାଖକୁ ଯିବା ସମୟରେ ଉଭୟ ଦୌଡିବାକୁ ଆରମ୍ଭ କରିଥିଲେ। ତେବେ ପୁଲିସ ସେମାନଙ୍କୁ ପିଛା କରି କାବୁ କରିବା ପରେ ଘଟଣା ସ୍ଥଳରୁ ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ ସହ ଗୋଟିଏ ମାଗାଜିନ ଓ ଏକ ତେଲେଙ୍ଗା କଟୁରୀ ମିଳିଥିଲା। ତେବେ ପୁଲିସ ସେମାନଙ୍କୁ ଅଧିକ ପଚରା ଉଚରା କରିବା ପରେ ସେମାନେ କୁଆଁ ଓ ଅନିମେଶ ଗ୍ୟାଙ୍ଗର ସଦସ୍ୟ ବୋଲି ଜାଣିବାକୁ ପାଇଥିଲା। ତେବେ ଦୀର୍ଘ ବର୍ଷ ପରେ ଦୁଇ କୁଖ୍ୟାତ ଅପରାଧି ବାଲେଶ୍ୱରକୁ ଫେରି ପୁଣିଥରେ ସେମାନଙ୍କ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି କରିବାକୁ ଉଦ୍ୟମ କରୁଥିଲେ। ତେବେ ସେମାନେ ତାଙ୍କର ଗ୍ୟାଙ୍ଗର ଏହି ଦୁଇଜଣଙ୍କୁ ବନ୍ଧୁକ ଦେବା ସହ ଠିକାଦାର ଓ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ କରିବାକୁ ଯୋଜନା କରିଥିଲେ। ସେମାନଙ୍କ ଗ୍ୟାଙ୍ଗରେ ପାଖାପାଖି ୨୫ରୁ ୩୦ଜଣ ସଦସ୍ୟ ରହିଥିବା ପୁଲିସ ଜାଣିବାକୁ ପାଇଛି। ପୁଲିସ ମୃଣ୍ମୟ ସିଂଙ୍କ ଘରେ ଚଢ଼ଉ କରିବା ପରେ ତାଙ୍କ ଘରୁ ୩ଟି ଖାଲି ପିସ୍ତଲ, ମାଗାଜିନ ସହ ଗୋଟିଏ କଟୁରୀ ଜବତ କରିଛି ବୋଲି ଏସଡିପିଓ ନାୟକ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ଉପସ୍ଥିତ ଥିଲେ।

# କମ୍ପ୍ୟୁଟର ଶିକ୍ଷା ପ୍ରମାଣପତ୍ର ସମ୍ପର୍କିତ କର୍ମଶାଳା



ବାଲେଶ୍ୱର,୧୨।୧୧(ସମିସ): ସ୍ଥାନୀୟ ବାଲେଶ୍ୱର ଚାମ୍ବର ଅଫ କମର୍ସ ଭବନ ପରିସରରେ ଭାରତ ସରକାରଙ୍କ ପ୍ରଯୁକ୍ତି ମନ୍ତ୍ରାଳୟ ଏବଂ ବାଲେଶ୍ୱର ସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆସୋସିଏଟର ସହଭାଗିତାରେ ବର୍ତ୍ତମାନ ସମୟରେ ନିଯୁକ୍ତି କ୍ଷେତ୍ରରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କମ୍ପ୍ୟୁଟର ଶିକ୍ଷା ଏବଂ ସରକାରୀ ପ୍ରମାଣପତ୍ରର ଗୁରୁତ୍ୱ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ନାସକାମ ନୂଆ ଦିଲ୍ଲୀ ପକ୍ଷରୁ ଏହାର ସିନିୟର ଆସୋସିଏଟ ବିଶାଳ ଛତ୍ରିଆ ଯୋଗଦେଇ ବର୍ତ୍ତମାନ ଭାରତ ସରକାରଙ୍କ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ପାଇଁ ଉକ୍ତ ବିଭାଗର ପ୍ରଦତ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଶା କମ୍ପ୍ୟୁଟର ଆସୋସିଏଟ କିପରି ଚାକିରି ଆଶାୟୀଙ୍କୁ ସରକାରୀ ପାଠ୍ୟକ୍ରମ ଓ ପ୍ରମାଣପତ୍ର କରାଇପାରିଛି ତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଓସିଏ ପରିଚାଳନା ଅଧ୍ୟକ୍ଷ ସୁବ୍ରତ କୁମାର ପତ୍ରୀ ଏସଏସସି ନାସକାମ ଓ ଭାରତ ସରକାରଙ୍କ ବିଭିନ୍ନ ପାଠ୍ୟକ୍ରମ ଓ ଉଦ୍ୟମ ସମ୍ପର୍କରେ ଆଲୋଚନା କରିଥିଲେ।

# ଘରେ ଘରେ ପାଳିଲେ ପ୍ରଥମାଷ୍ଟମୀ

ବାଲେଶ୍ୱର,୧୨।୧୧(ସମିସ): ଓଡ଼ିଆ ପରମ୍ପରାରେ ଅନନ୍ୟ ପର୍ବ ପ୍ରଥମାଷ୍ଟମୀ ଆଜି ବାଲେଶ୍ୱର ସହର ସମେତ ଗାଁ ଗହଳିରେ ଘରେ ଘରେ ପାଳିତ ହୋଇଯାଇଛି। ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହି ପର୍ବ ପାଳନ କରାଯାଇଥାଏ। ଘରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି ପ୍ରତ୍ୟେକ ଓଡ଼ିଆ ଘରେ ବେଶ ହର୍ଷ ଉଲ୍ଲାସରେ ଏହି ପର୍ବ ପାଳନ କରିଥିଲେ। ନୂଆ ଲୁଗାକୁ ଲକ୍ଷ୍ମୀ ଠାକୁରାଣୀଙ୍କ ନିକଟରେ ପୂଜା କରିବା ସହିତ ପଢୁଆଁ ପିଲାଙ୍କୁ ପିନ୍ଧାଇ ବନ୍ଦାପନା କରିବା ସହ ମନ୍ଦିରରେ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ଏହି ଦିନ ସମସ୍ତଙ୍କ ଘରେ ପୁରଦିଆ ମଣ୍ଡା ଓ ହଳଦୀ ପତ୍ରରେ ଏଣ୍ଡୁରି ପିଠା ତିଆରି କରିବାରର ପରମ୍ପରା ରହିଛି।

# ୧୬ରେ ବାଲେଶ୍ୱର ଆସିବେ ସୋମନାଥଙ୍କ ଦିବ୍ୟ ଜ୍ୟୋର୍ତିଲିଙ୍ଗ




## ଆର୍ଟ ଅଫ ଲିଭିଂ ପକ୍ଷରୁ ପ୍ରସ୍ତୁତି

ବାଲେଶ୍ୱର,୧୨।୧୧(ସମିସ): ଆସନ୍ତା ୧୬ତାରିଖ ରବିବାର ଦିନ ବାଲେଶ୍ୱରକୁ ଆସିବେ ସୋମନାଥ ଜ୍ୟୋର୍ତିଲିଙ୍ଗ। ଆଉ ଏଠାରେ ହେବ ରୁଦ୍ରାଭିଷେକ ସହ ସାମୁହିକ ଦର୍ଶନ। ଏନେଇ ଆଜି ଆର୍ଟ ଅଫ ଲିଭିଂ ପକ୍ଷରୁ ସ୍ଥାନୀୟ ଉଦ୍ୟୋଗ ଭବନ ପରିସରରେ ଆର୍ଟ ଅଫ ଲିଭିଂର ସଞ୍ଜୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏକ ହଜାର ବର୍ଷର ପୁରୁଣା ସୋମନାଥ ମନ୍ଦିର ଉପରେ ମୋଗଲ ଆକ୍ରମଣ କରି ଖଣ୍ଡ ବିଖଣ୍ଡିତ କରିଦେଇଥିଲେ। ତେବେ ସେଇ ଖଣ୍ଡ ବିଖଣ୍ଡିତ ଜ୍ୟୋର୍ତିଲିଙ୍ଗକୁ କେହି ଜଣେ ଲୁଚାଇ ରଖି ପୂଜା ଅର୍ଚ୍ଚନା କରୁଥିଲେ। ଏବେ ତାହା ସର୍ବ ସମ୍ମୁଖ ହୋଇଥିବା ବେଳେ ସେଇ ଜ୍ୟୋର୍ତିଲିଙ୍ଗ ଭାରତ ଭ୍ରମଣ କରୁଛି। ଏହି କ୍ରମରେ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଛି। ଆସନ୍ତା ୧୬ତାରିଖରେ ସେଇ ଦିବ୍ୟ ଜ୍ୟୋର୍ତିଲିଙ୍ଗ ବାଲେଶ୍ୱର ପହଁଚିବା ପରେ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ସ୍ୱାଗତ କରାଯିବା ସହ ସ୍ଥାନୀୟ ହୋଟେଲ ହରିପ୍ଲାଜାରେ ରୁଦ୍ରାମହାଭିଷେକ କରାଯିବା ସହ ସାମୁହିକ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ଏହା ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସମୟ ରହିଛି ବୋଲି କୁହାଯାଇଛି। ଏହାପରେ ସେଠାରୁ ଜ୍ୟୋର୍ତି ଲିଙ୍ଗ ଅନ୍ୟ ଜିଲ୍ଲାକୁ ଯିବା ପରେ ସାରା ଭାରତ ଭ୍ରମଣ କରି ପୁନର୍ବାର ସୋମନାଥ ମନ୍ଦିରରେ ସ୍ଥାପନା ହେବେ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆର୍ଟ ଅଫ ଲିଭିଙ୍ଗର ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରକାଶ ଦାସ, ଭଗବାନ ଗୁପ୍ତା, ଅଞ୍ଜୁ ଦିଦି ପ୍ରମୁଖ ଉପସ୍ଥିତ ଥିଲେ।

# ଜଳେଶ୍ୱର ପୌରପାଳିକା ଆଗରେ ବିକ୍ଷୋଭ



ଜଳେଶ୍ୱର ବ୍ଲକ, ୧୨।୧୧ (ସମିସ): ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୧୬ ଅଲାଲପୁରଠାରେ ଜଳେଶ୍ୱର ପୌରପାଳିକା ତରଫରୁ ଗୋଟିଏ ରାସ୍ତା ଏବଂ ଗୋଟିଏ ଗାର୍ଡୱାଲ କାର୍ଯ୍ୟ ପାଇଁ ଠିକାଦାର ପୌରପାଳିକା ଠାରୁ କାର୍ଯ୍ୟାଦେଶ ନେଇଥିଲେ। କିନ୍ତୁ କାର୍ଯ୍ୟାଦେଶ ନେବା ପରେ ଗୋଟିଏ ବର୍ଷରୁ ଅଧିକ ହେବ ଠିକାଦାର ସେହି କାର୍ଯ୍ୟ କରୁ ନ ଥିବା ଅଭିଯୋଗ ବାରମ୍ବାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୱାର୍ଡ ନମ୍ବର ୧୬ର ଯୁବ କାଉନସିଲର ଲକ୍ଷ୍ମଣ ସରେନ କରି ଆସୁଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ଏ ନେଇ କୌଣସି ସମାଧାନ ହୋଇପାରୁ ନ ଥିଲା। ଯାହା ଫଳରେ ୱାର୍ଡ କାଉନସିଲର ଏବଂ ତାଙ୍କର ସମର୍ଥକ ମାନଙ୍କୁ ନେଇ ଜଳେଶ୍ୱର ପୌରପାଳିକା ଅଫିସ ଗୃହ ସମ୍ମୁଖରେ ଆନ୍ଦୋଳନରେ ବସିବା ପାଇଁ ବାଧ ହୋଇଥିଲେ। ଏହା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଯଥାଶୀଘ୍ର ଠିକାଦାରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତା ଏବଂ ଗାର୍ଡୱାଲର କାର୍ଯ୍ୟ ଯଥା ଶୀଘ୍ର ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଆନ୍ଦୋଳନକୁ ସମର୍ଥନ କରି ୱାର୍ଡ ନମ୍ବର ୧ କାଉନସିଲର ଶେଖ୍ ସୈଫୁଦିନ, ୱାର୍ଡ ନମ୍ବର ୨ କାଉନସିଲର ସୁରଜ୍ ଚୌରାଶିଆ, ୱାର୍ଡ ନମ୍ବର ୭ କାଉନସିଲର ମିର ଆବାସ ଅଲ୍ଲୀ, ବିଜୟ କାମିଲା, ସଞ୍ଜୀବ ପାଳ, ରାଜେଶ ଦେ, ଆନନ୍ଦ କର, ଭାରତ ଦତ୍ତ, ସତ୍ୟରଞ୍ଜନ ଦାସ ମହାପାତ୍ର ଏବଂ ଅର୍ଚ୍ଚନା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟିର ଶୋକସଭା



ବାଲେଶ୍ୱର,୧୨।୧୧(ସମିସ): ସାହିତ୍ୟିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଚାନ୍ଦିପୁର ବେଳାଭୂମୀ ମହୋତ୍ସବ କମିଟିର ଉପସଭାପତି ଡ. ପ୍ରହଲ୍ଲାଦ ଚରଣ ମହାନ୍ତିଙ୍କ ବିୟୋଗରେ କମିଟି ପକ୍ଷରୁ ସ୍ଥାନୀୟ ଝାଡେଶ୍ୱର ମନ୍ଦିର ନିକଟସ୍ଥ ମହୋତ୍ସବ କମିଟି କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କମିଟିର ସଭାପତି ଜୀବନ ପ୍ରଦୀପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ତାଙ୍କ ଗୁଣାବଳୀ ଓ ସାହିତ୍ୟ ସାଧନା ଉପରେ ସ୍ମୃତି ଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପସଭାପତି ବିପ୍ଳବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ହରେକୃଷ୍ଣ ଦାସ, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ କିଶୋର ଦାସ, ଶ୍ରୀମାନ ଶ୍ରୀଚନ୍ଦନ, ଭାଗବତ ସାହୁଙ୍କ ସମେତ ସଦସ୍ୟ ସତ୍ୟନାରାୟଣ ନନ୍ଦ, ଶଙ୍କର କୁମାର ଦିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା କଡ଼ରେ ଆବର୍ଜନା ପକାଇ ତଣ୍ଡ ଗଣିଲେ

ସୋର, ୧୨।୧୧(ସମିସ): ଗତ କିଛି ଦିନ ପୂର୍ବରୁ ପୌରପାଳିକା କର୍ମଚାରୀ ମାନେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଅଳିଆ ପକାଉଥିବାରୁ ଏହାର ପରିଚାଳକଙ୍କୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଫଳରେ ଚାରିଦିନ ହେବ ସେଠାରେ କୌଣସି ଅଳିଆ ଆବର୍ଜନା ପଡୁନଥିଲା। ଆଜି ମଧ୍ୟାହ୍ନରେ ଏକ ମାଲବାହୀ ଅଟୋ ଉକ୍ତ ସ୍ଥାନରେ କଦଳୀ ପତ୍ର ସମେତ ଅନ୍ୟ ଆବର୍ଜନା ପକାଉଥିବା ବେଳେ ଖବର ପାଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଗାଡିକୁ ଅଟକ ରଖିବା ସହିତ ୧ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ପରେ ପରବର୍ତ୍ତୀ ସମୟରେ ଏପରି କାର୍ଯ୍ୟ ନ କରିବାକୁ ଲିଖିତ ଦେବା ପରେ ତାଙ୍କୁ ଛଡ଼ାଯାଇଥିଲା। ଆଗାମୀ ଦିନରେ ଏଠାରେ ଯେ କୌଣସି ବ୍ୟକ୍ତ ଅଳିଆ ଆବର୍ଜନା ପକାଇବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ କହିଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସଚେତନତା ଶିବିର



ବାଲେଶ୍ୱର,୧୨।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ଆନୁକୁଲ୍ୟରେ ଉତ୍କଳ ବାଳାଶ୍ରମ ପରିସରରେ ଅଧାରୁ ବିଦ୍ୟାଳୟ ପରିତ୍ୟାଗ କରୁଥିବା ଛାତ୍ରମାନେ କିପରି ଭାବରେ ପୁନଃ ନାମ ଲେଖାଇ ପାରିବେ ସେ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରରେ ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରି ଶିକ୍ଷା ଅଧିକାର ଅଧିନିୟମ, ଜାତୀୟ ଶିକ୍ଷାନୀତିର ବିଭିନ୍ନ ପ୍ରାବଧାନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ନଟଗୋପାଳ ପଣ୍ଡା, ଆସିଷ୍ଟାଣ୍ଟ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ ସୌମ୍ୟା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଥିଲେ।

# ବ୍ୟାଙ୍କ ସମ୍ମୁଖରୁ ବାଇକ୍ ଚୋରି ଅଭିଯୋଗ

ସୋର, ୧୨।୧୧(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଆଶ୍ରମଛକରେ ଥିବା ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରୁ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତକାଲି ସନ୍ଧ୍ୟାରେ ସୋର ଥାନା କେଦାରପୁର ଗ୍ରାମର ଅଭିଷେକ ବାରିକ କୌଣସି କାମରେ ଆସି ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରେ ନିଜ ବାଇକଟିକୁ ରଖି ବ୍ୟଙ୍କକୁ ଯାଇ ଥିଲେ। ବ୍ୟାଙ୍କରୁ ଫେରି ବାଇକଟିକୁ ରଖିଥିବା ସ୍ଥାନରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ନିରାଶ ହୋଇ ବାଇକ ଚୋରି ହୋଇଥିବା ଜାଣିବା ପରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସ୍ତ୍ରୀର ଶେଷ ଦର୍ଶନ କରିବାକୁ ଆସି ସ୍ୱାମୀ ଅଟକ

ବାଲେଶ୍ୱର,୧୨।୧୧(ସମିସ)





ବାଲେଶ୍ୱର ପୌରପାଳିକାର ୧୮ନମ୍ବର ୱାର୍ଡ ଅରଡବଜାରଠାରେ ଆଜି ଏକ ରୋଚକ ଘଟଣା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କ ଠାରୁ ଅଲଗା ରହୁଥିଲେ। ଗତ ରବିବାର ତାଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଯାଇଥିଲା। ଖବରପାଇ ସୋମବାର ସେ ପତ୍ନୀଙ୍କ ଶେଷ ଦର୍ଶନ କରିବାକୁ ଆସିଥିବା ବେଳେ ଏବେ ଅଟକ ରହିଛନ୍ତି। ଗାଁଲୋକେ ତାଙ୍କୁ ଛାଡୁନଥିବା ବେଳେ ଅନ୍ତିମ ସଂସ୍କାର ପରେ ଛଡ଼ାଯିବ ବୋଲି ଅଡ଼ି ବସିଛନ୍ତି। ଅନ୍ୟପଟେ ଗାଁ ଲୋକେ ମହିଳାଙ୍କ ମୃତଦେହକୁ ଏକ ଡିପ୍ ଫ୍ରିଜରରେ ରଖିଥିବାବେଳେ କାନାଡାରୁ ପୁଅ ଆସିଲେ ଯାଇ ଅନ୍ତିମ ସଂସ୍କାର ହେବ ବୋଲି ଜଣାଯାଇଛି।

ବସ୍ତା ବ୍ଲକ ଅର୍ନ୍ତଗତ ରାଜୁଆପଡା ଗ୍ରାମର ସୃଷ୍ଟିଧର ଦେ ବାଲିଆପାଳ ବ୍ଲକର ପାରୁଳିଆ ଗ୍ରାମର ଛବିରାଣୀ ଦେଙ୍କୁ ୧୯୭୭ମସିହାରେ ବିବାହ କରିଥିଲେ। ସେମାନଙ୍କ ବିବାହକୁ ୪୮ବର୍ଷ ହୋଇଥିବା ବେଳେ ସେମାନଙ୍କର ଗୋଟିଏ ପୁଅ ସଞ୍ଜୀବ ଦେ ରହିଛନ୍ତି। ପୁଅ ନିଜ ପରିବାର ନେଇ କାନାଡାରେ ବସବାସ କରନ୍ତି। ଅନ୍ୟପଟେ ସୃଷ୍ଟିଧର ୟୁକୋ ବ୍ୟାଙ୍କରୁ ସିନିୟର ବ୍ରାଞ୍ଚ ମ୍ୟାନେଜର ଭାବେ ଅବସର ଗ୍ରହଣ କରିଥିବା ବେଳେ ସେ ୧୮ନମ୍ବର ୱାର୍ଡର ଅରଡବଜାର ଅଞ୍ଚଳରେ ଏକ ଘର କରି ରହୁଥିଲେ। ସେଇ ଘରେ ତାଙ୍କ ପତ୍ନୀ ଛବିରାଣୀ ଏକୁଟିଆ ରହୁଥିବାବେଳେ ସେଠାରେ ଦୁଇଟି ପରିବାର ଭଡ଼ା ଆକାରରେ ରହୁଥିଲେ। ଦୀର୍ଘ ୮ବର୍ଷରୁ ଅଧିକ ହେବ ସୃଷ୍ଟିଧର ପତ୍ନୀଙ୍କ ନିକଟକୁ ଆସୁନଥିବା ବେଳେ ଗତ ରବିବାର ତାଙ୍କ ପତ୍ନୀ ଛବିରାଣୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ସୃଷ୍ଟିଧର ତାଙ୍କର ଜଣେ ସମ୍ପର୍କୀୟଙ୍କଠାରୁ ପତ୍ନୀଙ୍କ ଦେହାନ୍ତ ହୋଇଯାଇଥିବା ଖବର ପାଇ ଗତ ସୋମବାର ଅରଡବଜାରସ୍ଥିତ ଘରକୁ ଆସିଥିଲେ। ତାଙ୍କ ସାଙ୍ଗରେ ଅନ୍ୟଜଣେ ମହିଳା ଏବଂ ପୁରୁଷ ମଧ୍ୟ ଥିଲେ। ସେ ଦୀର୍ଘଦିନ ଧରି ସେଠାକୁ ଆସୁନଥିବାବେଳେ ହଠାତ ପତ୍ନୀଙ୍କ ମୃତ୍ୟୁ ଖବର ପାଇ ସୃଷ୍ଟିଧର ଆସିଥିବା ବେଳେ ଗାଁ ଲୋକଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ଏପରିକି ତାଙ୍କ ସାଙ୍ଗରେ ଥିବା ଅନ୍ୟଜଣେ ମହିଳାଙ୍କୁ ଦେଖି ଅଧିକ ଭାବେ ସନ୍ଦେହ ସୃଷ୍ଟି ହୋଇଥିଲା। ସୃଷ୍ଟିଧର ସେଠାରେ ଗୋଟିଏ ଦିନ ରହିବା ପରେ ମଙ୍ଗଳବାର ପଳାଇଯିବାକୁ ଚେଷ୍ଟା କରୁଥିବାବେଳେ ଗାଁ ଲୋକମାନେ ତାଙ୍କୁ ଛାଡି ନ ଥିଲେ। ଏପରିକି ପୁଲିସ ମଧ୍ୟ ଖବର ପାଇ ସେଠାକୁ ଆସିବା ପରେ ମଧ୍ୟ ଗାଁ ଲୋକେ ସୃଷ୍ଟିଧରଙ୍କୁ ଛାଡି ନଥିଲେ। ଗାଁ ଲୋକେ ମହିଳାଙ୍କ ମରଶରୀରକୁ ଏକ ଡିପ ଫ୍ରିଜର ମଧ୍ୟରେ ରଖି ତାଙ୍କ ପୁଅର ଫେରିବାକୁ ଚାହିଁ ରହିଛନ୍ତି। ପୁଅ ଆସିଲେ ହିଁ ତାଙ୍କର ଅନ୍ତିମ ସଂସ୍କାର କରାଯିବ ଏବଂ ତାଙ୍କ ସ୍ୱାମୀ ଏହି ଅନ୍ତିମ ସଂସ୍କାର କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି ଗ୍ରାମବାସୀ ଅଡ଼ି ବସିଛନ୍ତି।

ଘଟଣା ସୃଷ୍ଟିଧର କହିଛନ୍ତି ଯେ ପତ୍ନୀଙ୍କୁ ଦୀର୍ଘ ବର୍ଷ ହେବ ଛାଡପତ୍ର ଦେଇଛନ୍ତି। ଦୀର୍ଘ ୬ରୁ ୭ବର୍ଷ ହେବ ସେ ଏଠାକୁ ଆସୁନଥିଲେ। ଗାଁରେ ନିଜର ପୈତୃକ ଘରେ ରହୁଥିଲେ। କେବଳ ନିଜ ପତ୍ନୀଙ୍କ ଶେଷ ଦର୍ଶନ କରିବାକୁ ଆସିଥିଲେ ବୋଲି କହିବା ସହ ତାଙ୍କ ସାଙ୍ଗରେ ଆସିଥିବା ମହିଳାଙ୍କୁ ସେ ତାଙ୍କର ଝିଅ ବୋଲି କହିଛନ୍ତି। ଏ ନେଇ ମୃତ ମହିଳାଙ୍କ ବଡ ଭାଇ ବିଦ୍ୟାପତି ପାତ୍ରଙ୍କ କହିବା ଅନୁସାରେ, ଭଉଣୀକୁ ସୃଷ୍ଟିଧର ଛାଡପତ୍ର ଦେଇ ନାହାନ୍ତି। ସେ ଅନ୍ୟ ଜଣେ ମହିଳାଙ୍କ ସହ ରହୁଛନ୍ତି। ଅନ୍ୟପଟେ ସୃଷ୍ଟିଧରଙ୍କ ସାଙ୍ଗରେ ଆସିଥିବା ମହିଳା ଜଣଙ୍କ ସହଦେବଖୁଁଟା ଥାନାରେ ଜଣାଇବା ପରେ ପୁଲିସ ସୋମବାର ଦିନ ସେଠାକୁ ଆସି ସୃଷ୍ଟିଧରଙ୍କୁ ଛାଡିବା ପାଇଁ କହିଥିଲେ। ହେଲେ ଗାଁ ଲୋକେ ତାଙ୍କୁ ଛାଡି ନଥିଲେ। ଗ୍ରାମବାସୀ ତାଙ୍କ ପୁଅଙ୍କ ଆସିବା ପର୍ଯ୍ୟନ୍ତ ସୃଷ୍ଟିଧରଙ୍କୁ ଅଟକ ରଖିବା ସହ ଶୁଦ୍ଧିକ୍ରୀୟା ସରିବା ପରେ ଏଠାକାର ସମସ୍ତ ସମ୍ପତ୍ତି ପୁଅ ନାମରେ କରିବାକୁ ଦାବି କରିଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ, ୩ ଗୁରୁତର

ଭୋଗରାଇ,୧୨।୧୧(ସମିସ): ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତ ଠାକୁର ଭଉଁରୀ ଗ୍ରାମର ଭଣ୍ଡାରିଆ ପୋଲ ପାଖରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ବାଲିଆପାଳ ଥାନା ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ପଞ୍ଚରୁଖୀ ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ କମଳାକାନ୍ତ ଜେନା। ବୁଧବାର ସନ୍ଧ୍ୟା ସମୟରେ ଠାକୁର ଭଉଁରୀ ଗ୍ରାମର ଭୁଆଁ ବନ୍ଧ ଉପରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ବାଇକରେ ବସ୍ତା ଥାନା ଅଞ୍ଚଳର ସତ୍ୟରଞ୍ଜନ ପଣ୍ଡା ଓ ପବିତ୍ର ପ୍ରାମାଣିକ ବସିଥିବା ବେଳେ ଅନ୍ୟ ବାଇକରେ ମଧୁପୁରା ପଞ୍ଚାୟତର ପଞ୍ଚରୁଖୀ ଗ୍ରାମର କମଳାକାନ୍ତ ଜେନା ଓ ରାଜେନ୍ଦ୍ର ଜେନା ବସିଥିଲେ। ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ କମଳାକାନ୍ତ ଜେନା ତଳେ ପଡ଼ି ଯାଇଥିଲା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଅନ୍ୟ ୩ ଜଣ ଗୁରୁତର ଅବସ୍ଥାରେ ସେଠାରୁ ଲୋକମାନେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଭୋଗରାଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଥିବା ବେଳେ କମଳାକାନ୍ତଙ୍କ ଶବ ବ୍ୟବଚ୍ଛେଦ ପରେ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।



ସକାଳ
THE SAKALA

# ସମ୍ପାଦକୀୟ



ଭାରତୀୟ କୃଷି ଆଗରେ ବର୍ତ୍ତମାନ ଦୁଇଟି ଆହ୍ୱାନ- ଅର୍ଥନୀତି ବନାମ ପରିବେଶ
-ଏମ୍ ଏସ୍ ସ୍ୱାମୀନାଥନ୍

## ବିହାରରେ ରେକର୍ଡ ମତଦାନ

ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଶେଷ ହୋଇଛି । ଏହି ନିର୍ବାଚନରେ ମତଦାନ ହାର ବିହାର ସକାଶେ ଏକ ସର୍ବକାଳୀନ ରେକର୍ଡ । ସବୁଠାରୁ ଉଲ୍ଲେଖନୀୟ ଯେ ୭୧.୬ ପ୍ରତିଶତ ମହିଳା ମତଦାନ କରିଥିବା ବେଳେ ପୁରୁଷ ମତଦାତାଙ୍କ ହାର ୬୨.୮ ପ୍ରତିଶତ ଥିଲା । ପୂର୍ବ ନିର୍ବାଚନ ଅପେକ୍ଷା ଏଥର ୧୦ରୁ ୧୨ ପ୍ରତିଶତ ଅଧିକ ଭୋଟ କାହା ସପକ୍ଷରେ ଯିବ ସେ ନେଇ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମହଲରେ ଅଙ୍କକଷା ଚାଲିଛି । ତେଣୁ ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ଏକଜିଟ୍ ପୋଲ ଆକଳନ କେତେଦୂର ନିର୍ଭରଯୋଗ୍ୟ ସେ ନେଇ ସନ୍ଦେହ ରହିଛି । ଗତ ବିଧାନସଭା ନିର୍ବାଚନରେ ହୋଇଥିବା ଏକଜିଟ ପୋଲ ସଂପୂର୍ଣ୍ଣ ରୂପେ ଭୁଲ ପ୍ରମାଣିତ ହୋଇଥିଲା । ଆଉ ଗୋଟିଏ ଦିନ ପରେ ନିର୍ବାଚନ ଫଳ ଘୋଷଣା ସହିତ ପୂର୍ବାନୁମାନର ବିଶ୍ୱସନୀୟତା ପ୍ରମାଣିତ ହେବ ।

ଏଥର ନିର୍ବାଚନରେ ମତଦାନ ହାରକୁ ନେଇ ଯେତେ ତର୍ଜମା ହେଉ ନା କାହିଁକି ଏକଥା ସତ ଯେ ନିର୍ଦ୍ଧାରିତ ନିର୍ବାଚନ ସମୟ ମତଦାତାଙ୍କ ପାଇଁ ଆପୋକ୍ଷାକୃତ ଅନୁକୂଳ ଥିଲା । ଦୀପାବଳି ଓ ଛଟ ଉତ୍ସବ ପରେ ପରେ ମତଦାନର ସୁଯୋଗ ଥିବାରୁ ବିଭିନ୍ନ ରାଜ୍ୟରେ କାର୍ଯ୍ୟରତ ବିହାରବାସୀ ଉତ୍ସବମୁଖର ମୁହୂର୍ତ୍ତକୁ ନିର୍ବାଚନ ସହ ଯୋଡ଼ି ଦେଇଥିଲେ । ଛଟ ଉତ୍ସବରେ ସେମାନଙ୍କ ଅନିବାର୍ଯ୍ୟ ଉପସ୍ଥିତି ଯୋଗୁଁ ମତଦାନ ହାର ଆଶାଠାରୁ ଅଧିକ ହୋଇଯାଇଥିଲା । ସେହିପରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରତି ରାଜ୍ୟର ମହିଳାଙ୍କ ଭରସା ପ୍ରତିଫଳିତ ହୋଇଥିଲା ଭୋଟରେ । ରାଜ୍ୟର ମହିଳାଙ୍କୁ ଜୀବିକାର୍ଜନ ପାଇଁ ଦଶ ହଜାର ଟଙ୍କା ଲେଖାଏଁ ନିର୍ବାଚନ ପୂର୍ବରୁ ପ୍ରଦାନ କରି ମତଦାନକୁ ପ୍ରଭାବିତ କରିଥିବାର ମନେ ହୁଏ । ଅନ୍ୟ ଏକ ଦିଗ ହେଲା, ନୀତୀଶ କୁମାରଙ୍କ ମଦ ନିରୋଧ ନୀତି ମହିଳାଙ୍କ ପାରିବାରିକ ଓ ସାମାଜିକ ଜୀବନକୁ ଉତ୍ପୀଡ଼ନ ମୁକ୍ତ କରିଛି । ତା' ଅର୍ଥ ନୁହେଁ ବିହାର ସଂପୂର୍ଣ୍ଣ ରୂପେ ମଦମୁକ୍ତ ହୋଇପାରିଛି । ବିରୋଧୀଦଳ ନେତା ତେଜସ୍ୱୀ ଯାଦବ ରାଜ୍ୟର ବେକାରୀ ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରତିପରିବାରର ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଯେଉଁ ଘୋଷଣା କରିଥିଲେ ତାହା ରାଜ୍ୟ ଯୁବଶକ୍ତିଙ୍କ ଉପରେ ପ୍ରଭାବ ପକାଇଥିଲା । ତେଣୁ ତାଙ୍କ ନିର୍ବାଚନ ସଭାରେ ଯେଭଳି ଯୁବକଙ୍କ ଭିଡ଼ ହେଉଥିଲା ସେହିଭଳି ନୀତୀଶଙ୍କ ସଭାରେ ମହିଳାଙ୍କ ମଧ୍ୟ ଅନୁରୂପ ଉପସ୍ଥିତି ପରିଲକ୍ଷିତ ହେଉଥିଲା । ଏହି ଦୁଇବର୍ଗ ମତଦାନ ସକାଶେ ଅଧିକ ଆଗ୍ରହୀ ହୋଇପଡ଼ିଥିଲେ । ଉପରୋକ୍ତ ସବୁଦିଗକୁ ବିଚାର କଲେ ମତଦାନ ହାର ବୃଦ୍ଧିରେ ସେଭଳି ଅସ୍ୱାଭାବିକତା ଥିବା ଭଳି ମନେ ହୁଏନା ।

କୁହାଯାଇପାରେ ଏତେ ବିପୁଳ ମତଦାନ ସାଧାରଣତଃ କ୍ଷମତା ବିରୋଧରେ ଯାଇପାରେ । ମାତ୍ର ଏହି ଯୁକ୍ତ ସପକ୍ଷରେ ସେଭଳି ବୈଜ୍ଞାନିକ ବା ବିଧିସମ୍ମତ ତଥ୍ୟ ନାହିଁ । ହୋଇପାରେ ଡବଲ ଇଞ୍ଜିନ ସରକାର ମାଧ୍ୟମରେ ବିହାରର ଅନଗ୍ରସରତା ଦୂର ପାଇଁ ଏଭଳି ବିପୁଳ ଜନାଦେଶ ପରିଲକ୍ଷିତ ହୋଇଛି । ନୀତୀଶଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ଶେଷ ମୁହୂର୍ତ୍ତରେ ବିଜେପି ସମାଧାନ କରି ନିଜ ସ୍ଥିତିକୁ ସୁଧାରିବା ସହ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ସକାରାତ୍ମକ ପ୍ରଭାବ ପକାଇଥିବାର ଲକ୍ଷ୍ୟ କରାଯାଇଛି । ●

## ସିମବକ୍ସ ଭୟ ତୁଟିନି

ସୋମବାର ସଂଧ୍ୟାରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଘଟିଥିବା ଭୟଙ୍କର ଆତଙ୍କୀ ବିସ୍ଫୋରଣ ଦେଶବାସୀଙ୍କ ନିଦ ହଜାଇ ଦେଇଛି । କେତେବେଳେ କେଉଁଠି କ'ଣ ଘଟିବ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । ସମଗ୍ର ଦେଶରେ ହାଇଆଲର୍ଟ ଜାରି ଦୃଷ୍ଟିରୁ ଘଟଣାର ଗୁରୁତ୍ୱକୁ ସହଜରେ ଅନୁମାନ କରାଯାଇପାରେ । ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ ୧୧ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ରାଜ୍ୟରେ ପ୍ରବେଶ ଓ ପ୍ରସ୍ଥାନ ପଥ ମଧ୍ୟ ଯାଞ୍ଚ ପରିସରକୁ ଆସିଛି । ଆମେ ଏହା ଉଲ୍ଲେଖ କଲାବେଳ ନିକଟ ଅତୀତରେ ଓଡ଼ିଶାର ଏକାଧିକ ସ୍ଥାନରୁ ଜବତ ହୋଇଥିବା ସିମବକ୍ସ ସହ ସଂଶ୍ଳିଷ୍ଟ ବାଂଲାଦେଶୀ ସଂଗଠନ ଓ ତାହାର ନେଟୱାର୍କ ସଂପର୍କରେ କିଛି ତଥ୍ୟ ଦେବାକୁ ଚାହୁଁ । ଏହି ଷଡ଼ଯନ୍ତ୍ର ଉନ୍ମୋଚନ କରିବାକୁ କମିଶନରେଟ ପୁଲିସ ଏକପ୍ରକାର ଅସମର୍ଥ ହୋଇଛି । କହିବାକୁ ଗଲେ ଏହି ତଦନ୍ତ ପ୍ରକ୍ରିୟା ଆଧାରୁ ଅଟକିଛି । ବାଂଲାଦେଶର ବିଦ୍ରୋହ ଓ କ୍ଷମତା ପରିବର୍ତ୍ତନ ପରେ ଭାରତ ସହ ସଂପର୍କ କେବଳ କ୍ଷୁର୍ଣ୍ଣ ହୋଇନି, ବିଭିନ୍ନ ଷଡ଼ଯନ୍ତ୍ରପୂର୍ଣ୍ଣ କାର୍ଯ୍ୟ ଚଳାଇଥିବାର ସ୍ପଷ୍ଟ ହୋଇଛି । ବାଂଲାଦେଶୀ ମାଷ୍ଟରମାଇଣ୍ଡ ଅସଦୁର ଜମାନର ଭୁବନେଶ୍ୱର ଆଗମନ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଏଜେଣ୍ଟ ନିଯୁକ୍ତିକୁ କୌଣସି ପରିସ୍ଥିତିରେ ଗୌଣ ଦୃଷ୍ଟିରୁ ବିଚାର କରାଯାଇପାରିବନି ।

ଇଏ ଥିଲା ୨୦୨୪ ଅଗଷ୍ଟ ମାସର ଘଟଣା । ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଘରଭଡ଼ା ନେଇ ପଶ୍ଚିମବଙ୍ଗର ରାଜୁ ମଣ୍ଡଳ ଅବସ୍ଥାନ କରୁଥିଲା । ପୁଲିସ ତା ନିକଟରୁ ୭ଟି ସିମବକ୍ସ ଜବତ କରି ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା । ଗିରଫ ରାଜୁଠାରୁ ମିଳିଥିବା ଖବର ଅନୁଯାୟୀ ଏହି ଘଟଣାର ଅସଲ ଚେର ବାଂଲାଦେଶକୁ ଲମ୍ବିଥିବାର ଜଣାପଡ଼ିଥିଲା । ମୁଖ୍ୟ ଅଭିଯୁକ୍ତ ଅସଦୁର ଜମାନ ଲକ୍ଷ୍ମୀସାଗର ଅଞ୍ଚଳର ଲିଙ୍ଗରାଜ ହୋଟେଲରେ ଅବସ୍ଥାନ କରି ସିମବକ୍ସ ଜାଲ ବିଛାଇ ଥିଲା । ଅବଶ୍ୟ ରାଜୁ ଗିରଫ ହେବା ପୂର୍ବରୁ ଜମାନ ନିଜ ଦେଶକୁ ଫେରିଯାଇଥିଲା । ପୁଲିସ ଲିଙ୍ଗରାଜ ହୋଟେଲରେ ଚଢ଼ଉ କରି ବିଦେଶୀ ନାଗରିକଙ୍କ ଅବସ୍ଥାନ କ୍ଷେତ୍ରରେ ଅନୁସୃତ ନିୟମ ଉଲ୍ଲଙ୍ଘନ ସତ୍ତ୍ୱେ ଘଟଣାକୁ ଗୁରୁତ୍ୱ ଦେଲାନି । ତେଣୁ ରାଜଧାନୀରେ ସନ୍ଦିଗ୍ଧ ଆତଙ୍କୀଙ୍କ ଅବସ୍ଥାନ ଅପେକ୍ଷାକୃତ ସହଜ ଓ ସରଳ ହୋଇଯାଇଛି । ଘଟଣା କେବଳ ଏହିଠାରେ ଅଟକିଯାଇ ନଥିଲା । କଟକ ଓ ଝାଡ଼ଖଣ୍ଡରୁ ମଧ୍ୟ ସିମବକ୍ସ ଜବତ ହୋଇଥିଲା । ରାଜୁ ନେଇଥିବା ଭଡ଼ାଘରୁ ମଧ୍ୟ ୧୮୦୦ ସିମକାର୍ଡ ପୁଲିସ ପାଇଥିଲା । ସିମବକ୍ସ କାହିଁକି ଓ କିଭଳି ଉପଯୋଗୀ ତାହା ସ୍ପଷ୍ଟ ହେବା ଉଚିତ । ଏହାକୁ ସାଇବର ଅପରାଧୀ ଓ ଆତଙ୍କୀ ନିଜ ପରିଚୟ ଗୋପନ ରଖିବା ପାଇଁ ବ୍ୟବହାର କରିଥାଏ । ଦେଶ ବିଦେଶରୁ ଆସୁଥିବା କଲରେ କିଏ କାହାକୁ ଡାକୁଛି ତାହା ଜଣାପଡ଼ିବନି ।

କମିଶନରେଟ ପୁଲିସର ଅନୁସଂଧାନ ଧାରେ ଅଟକି ଯାଇଥିବାରୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ସିମବକ୍ସ ଯେ କାର୍ଯ୍ୟକ୍ଷମ ନଥିବ ଏକଥା କେହି ଜୋର ଦେଇ କହିପାରିବେନି । ଅତୀତରେ ରାଜ୍ୟ ଗୁଇନ୍ଦା ବାହିନୀର ବିଫଳତା ଏକାଧିକ କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ଏବେ ଦେଶରେ ଆତଙ୍କବାଦକୁ ନେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି ସେଥିରେ ସିମବକ୍ସ ଘଟଣା ଅଧିକ ଖୋଳତାଡ଼ ହେବା ଜରୁରୀ । ବିଶେଷ କରି ବାଂଲାଦେଶର ପରିବର୍ତ୍ତିତ ଆଚରଣ ଆମ ପାଇଁ ନୂଆ ବିପଦ ସୃଷ୍ଟି କରିଛି । ତେଣୁ ଏଠାରେ ଅବସ୍ଥାନ କରୁଥିବା ବାଂଲାଦେଶୀ ନାଗରିକ ସେମାନଙ୍କ ଏଜେଣ୍ଟ ସାଜି କେତେବେଳେ କ'ଣ ଭିଆଇବେ ତାହା କହିହେବନି । ତେଣୁ ଆଗକୁ ଅଧିକ ସତର୍କତା ଲୋଡ଼ା । ●

## ରୌପ୍ୟ ଅର୍ଥନୀତିର ପ୍ରାସଙ୍ଗିକତା

ରୋମାନିଆର ଜଣେ ନିଷ୍ଠୁର ରାଜାଙ୍କ ଆଦେଶରେ ସେ ରାଜ୍ୟର ସବୁ ବୃଦ୍ଧମାନଙ୍କୁ ହତ୍ୟା କରାଯିବା ଏବଂ ଜଣେ ବୁଦ୍ଧିମାନ ଯୁବକ ନିଜ ବୃଦ୍ଧ ପିତାଙ୍କୁ ଘରେ ଲୁଚାଇ ରଖିବା ଏବଂ ତାଙ୍କ ଉପଦେଶ ଅନୁଯାୟୀ କିଭଳି ରାଜ୍ୟକୁ ଅନାହାରରୁ ମୁକ୍ତି ମିଳିଲା ତାହା ଆମେ ସ୍କୁଲସ୍ତରୀୟ ଇଂରାଜୀ ପାଠ୍ୟକ୍ରମର ଏକ ବିଷୟ ଭାବେ ପଢ଼ିଛେ ବା ଜାଣିଛେ । ଏକଥା ଏଠାରେ ଉଦ୍ଧୃତ କରିବାର ପ୍ରାସଙ୍ଗିକତା ହେଉଛି ନିକଟରେ ଜାତୀୟ ସ୍ତରୀୟ ଗଣମାଧ୍ୟମରେ ବରିଷ୍ଠ ନାଗରିକଙ୍କ ପ୍ରତି ସମାଜର ନକାରାତ୍ମକ ମାନସିକତା ଏବଂ ଅର୍ଥନୀତିରେ ସେମାନଙ୍କ ଯୋଗଦାନ ସମ୍ପର୍କରେ ଗବେଷଣାଧର୍ମୀ ଆଲୋଚନା ହୋଇଛି । ଗତ ବର୍ଷ ମଧ୍ୟ 'ନିତି' ଆୟୋଗ ପକ୍ଷରୁ ଦେଶର ବରିଷ୍ଠ ନାଗରିକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରି ଦେଶର ଅର୍ଥନୈତିକ ବିକାଶ ଢାଞ୍ଚାରେ ଅଧିକରୁ ଅଧିକ କିପରି ସାମିଲ କରାଯାଇ ପାରିବ ସେ ସମ୍ପର୍କରେ ଏକ ଚିଠା ପ୍ରସ୍ତାବ ଜାରି କରି ବିଭିନ୍ନ ମହଲରୁ ମତାମତ ଆହ୍ୱାନ କରାଯାଇଥିଲା । ଏହି ପ୍ରସ୍ତାବର କାର୍ଯ୍ୟକାରିତାର ଅଗ୍ରଗତି ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ କି ସୁପାରିସ୍‌ଗୁଡ଼ିକ ଲାଗୁ କରିବାର ଆନ୍ତରିକତା ପରିଲକ୍ଷିତ ହୋଇନାହିଁ । ବରିଷ୍ଠ ନାଗରିକମାନଙ୍କୁ ସରକାରୀ ତହବିଲ୍ ଉପରେ ଏକ ବୋଝ ଭାବେ ସାଧାରଣରେ ଗ୍ରହଣ କରାଯାଉଥିବାରୁ ବୋଧହୁଏ ଅର୍ଥନୀତିରେ ସେମାନଙ୍କ ଅବଦାନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ରାଜନୈତିକ ଇଚ୍ଛାଶକ୍ତି ଜାଗ୍ରତ ହୋଇପାରୁନାହିଁ ।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ । ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକେ 'ବରିଷ୍ଠ ନାଗରିକ' ଭାବେ ଗଣ୍ୟ ହେଉଥିବା ବେଳେ ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ୬୦ ବର୍ଷ ପରେ ମଧ୍ୟ ଅନେକ ଉପାର୍ଜନ କରିବାକୁ ସକ୍ଷମ ଏବଂ ରୋଜଗାର ମୁଖ୍ୟ ଧାରରେ ସାମିଲ୍ ଅଛନ୍ତି । କିନ୍ତୁ ସେମାନଙ୍କୁ ଆବଶ୍ୟକତା ତୁଳନାରେ ସୁବିଧା ସୁଯୋଗ ମିଳୁ ନାହିଁ । କେବଳ ସରକାରୀ କ୍ଷେତ୍ରକୁ ଛାଡ଼ି ଅନ୍ୟ କେଉଁଠି ଅବସର ପରବର୍ତ୍ତୀ ପେନ୍‌ସନ / ଭତ୍ତା ସୁବିଧା ଆଖିଦୃଶିଆ ନୁହେଁ । ସରକାରୀ ପେନ୍‌ସନ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୭୫ ଲକ୍ଷ । ଇପିଏଫ୍ ପେନ୍‌ସନ୍ ଭୋଗୀଙ୍କ ସଂଖ୍ୟା ପ୍ରାୟ ୮୪ ଲକ୍ଷ ହୋଇଥିବା ବେଳେ ମାସିକ ପେନ୍‌ସନ୍ ସର୍ବନିମ୍ନ ୧୦୦୦ ରୁ ସର୍ବାଧିକ ୬୦୦୦ ଟଙ୍କା ଭିତରେ । ପେନ୍‌ସନ୍‌ଭୋଗୀ ତାଲିକାରେ ପ୍ରତିରକ୍ଷା ବିଭାଗରେ ଅଣସୈନିକ ଏବଂ ସୀମିତ ଅବଧି ପାଇଁ ନିଯୁକ୍ତି ପରେ ଅବସର ନେଇଥିବା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସାମିଲ୍ ଅଛନ୍ତି । ଏହାବ୍ୟତୀତ ମାସିକ ୧୦୦୦ ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କ ସଂଖ୍ୟା ସାରା ଦେଶରେ ମୋଟ୍ ବୟସ୍କ ନାଗରିକଙ୍କ ମଧ୍ୟରୁ ପ୍ରାୟ ୨୫ ଭାଗ । ତେଣୁ ବରିଷ୍ଠ ନାଗରିକମାନଙ୍କୁ କିଭଳି ଆର୍ଥିକ ଦୃଷ୍ଟିରୁ ସବଳ କରାଯାଇ ପାରିବ ଏବଂ ସେମାନଙ୍କ ଅଭିଜ୍ଞତା ଓ ସାମର୍ଥ୍ୟକୁ ଦେଶ ଗଠନରେ ବିନିଯୋଗ କରି ହେବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବା କଥା । ନିତି ଆୟୋଗ ଏହି ମହତ୍ କାର୍ଯ୍ୟ ପ୍ରତି ଚିନ୍ତା କରି କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ତାହା ସାର୍ବଜନିନ ହୋଇପାରିନାହିଁ ।

ଭାରତର ଜନସାଂଖ୍ୟିକ ବିଶେଷତ୍ୱ ହେଲା ଦେଶରେ କାର୍ଯ୍ୟକ୍ଷମ ବୟସ ବର୍ଗ ରୂପେ ସ୍ୱୀକୃତ ଲୋକଙ୍କ ସଂଖ୍ୟା ତୁଳନାତ୍ମକ ଭାବେ କମ୍ ହାରରେ ବଢୁଛି । ଦ୍ୱିତୀୟତଃ, ବିଭିନ୍ନ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାରରେ ଅନେକ ସାମଞ୍ଜସ୍ୟ ରହିଛି । ତୃତୀୟତଃ ବୟସ୍କ ବା ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ପାଇ ଚାଲିଛି । ନିତି ଆୟୋଗଙ୍କ ରିପୋର୍ଟ ଅନୁସାରେ ୬୦ ବୟସରୁ ଉର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୧୦ ଶତାଂଶ । ଏହା ୨୦୩୦ ଓ ୨୦୫୦ରେ ଯଥାକ୍ରମେ ମୋଟ୍ ଜନସଂଖ୍ୟାର ୧୨ ଓ ୨୦ ଶତାଂଶ ହୋଇପାରେ । ୨୦୧୧ ଜନଗଣନା ତଥ୍ୟ ଆଧାରରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨୧ ପ୍ରତିଶତ ବୋଲି କୁହାଯାଉଛି । ତେଣୁ ଆଗାମୀ ଦିନରେ ଏକ ବିକଶିତ ଭାରତରେ କିଭଳି ଏହି ଅଭିଜ୍ଞ ଓ ବରିଷ୍ଠମାନଙ୍କୁ ଏକ ମୂଲ୍ୟବାନ ମାନବ ସମ୍ପଦ ରୂପେ ପରିଗଣିତ ଓ ଉପଯୋଗ କରାଯାଇପାରିବ ଏବଂ ସୁରକ୍ଷିତ ରଖାଯାଇପାରିବ ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଅଧୁନା ଏହି ବରିଷ୍ଠ ନାଗରିକଙ୍କ ସହିତ ଜଡ଼ିତ ଅର୍ଥନୀତିକୁ ସିଲ୍‌ଭର ଇକୋନୋମି ବା ରୌପ୍ୟ ଅର୍ଥନୀତିର ନାମ ଦିଆଯାଇଛି । ଏଥିରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ସହିତ ଜଡ଼ିତ ଉତ୍ପାଦନ, ଆବଣ୍ଟନ, ସାମଗ୍ରୀ ଓ ସେବାର ଉପଭୋଗ ଆଦି ଅନ୍ତର୍ଭୁକ୍ତ । ବୟସ୍କ ବ୍ୟକ୍ତିମାନଙ୍କ ସାମଗ୍ରିକ କ୍ରୟଶକ୍ତି ରୌପ୍ୟ ଅର୍ଥନୀତିର ମୂଳାଧାର । କେତେକ କ୍ଷେତ୍ରରେ ସରକାର ସହାୟତା ଯୋଗାଇଥା'ନ୍ତି । ତେଣୁ ସେହି 'ରୌପ୍ୟ ଅର୍ଥନୀତି'ର ପରିସରକୁ ଯଦି ଅର୍ଥପୂର୍ଣ୍ଣ ଭାବେ ବୃଦ୍ଧି କରାଯାଇପାରିବ, ତା'ହେଲେ ଦେଶର ବହୁ ବରିଷ୍ଠ ନାଗରିକ ଉପକୃତ ହେବେ ଏବଂ ଜାତୀୟ ଅର୍ଥନୀତି ପାଇଁ ମଧ୍ୟ ଲାଭପ୍ରଦ ହେବ । ଏ କ୍ଷେତ୍ରରେ ଆବଶ୍ୟକ ଅଛି ସଂସ୍କାର ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ରୂପାୟନ ପାଇଁ ଅମଲାତାନ୍ତ୍ରିକ ଆନ୍ତରିକତା । ଆମ ଦେଶରେ ବରିଷ୍ଠମାନଙ୍କ ପାଇଁ ସରକାର ନିରବଦ୍ରଷ୍ଟା ସାଜିଛନ୍ତି କହିଲେ ଭୁଲ୍ ହେବ । ନ୍ୟାଶନାଲ୍ ପଲିସିକ ଅନ୍ ଓଲଡର ପର୍ସନ୍(୧୯୯୯), ନ୍ୟାଶନାଲ୍ ପ୍ରୋଗ୍ରାମ୍ ଫର ହେଲ୍‌ଥ କେୟାର ଅଫ୍ ଦ ଏଲ୍‌ଡରଲି(୨୦୧୦), ମେଣ୍ଟେନାନ୍ସ ଆଣ୍ଡ ୱେଲ୍‌ଫେୟାର ଅଫ୍ ପ୍ୟାରେଣ୍ଟସ୍ ଆଣ୍ଡ ସିନିୟର ସିଟିଜେନସ୍ ଆକ୍ଟ(୨୦୦୭) ଆଦି ଅନେକ ଯୋଜନା ଓ ଆଇନ କାନୁନ୍ ପ୍ରଣୟନ ହୋଇଥିଲେ ମଧ୍ୟ ତାହା ଆଜି କାହିଁକି ପ୍ରଭାବଶୂନ୍ୟ ଓ ମୂଲ୍ୟହୀନ ହୋଇପଡ଼ିଛି ତାହାର କାରଣ ଖୋଜିବାକୁ ପଡ଼ିବ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବରିଷ୍ଠ ନାଗରିକଙ୍କୁ ସମାଜର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବାର ମାନସିକତା । ବିଭିନ୍ନ ସମୟରେ ପ୍ରକାଶିତ ସର୍ବେକ୍ଷଣ ତଥ୍ୟାନୁଯାୟୀ ଆମ ଦେଶର ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୩୩ ଶତାଂଶ ମାନସିକ ଚାପଗ୍ରସ୍ତ । ୩୦ ଶତାଂଶ ଭାବନ୍ତି ସେମାନଙ୍କ ବାର୍ଦ୍ଧକ୍ୟ ଜୀବନରେ ସନ୍ତୋଷ ଓ ଶାନ୍ତି ନାହିଁ । ବିଶେଷକରି ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ ପରିବର୍ତ୍ତିତ ସାମାଜିକ ଚିନ୍ତାଧାରା ଦ୍ୱାରା ଅଧିକ ପ୍ରଭାବିତ । ଏକାକିନୀ ବରିଷ୍ଠ ନାଗରିକଙ୍କ କଥା ନ କହିବା ଭଲ । ଧନସମ୍ପତ୍ତି ଥାଇ ମଧ୍ୟ ପରିଣତ ବୟସରେ ସେମାନେ ନା ନା ନିର୍ଯାତନା ଓ ଅବହେଳାର ଶିକାର ହୋଇଆସୁଛନ୍ତି । ଏହି ବରିଷ୍ଠ ବର୍ଗର ଲୋକଙ୍କ ଜୀବନକୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଯଦି ସହଜ, ସରଳ, ସୁଖଦ ଓ ଆନନ୍ଦମୟ କରିହେବ, ତା'ଠାରୁ ବଡ଼ କଥା ଆଉ କିଛି ନାହିଁ ।

ବରିଷ୍ଠ ନାଗରିକଙ୍କ ସୁଖ, ଶାନ୍ତି ଓ ଯତ୍ନ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି ନିର୍ମାଣ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ସେମାନଙ୍କ ଦକ୍ଷତା ବିକାଶ ଏବଂ ଆବଶ୍ୟକ ସ୍ଥଳେ ଉପାର୍ଜନକ୍ଷମ କରିବାର ବ୍ୟବସ୍ଥା ବିକାଶ କରିବାକୁ ପଡ଼ିବ । ବିଶେଷକରି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ । ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ ପ୍ରଚଳିତ ବିଭିନ୍ନ ଆଖିଦୃଶିଆ ଯୋଜନାମାନ କେବଳ କାଗଜକଲମ ଓ ଏବଂ ରିପୋର୍ଟର ସୁଦୃଶ୍ୟ କାଗଜରେ ସୀମିତ ରହିଯାଇଛି । ଆମ ଦ୍ୱୈତନଗରୀ କଥା ଉଦାହରଣ ରୂପେ ନିଆଯାଉ । ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ କମିଶନରେଟ୍ ପୁଲିସ୍ ପ୍ରତି ଥାନାରେ ସ୍ୱତନ୍ତ୍ର ପ୍ରକୋଷ୍ଠ ଓ ୟୁନିଟ୍ ଖୋଲିଛି । ବରିଷ୍ଠ ନାଗରିକଙ୍କ ତଥ୍ୟ ସଂଗ୍ରହ କରି ନିୟମିତ ଅନ୍ତରାଳରେ ଘରକୁ ଘର ଯାଇ ସ୍ଥିତି ପରଖିବାର ପ୍ରଶଂସନୀୟ ବ୍ୟବସ୍ଥା ଅଛି । ବରିଷ୍ଠ ନାଗରିକଙ୍କ ଠାରୁ ଅଭିଯୋଗ ବା ଫୋନ୍ କଲ୍ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ବାସ୍ତବତା ଯେ ଏହାର ବିପରୀତ, ତାହା ଭୁକ୍ତଭୋଗୀମାନେ ଅଧିକ ଜାଣିଥିବେ ।

ସାମାଜିକ ନିରାପତ୍ତାର ଆଉ ଏକ ଆବଶ୍ୟକତା ହେଲା ଅର୍ଥ । ଯେଉଁମାନଙ୍କ ପାଖରେ ପରିଣତ ବୟସରେ ଚଳିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ନାହିଁ ସେମାନଙ୍କୁ ଭତ୍ତା କିମ୍ବା ଅନ୍ୟ କୌଣସି ଯୋଜନାରେ ନିଶ୍ଚିତ ମାସିକ ଆୟକୁ ସୁନିଶ୍ଚିତ କରିବାକୁ ପଡ଼ିବ । ଖାଦ୍ୟ, ଆବାସ ଓ ସ୍ୱାସ୍ଥ୍ୟସେବାର ନିଶ୍ଚିତତା ମଧ୍ୟ ଆଉ ଏକ ଜରୁରୀ ଆବଶ୍ୟକତା । ଅଧୁନା ବିଦେଶୀ ମୁହାଁ ପିଲାମାନେ ବିଭିନ୍ନ କାରଣରୁ ବୟସ୍କମାନଙ୍କ ଉପଯୁକ୍ତ ଯତ୍ନ ନେଇ ପାରୁନାହାନ୍ତି । ତେଣୁ କେତେକ କ୍ଷେତ୍ରରେ ସେମାନେ ଏକାକୀ ରହୁଥିବା ବେଳେ ଆଉ କେତେକ ସ୍ଥାନରେ ବୋଝ ଭଳି ବ୍ୟବହାର ଜନିତ ଦୁର୍ଦ୍ଦଶା ସାମ୍ନା କରିବାକୁ ପଡୁଛି ।

ବାର୍ଦ୍ଧକ୍ୟରେ ବରିଷ୍ଠ ନାଗରିକମାନଙ୍କର ନିତ୍ୟବ୍ୟବହାର୍ଯ୍ୟ ବିଭିନ୍ନ ସାମଗ୍ରୀର ଅର୍ଥନୀତିରେ ଯୋଗଦାନ କିଛି କମ୍ ନୁହେଁ । ଏହାର ଆକାର ପ୍ରାୟ ୭୫୦ କୋଟି ଡଲାର ବୋଲି ଆକଳନ କରାଯାଇଛି, ଯାହା ୧୫% ହାରରେ ବଢୁଛି । ସେମାନେ ଏକାଧାରରେ ଏ ଦେଶର ସ୍ଥାୟୀ ଖାଉଟି ଏବଂ ନିର୍ଭରଯୋଗ୍ୟ ଜମା ସଞ୍ଚୟକାରୀ । ତେଣୁ ସେମାନଙ୍କୁ ପ୍ରତିଦାନର ଆଶା ଓ ଦାବି ସୃଷ୍ଟି ହେବା ସ୍ୱାଭାବିକ । ଯେଉଁମାନଙ୍କର ଅବାଦନ ରୌପ୍ୟ ଅର୍ଥନୀତିକୁ ସମୃଦ୍ଧ କରୁଛି ସେମାନଙ୍କୁ ହତାଦର କରାଯିବ କିପରି?

(ସକାଳ ମିଡିଆ ସର୍ଭିସ୍)

## ପ୍ରକୃତିର ଶ୍ରେଷ୍ଠ ବହୁବିଧ ଯନ୍ତ୍ରୀ

ଡ. ପାଣ୍ଡବ ପାତ୍ର

'ଭାରତର ସର୍ବଶ୍ରେଷ୍ଠ ଇଞ୍ଜିନିୟର କିଏ?' ହଠାତ୍ ଦିନେ ମୋ ମନରେ ଆସିଥିବା ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଇଣ୍ଟରନେଟରେ ଯେଉଁମାନଙ୍କ ନାମ ମିଳିଲା ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଏମ୍. ବିଶ୍ୱେଶ୍ୱରାୟ, ଏପିଜେ ଅବଦୁଲ କଲାମ, ସତୀଶ ଧାୱନ, ଇ. ଶ୍ରୀଧରନ, ସୁନ୍ଦର ପିଚାଇ, ସତ୍ୟ ନାଡେଲା, ନାରାୟଣ ମୂର୍ତ୍ତି, ବର୍ଗୀଜ କୁରିଆନ ଇତ୍ୟାଦି । ଏହି ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲେ ଏରୋସ୍ପେସ୍ ଏବଂ ସିଭିଲ୍ ଇଞ୍ଜିନିୟରିଂ ଠାରୁ ଆରମ୍ଭ କରି ସଫ୍ଟୱେର୍ ଓ ଶିଳ୍ପ ବିକାଶ ପର୍ଯ୍ୟନ୍ତ । ଯେତେବେଳେ ମୁଁ ମୋ କମ୍ପ୍ୟୁଟର ସ୍କ୍ରିନରେ ଥିବା ନାମଗୁଡ଼ିକ ଉପରେ ନିରୀକ୍ଷଣ କରୁଥିଲି ଏବଂ ସେମାନଙ୍କ ବିଷୟରେ ଅଧ୍ୟୟନ କରୁଥିଲି, ଗୋଟେ ଜିନିଷ ସ୍ପଷ୍ଟ ହେଲା ଯେ ଏହି ଦୂରଦୃଷ୍ଟିସମ୍ପନ୍ନ ଏବଂ ଅଗ୍ରଣୀ ଇଞ୍ଜିନିୟରମାନେ ନିଜ ନିଜ କ୍ଷେତ୍ରରେ ବିଶେଷଜ୍ଞ ଥିଲେ । କିନ୍ତୁ ସିଭିଲ୍, ମେକାନିକାଲ୍ ଏବଂ ରାସାୟନିକ ଇଞ୍ଜିନିୟରିଂ ଭଳି ବହୁବିଧ ଶାଖାରେ ବିଶେଷଜ୍ଞ ଥିବା ଜଣେ ଇଞ୍ଜିନିୟରଙ୍କୁ ଖୋଜିବା ମୋ ପକ୍ଷେ ପ୍ରାୟ ଅସମ୍ଭବ ହେଲା ।

ହଠାତ୍, ମୋର ଦୃଷ୍ଟି ମୋ ଘର ବାହାରେ ଠିଆ ହୋଇଥିବା ଗୋଟେ ବଡ଼ ବଟବୃକ୍ଷ ଉପରେ ପଡ଼ିଗଲା । ମୁଁ ଏହାକୁ ପ୍ରତିଦିନ ଦେଖୁଥିଲି । କିନ୍ତୁ ଆଜି ଏହା ଭିନ୍ନ ଦେଖାଯାଉଥିଲା । ଯେପରି ଏହା ନିରବରେ ମୋତେ ଏହାର ରହସ୍ୟ ବୁଝିବାକୁ ଆମନ୍ତ୍ରଣ କରୁଥିଲା । କିଛିସମୟ ଗଭୀର ଅନୁଧ୍ୟାନ କଲା ପରେ ମୁଁ ଅନୁଭବ କଲି ଯେ ପ୍ରତ୍ୟେକ ବୃକ୍ଷ ଗୋଟେ ଗୋଟେ ଶ୍ରେଷ୍ଠ ବହୁବିଧ (ମଲ୍ଟିଡିସିପ୍ଲିନାରୀ) ଇଞ୍ଜିନିୟର । ବୃକ୍ଷଗୁଡ଼ିକ ପ୍ରାକୃତିକ ଭାବରେ ସେମାନଙ୍କର ବ୍ୟାପକ ମୂଳ ଏବଂ ଚେର ଦ୍ୱାରା ମୃତ୍ତିକା କ୍ଷୟ ହ୍ରାସ କରି ଏବଂ ପ୍ରବଳ ବର୍ଷା ସମୟରେ ପୋଖରୀ ଓ ନଦୀକୂଳକୁ ଧ୍ୱଂସ ହେବାରୁ ରକ୍ଷା କରି ସିଭିଲ୍ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି । ସେମାନଙ୍କର ମୂଳ ମାଟିର ଜଳଧାରଣ କ୍ଷମତାକୁ ଉନ୍ନତ କରେ । ବର୍ଷା ଜଳ ଶୋଷଣ କରିବାରେ ଏବଂ ବନ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରେ । ଭୂତଳ ଜଳ ସଂରକ୍ଷଣ ବୃଦ୍ଧି କରେ । ବୃକ୍ଷଗୁଡ଼ିକ ନିଜର ଓଜନ ସହିତ ପବନ ଓ ବର୍ଷା ଭଳି ବାହ୍ୟ ଶକ୍ତିକୁ ସହ୍ୟ କରିବା ପାଇଁ ସେମାନଙ୍କର ଗଠନକୁ ଅନୁକୂଳତମ କରି ମେକାନିକାଲ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି । ବୃକ୍ଷମାନେ ମଧ୍ୟ ସଂବହନ ଟିସୁ(ଜାଇଲେମ)କୁ ନେଇ ଗଠିତ ଏକ ଆଭ୍ୟନ୍ତରୀଣ ଯାନ୍ତ୍ରିକ ଡିଜାଇନ୍ ମାଧ୍ୟମରେ ଏହା ହାସଲ କରନ୍ତି, ଯାହା ସେମାନଙ୍କୁ ଶକ୍ତି ଓ ନମନୀୟତା ପ୍ରଦାନ କରେ । ବୃକ୍ଷର ଗଣ୍ଡି ଓ ଶାଖାଗୁଡ଼ିକ ବଙ୍କା ଚାପ (ବେଣ୍ଡିଙ୍ଗ ଷ୍ଟ୍ରେସ) ଏବଂ ସଙ୍କୋଚନ ଚାପ (କମ୍ପ୍ରେସିବଲ ଷ୍ଟ୍ରେସ)କୁ ସନ୍ତୁଳିତ କରିବା ପାଇଁ ସ୍ୱତଃ ବୃଦ୍ଧି ପାଏ । ତାହା ଏକ ପ୍ରାକୃତିକ କ୍ୟାଣ୍ଟିଲିଭର ବିମ୍ ପରି କାର୍ଯ୍ୟ କରେ ଏବଂ ଯାହା ଭାଙ୍ଗିବା (ବକଲିଙ୍ଗ)କୁ ପ୍ରତିରୋଧ କରେ ।

ବୃକ୍ଷଗୁଡ଼ିକ ଛାୟା ପ୍ରଦାନ ଓ ବାଷ୍ପୀଭବନ ପ୍ରକ୍ରିୟା ମାଧ୍ୟମରେ ଆଖପାଖର ପରିବେଶକୁ ଥଣ୍ଡା କରି ଏୟାର କଣ୍ଡିସନିଂ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି । ବୃକ୍ଷର ପତ୍ରଗୁଡ଼ିକ ସୂର୍ଯ୍ୟକିରଣ ଶୋଷଣ କରନ୍ତି ଏବଂ ଜଳୀୟ ବାଷ୍ପ ନିର୍ଗତ କରନ୍ତି । ଏହି ଜଳୀୟବାଷ୍ପ ବାଷ୍ପୀଭବନ ହେବା ସମୟରେ ବାୟୁକୁ ଥଣ୍ଡା କରିଥାଏ । ଯେପରି ଏୟାର କଣ୍ଡିସନରମାନେ ଘରରୁ ତାପ ଅପସାରଣ କରନ୍ତି, ବାଷ୍ପୀଭବନ ପ୍ରକ୍ରିୟା ସ୍ଥାନୀୟ ବାୟୁ ତାପମାତ୍ରାକୁ ଅନେକ ମାତ୍ରାରେ ହ୍ରାସ କରିଥାଏ । ଏହି ପ୍ରକ୍ରିୟାକୁ ଇଂରାଜୀରେ ଇଭାପୋଟ୍ରାନସପିରେସନ କୁହାଯାଏ । ଗବେଷଣା ଓ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ଆମ୍ବ ଭଳି ଏକ ବଡ଼ବୃକ୍ଷ ଏକକାଳୀନ କାର୍ଯ୍ୟ କରୁଥିବା ପାଞ୍ଚଟି ଏୟାର କଣ୍ଡିସନରର ଶୀତଳ ପ୍ରଭାବ ଉତ୍ପର୍ଣ୍ଣ କରିପାରେ ।

ବୃକ୍ଷଗୁଡ଼ିକ ରାସାୟନିକ ଇଞ୍ଜିନିୟର ଏବଂ ପରିବେଶ ଇଞ୍ଜିନିୟର ଭାବରେ ମଧ୍ୟ କାର୍ଯ୍ୟ କରନ୍ତି । ଜଟିଳ ଜୈବ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ବାୟୁ ଏବଂ ଜଳ ବିଶୋଧନ କରି ଏକ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରନ୍ତି । ଆଲୋକ ସଂଶ୍ଲେଷଣ ମାଧ୍ୟମରେ ଗଛଗୁଡ଼ିକ ଅଙ୍ଗାରକାମ୍ଳ ଗ୍ରହଣ କରନ୍ତି ଏବଂ ଅମ୍ଳଜାନ ମୁକ୍ତ କରନ୍ତି, ଯାହା ବାୟୁମଣ୍ଡଳରେ ଗ୍ରୀନହାଉସ୍ ଗ୍ୟାସଗୁଡ଼ିକୁ ହ୍ରାସ କରିବାରେ ସାହାଯ୍ୟ କରେ । ସେମାନଙ୍କର ପତ୍ରଗୁଡ଼ିକ ଷ୍ଟୋମାଟା ନାମକ କ୍ଷୁଦ୍ର ଛିଦ୍ର ମାଧ୍ୟମରେ ଓଜୋନ, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସଲଫର ଡାଇଅକ୍ସାଇଡ୍ ଭଳି ପ୍ରଦୂଷକଗୁଡ଼ିକୁ ମଧ୍ୟ ଶୋଷଣ କରନ୍ତି । ଏହାବ୍ୟତୀତ ଗଛର ପତ୍ରଗୁଡ଼ିକ ଧୂଳି ଓ ଧୂଆଁ କଣିକାଗୁଡ଼ିକୁ ଅଟକାଇ ଦିଅନ୍ତି, ଯାହା ବର୍ଷା ଦ୍ୱାରା ଧୋଇ ହୋଇଯାଏ ଏବଂ ପରିବେଶ ପ୍ରଦୂଷଣ ହ୍ରାସ ପାଇଥାଏ । ଆଲୋକ ସଂଶ୍ଲେଷଣ ଓ ମେଟାବୋଲିକ୍ ପ୍ରକ୍ରିୟା ମାଧ୍ୟମରେ ସୂର୍ଯ୍ୟକିରଣ, ପାଣି ଓ ଅଙ୍ଗାରକାମ୍ଳ ବାଷ୍ପକୁ ବ୍ୟବହାର କରି ଫଳ ଓ ପନିପରିବା ପରି ବାୟୋମାସରେ ଦକ୍ଷତାର ସହିତ ରୂପାନ୍ତର କରି ବୃକ୍ଷଗୁଡ଼ିକ ପ୍ରଡକ୍ସନ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି ।

ଆମେ ଏଥିରୁ ସ୍ପଷ୍ଟ ଭାବରେ ବୁଝିପାରିଲେ ଯେ ବୃକ୍ଷ ହେଉଛି ପ୍ରକୃତିର ସର୍ବୋତ୍ତମ ବହୁବିଧ ଇଞ୍ଜିନିୟର । ବୃକ୍ଷଟିଏ ନିଜ ଜୀବନର ପ୍ରତ୍ୟେକ ସେକେଣ୍ଡରେ ନିରବରେ ଜଟିଳ ଇଞ୍ଜିନିୟରିଂ ନୀତିଗୁଡ଼ିକୁ ପ୍ରୟୋଗ କରି ଧରଣୀମାଆର ଏବଂ ସମଗ୍ର ଜୀବଜଗତର ଅନବରତ ଭାବେ ସେବା କରିଚାଲେ । ●

(ଅଧ୍ୟାପକ, ବୀର ସୁରେନ୍ଦ୍ର ସାଏ ବୈଷୟିକି ବିଶ୍ୱବିଦ୍ୟାଳୟ)
ବୁର୍ଲା, ମୋ: ୯୭୭୬୧୫୨୫୨୫

## ମହିମାମୟ ଜୀବନର ଗାୟକ:ଗଡ଼ନାୟକ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଯେଉଁମାନେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥା'ନ୍ତି ଜଗତର କଲ୍ୟାଣ ସକାଶେ ସେମାନଙ୍କ ପ୍ରତି କବି-ଆତ୍ମା ଜଣାଇଥାଏ ଶ୍ରେଷ୍ଠ ସମ୍ମାନ । ଯୁଗେ ଯୁଗେ ସେମାନେ ହିଁ ହୋଇଥା'ନ୍ତି ସାହିତ୍ୟ ସୃଷ୍ଟିରେ ମୁଖ୍ୟନାୟକ । ସେମାନଙ୍କୁ ନେଇ ହିଁ ଜାତିର ଇତିହାସ ହୁଏ ଗୌରବବିମଣ୍ଡିତ । ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ସେମାନେ ହିଁ ଅନ୍ତଃହୀନ ପ୍ରେରଣାର ଜ୍ୟୋତିର୍ମୟ ସ୍ତମ୍ଭ । ରାଧାମୋହନ ଗଡ଼ନାୟକଙ୍କ ହୃଦୟ ଜାତିର ସମର୍ପିତ କୃତୀ ସନ୍ତାନଙ୍କ ଭାବନାରେ ହୋଇଉଠିଛି ତୀବ୍ର ଭାବରେ ପୁନଃ ପୁନଃ ପରିସ୍ପନ୍ଦିତ । ଓଡ଼ିଶାର କିମ୍ବଦନ୍ତୀ, ଲୋକକଥା, ଇତିହାସ ମଧ୍ୟରେ ସେ ନିରନ୍ତର ଅନ୍ୱେଷଣ କରିଚାଲିଛନ୍ତି ଏପରି କାହାଣୀ, ଏପରି ଚରିତ୍ର, ଯେଉଁମାନେ ସ୍ୱକୀୟ ତ୍ୟାଗ ଓ ତିତିକ୍ଷାରେ, ଶ୍ରଦ୍ଧାଶୀଳତା ଓ ମାନବିକତାରେ, ସଦିଚ୍ଛା ଓ ସମର୍ପଣରେ ତତ୍କାଳୀନ ସମାଜକୁ କରିଦେଇଛନ୍ତି ସ୍ତବ୍ଧ ଓ ନିର୍ବାକ । ରାଧାମୋହନ ନିଜ ଗାଥା କବିତା ରଚନା ସମୟରେ ତ୍ୟାଗପୂତ ଜୀବନର ଅଧିକାରୀ ନିଃସ୍ୱାର୍ଥ ବ୍ୟକ୍ତିତ୍ୱଙ୍କ ଉଚ୍ଚକୋଟୀର ଚରିତ୍ରକୁ ରୂପାୟିତ କରିଛନ୍ତି କି ଆବେଗମୟ ଭାଷା, ଛନ୍ଦ ଓ ସାଙ୍ଗୀତିକ ମୂର୍ଚ୍ଛନା ସଂଯୋଗରେ!

କବି ସ୍ୱରଚିତ 'ଉତ୍କଳିକା', 'ସ୍ମରଣିକା', 'ଅବାଚୀର ତାରା', 'ହୀରାଖଣ୍ଡର ଗାଥା', 'ଗାନ୍ଧୀ ଗାଥା' ଆଦି କବିତା ସଂକଳନରେ ମାନବିକ ଚେତନାର ସର୍ବୋଚ୍ଚ ସୋପାନରେ ଦଣ୍ଡାୟମାନ ଚରିତ୍ରମାନଙ୍କ ପ୍ରତି ପ୍ରାଣ-ମେଘମାଳାର ଅଜସ୍ର ବର୍ଷାଧାରା ଢାଳି ଦେଇଛନ୍ତି ଭାବ ତନ୍ମୟ ଚିତ୍ତରେ । ଉତ୍କଳମଣି ଗୋପବନ୍ଧୁଙ୍କୁ ଯେପରି କବି ରୂପ ଦେଇଛନ୍ତି ଜୀବନ୍ତ ଭାବରେ, ସେହିପରି ସମ୍ବଲପୁରର ପ୍ରଥମ ରାଜା ବଳରାମ ଦେବଙ୍କ ଅସୀମ ସାହସ, ବଡ଼ଭାଇ ପ୍ରତି ଅମାପ ତ୍ୟାଗ ବର୍ଣ୍ଣନା କରିଛନ୍ତି 'ହୀରାଖଣ୍ଡ ଗାଥାରେ' । ଭକ୍ତକବି ଦୀନକୃଷ୍ଣ ଦାସ, ସନ୍ଥକବି ଭୀମ ଭୋଇ, ବୀର ବାଳକ ବିଶ୍ୱକର୍ମା-ନନ୍ଦନ ଧର୍ମପଦ, ମହାରାଣୀ ଶୁକଦେଈ, ଉତ୍କଳର ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ଜୀବନର ଶ୍ରେଷ୍ଠ ଉପଲବ୍ଧି ଅଙ୍କନ କରିଛନ୍ତି ଅଦ୍ଭୁତ ନିଷ୍ଠାର ସହ । 'ଗାନ୍ଧୀ ଗାଥା'ର କେଉଁ ଆଦିବାସୀ ଯୁବତୀ ସ୍ୱାଧୀନତା ସଂଗ୍ରାମ ପାଇଁ ନିଜେ ପିନ୍ଧିଥିବା ସବୁ ଅଳଙ୍କାର ଦାନ କରି ଦେଉଛନ୍ତି ତ ପୁଣି ଆଉ କେଉଁଠି ଅଳଙ୍କାର ଉପରେ ପିତାମାତା ଅଧିକାର ସାବ୍ୟସ୍ତ କରୁଥିବାରୁ ସେସବୁ ତ୍ୟାଗ କରି ଜଣେ ଯୁବତୀ ଗାନ୍ଧିଜୀଙ୍କ ଚରଣରେ ସମର୍ପିତ କରିଛନ୍ତି ନିଜକୁ ।

ସୁପରିଚିତ ହୁଅନ୍ତୁ କି ଅପରିଚିତ, ସୁବିଖ୍ୟାତ ହୁଅନ୍ତୁ କି ଅଖ୍ୟାତ, କବି ଯେଉଁଠି ଦେଖିଛନ୍ତି ମହତ ଚେତନାର ସ୍ଫୁରଣ, ତା'କୁ ସାଉଁଟି ଆଣିଛନ୍ତି ନିଜ ପାଖକୁ । କେବଳ ଏହି ଉଦ୍ଦେଶ୍ୟରେ ମଧ୍ୟ ସେ ଅନେକ ସ୍ଥାନକୁ ଯାତ୍ରା କରିଛନ୍ତି ଜଣେ ଅନୁସନ୍ଧିତ୍ସୁ ଗବେଷକର ଉତ୍ସୁକତା ନେଇ । ଦୁର୍ଭିକ୍ଷ ସମୟରେ ଭିକ୍ଷା ସଂଗ୍ରହ କରୁଥିବା ପିଲାଟି ପାଇଛି ପଖାଳ ମୁଠାଏ । କ୍ଷୁଧାରେ ତା'ର ଉଦର ପ୍ରଜ୍ୱଳିତ । ମାତ୍ର ନିଜ ଭାଇଭଉଣୀ କଥା ମନେ ପକାଇ ଏକୁଟିଆ ସେ ଖାଇପାରୁନି । ତୋରାଣି ଟିକିଏ ପିଇଦେଇ ବୃକ୍ଷ ମୂଳରେ ନେଇଛି ବିଶ୍ରାମ । କିଏ ଜାଣିଥିଲା ଯେ ତାହା ମହାବିଶ୍ରାମରେ ପରିଣତ ହୋଇଯିବ? ସେଇ ରାସ୍ତାଦେଇ ଯାଉଥିବା କେହି ପିଲାଟି ମରିଯାଇଛି ବୋଲି କହିବା ବେଳେ କବିଆତ୍ମା ଘୋଷଣା କରୁଛନ୍ତି - 'ଆକାଶ ପବନ କାନେ କାନେ ତା'ର ଉଠିଲା କହି, ମରିନାହିଁ ସେ ତ ମରଣଜୟୀ' । ସ୍ୱଭାବ-କବି ଗଙ୍ଗାଧର ନିଜ ରଚନାରେ ଛାଡ଼ି ଯାଇଛନ୍ତି ଏକ ସାମାନ୍ୟ ସୂଚନା ଯେ, ବରପାଲିର ରାମଚନ୍ଦ୍ର ମନ୍ଦିର ନିର୍ମିତ ହୋଇଥିଲା ତୁଳସୀ ନାମକ ଏକ କେଉଁଟୁଣୀ ଦ୍ୱାରା । ବେଶ, ଏତିକି ସୂଚନା ତାଙ୍କୁ ଟାଣି ନେଇଗଲା ବରପାଲି ମାଟିକୁ । ସ୍ୱାମୀ ସନ୍ତାନ ହରା କେଉଁଟୁଣୀର ଘରେ ଆଶ୍ରୟ ନେବାକୁ ଚାହିଁଛନ୍ତି ସ୍ୱୟଂ ଶ୍ରୀରାମ । ମୁଢ଼ି ଭାଜି ଭାଜି ସେ ସାଇତି ରଖିଛି ଟଙ୍କା । ସେଇ ସଂଚିତ ଅର୍ଥ ବଳରେ ନିର୍ମାଣ କରିଛି ମନ୍ଦିର । ରାଧାମୋହନ ସ୍ୱରଚିତ 'ଅବାଚୀର ତାରା' ସଂକଳନରେ ସେଇ ସତ୍ୟକୁ ଆଧାର କରି ରଚନା କଲେ କବିତା 'ତୁଳସୀ ଗୋ ଦୀନ ଦୁଃଖୀ ତୁମେ କେଉଁଟୁଣୀ' ।

ଓଡ଼ିଶାର ମହାନତାକୁ କେହି ଯଦି ତଲ୍ଲୀନ ହୃଦୟରେ ଅନୁଭବ କରିବାକୁ ଚାହାନ୍ତି, ସ୍ୱଦେଶ ବା ମାତୃଭୂମି ପାଇଁ କେହି ଯଦି ସ୍ୱାର୍ଥତ୍ୟାଗ ସକାଶେ ପ୍ରତିଜ୍ଞାବଦ୍ଧ ତାଙ୍କୁ ରାଧାମୋହନ ଗଡ଼ନାୟକଙ୍କ କବିତା ଜଗତକୁ ପ୍ରବେଶ କରିବାକୁ ପଡ଼ିବ ନିଶ୍ଚୟ । କେହି ଯଦି ସାମାନ୍ୟ ନିଃସ୍ୱାର୍ଥ ଭାବରେ ବଞ୍ଚିରହିବା ହିଁ ଜୀବନର ବିରାଟ ସଫଳତା ବୋଲି ନିଶ୍ଚିତ ହୋଇଯା'ନ୍ତି, ତା'ହେଲେ ଗଡ଼ନାୟକଙ୍କ ପ୍ରତିଭାର ଦ୍ୟୁତିରେ ସମୁଦ୍ଭାସିତ ଚରିତ୍ରଙ୍କୁ ନିଜ ପ୍ରାଣ ପ୍ରଦେଶକୁ ନିମନ୍ତ୍ରଣ କରିଆଣିବାକୁ ହେବ । ପ୍ରତିଷ୍ଠିତ କରିବାକୁ ହେବ ସେମାନଙ୍କୁ ପ୍ରେରଣା ବିକିରଣ-କ୍ଷମ ହୃଦୟ ବେଦୀରେ । ତାହା ହିଁ ଏହି ସ୍ୱାର୍ଥସର୍ବସ୍ୱ ସମାଜ ମଧ୍ୟରେ ହେବ ଏକ ସାହସିକ ପଦକ୍ଷେପ । ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ମାଂସ ଜବତକୁ ନେଇ ବାଲିଗୁଡ଼ାରେ ଉତ୍ତେଜନା

## ଦୁଇଗୋଷ୍ଠୀ ମୁହାଁମୁହିଁ, ଥାନାରେ ଅଭିଯୋଗ



ବାଲିଗୁଡ଼ା, ୧୨।୧୧(ସମିସ): ବାଲିଗୁଡ଼ା ଥାନାଠାରୁ ମାତ୍ର ୫୦୦ ମିଟର ଦୂର ବାଲିଗୁଡ଼ା କାଠଗୋଲା ଛକ ନିକଟରୁ ପ୍ରାୟ ୧ କୁଇଣ୍ଟାଲ ମାଂସ ଜବତ ହୋଇଛି। ଏକ ଘରେ ମାଂସ କଟା ଯାଉଥିବା ଖବର ପାଇ ହିନ୍ଦୁ ସେନା ସଂଗଠନର ୫୦ରୁ ଅଧିକ କର୍ମକର୍ତ୍ତା ବିରୋଧ କରିଥିଲେ। ଖବର ପାଇଲା ପରେ ଡିଏସପି ରଶ୍ମିରଂଜନ ଦାସ ଓ ଏସଡିପିଓ ଆଜିଂକ୍ୟ ମାଣେ, ବାଲିଗୁଡ଼ା ଥାନାଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ନିରୀକ୍ଷଣ କରିଥିଲେ। ଏହାକୁ ପୋତି ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏପଟେ ହିନ୍ଦୁସେନା କର୍ମୀମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିବାରୁ ପରିସ୍ଥିତି ଅସ୍ୱାଭାବିକ ହୋଇଥିଲା। ଆଲୋଚନା ପରେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ପରେ ଅତିରିକ୍ତ ତହସିଲଦାର ଅମିତ ରାୟଙ୍କ ଉପସ୍ଥିତିରେ କଟା ହୋଇଥିବା ମାଂସ ଓ ମୁଣ୍ଡକୁ କଡ଼ା ସୁରକ୍ଷା ବଳୟରେ ଓରଣ୍ଡଠାରେ ଥିବା ଏକ ନିର୍ଜନ ସରକାରୀ ସ୍ଥାନରେ ଜେସିବି ମେସିନ ସହାୟତାରେ ପୋତି ଦିଆଯାଇଛି। ହିନ୍ଦୁସେନା ପକ୍ଷରୁ ଏକ ଲିଖିତ ଅଭିଯୋଗ ବାଲିଗୁଡ଼ା ଥାନାରେ କରାଯିବା ସହ ଉକ୍ତ ଘଟଣାରେ ଜଡିତ ଥିବା ୫ ଜଣ ବ୍ୟକ୍ତିଙ୍କୁ ଗିରଫ ପାଇଁ ଦାବି କରାଯାଇଛି। ଗୁରୁବାର ସୁଦ୍ଧା ଗିରଫ କରାନଯାଏ ତେବେ ବାଲିଗୁଡ଼ା ମୁଖ୍ୟରାସ୍ତା ଅବରୋଧ କରାଯାଇ ଆନ୍ଦୋଳନ କରି ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପୁଲିସ ଘଟଣାକୁ ଗୁରୁତର ସହ ନେଉଛି। ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିଏସପି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# ଗାଁକୁ ରାସ୍ତା ନାହିଁ; ଖଟିଆରେ ବୁହାହେଲେ ଗର୍ଭବତୀ

ଫିରିଙ୍ଗିଆ,୧୨।୧୧(ସମିସ): ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗାଁକୁ ସହର ସହିତ ଯୋଡ଼ିବାକୁ ପକ୍କା ରାସ୍ତାର ବ୍ୟବସ୍ଥା କରିଛନ୍ତି। ହେଲେ ଏବେବି ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ପକ୍କା ରାସ୍ତା ନଥିବାରୁ ଲୋକେ ଦୁର୍ବିସହ ଜୀବନ ଜୀଉଁଛନ୍ତି। କେତେବେଳେ ଛାତ୍ରଛାତ୍ରୀ ଭରା ନଈରେ ଜୀବନକୁ ବାଜି ଲଗାଇ ଯାଉଛନ୍ତି ତ ଆଉ କେତେବେଳେ ଗର୍ଭବତୀ ଖଟିଆରେ ବୁହା ହୋଇ ମେଡିକାଲ ଯାଉଥିବା ଘଟଣା ନିତିଦିନିଆ ହୋଇଗଲାଣି।

ଏଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ସବେରୀ ଗ୍ରାମରୁ। ଉକ୍ତ ଗ୍ରାମର ଜଣେ ଗର୍ଭବତୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଆଶାକର୍ମୀ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ରାସ୍ତାର ଅବସ୍ଥା ଶୋଚନୀୟ ସାଙ୍ଗକୁ ରାସ୍ତାରେ ଏକ ବଡ଼ ନାଳ ପଡୁଥିବାରୁ ଆମ୍ବୁଲାନ୍ସ ଗ୍ରାମଠାରୁ ୧କିଲୋମିଟର ଦୂର କାଲାଡି ପାଜିପାରି ଗାଁରେ ରହିଥିଲା। ପରେ ଆଶାଦିଦି, ଆମ୍ବୁଲାନ୍ସ ଡ୍ରାଇଭର ଓ ଗ୍ରାମବାସୀ ମିଶି ଖଟିଆରେ ୧ କିଲୋମିଟର ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାପରେ ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଉଭୟ ମା' ପୁଅ ସୁସ୍ଥ ଥିବା ସୂଚନା ମିଳିଛି। ରାସ୍ତାର ଅବସ୍ଥା କଦର୍ଯ୍ୟ ଥିବାରୁ ଆମ୍ବୁଲାନ୍ସ ଡ୍ରାଇଭର ଜିତୁ ମାଝୀ ଗର୍ଭବତୀଙ୍କୁ କାନ୍ଧରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ପ୍ରଶାସନ ଏହି ଗ୍ରାମର ସମସ୍ୟା ଓ ଯାତାୟତ ଯନ୍ତ୍ରଣାକୁ ହୃଦୟଙ୍ଗମ କରି ଯଥାଶୀଘ୍ର ପକ୍କାରାସ୍ତା ନିର୍ମାଣ କରିବା ସହ ମେଣ୍ଡମୁଣ୍ଡା ନାଳରେ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



**ବାରବାଟିରେ କ୍ରିକେଟ ମ୍ୟାଚ୍**

# ପ୍ରାଥମିକତା ହେଉ ସୁରକ୍ଷା ବ୍ୟବସ୍ଥା ସହିତ ତ୍ରୁଟିଶୂନ୍ୟ ଆୟୋଜନ : ବିଜେଡି

ଭୁବନେଶ୍ୱର,୧୨।୧୧(ସମିସ): ଆସନ୍ତା ଡିସେମ୍ବର ୯ରେ ବାରବାଟୀରେ ହେବାକୁଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ ମ୍ୟାଚରେ ସୁରକ୍ଷାକୁ ସୁନିଶ୍ଚିତ କରାଯାଉ ଓ ଆୟାଜନ ତୃଟିଶୂନ୍ୟ ହେଉ ବୋଲି ଦାବି କରିଛି ବିଜେଡି। ଦଳର ମୁଖପାତ୍ର ମିହିର ରାୟ କହିଛନ୍ତି ଯେ ସମ୍ପ୍ରତି ଦେଶର ରାଜଧାନୀ ଦିଲ୍ଲୀ ଠାରେ ଘଟିଥିବା ଆତଙ୍କୀ ବିସ୍ଫୋରଣ ଯୋଗୁ ଦେଶରେ ହାଇଆଲର୍ଟ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ ବେଳେ ସୁରକ୍ଷା ଏକ ମୁଖ୍ୟ ପ୍ରସଙ୍ଗ। ଏହା ସହିତ ଏହି ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚକୁ ତ୍ରୁଟିଶୂନ୍ୟ ଭାବେ ଆୟୋଜନ କରିବା ମଧ୍ୟ ଏକ ଗୁରୁ ଦାୟିତ୍ୱ। ଗତବର୍ଷ ଭାରତ ଓ ଇଂଲଣ୍ଡ ମଧ୍ୟରେ ବାରବାଟୀ ଷ୍ଟାଡିଅମରେ ଅନୁଷ୍ଠିତ ହୋଇଥିବା ଏକଦିବସୀୟ ମ୍ୟାଚ ବେଳେ ଯେଉଁଭଳି ଭାବେ ଷ୍ଟାଡିଅମର ଫ୍ଲଡ ଲାଇଟରେ ବିଭ୍ରାଟ ଦେଖା ଦେଇଥିଲା ତାର ପୁନରାବୃତ୍ତି ହେବା ଅନୁଚିତ। ତେଣୁ ତ୍ରୁଟିଶୂନ୍ୟ ଭାବେ କିଭଳି ମ୍ୟାଚଟିକୁ ଆୟୋଜନ କରାଯାଇ ପାରିବ, ରାଜ୍ୟ ସରକାର ସେଥିପ୍ରତି ଯତ୍ନବାନ ହେବା ଦରକାର। ଅତୀତରେ ଅନୁଷ୍ଠିତ କ୍ରିକେଟ ମ୍ୟାଚରେ ଫ୍ଲଡ଼ ଲାଇଟ୍ ବିଭ୍ରାଟ ଓଡ଼ିଶାକୁ ସାରା ବିଶ୍ୱରେ ନିନ୍ଦିତ କରିଥିଲା। ମାତ୍ର ଏଥିରେ କିଏ ପ୍ରକୃତ ଦୋଷୀ ଓ ଏତେ ପ୍ରସ୍ତୁତି ସତ୍ତ୍ୱେ କିପରି ଏଭଳି ଅଭାବନୀୟ ସ୍ଥିତି ଉପୁଜିଲା, ତାକୁ ନେଇ କୌଣସି ସ୍ୱଷ୍ଟତା ଆସି ନଥିଲା। କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହାଛଡା ଏହି କ୍ରିକେଟ ମ୍ୟାଚକୁ ଦେଖିବା ପାଇଁ ଓସିଏ ପକ୍ଷରୁ ବଣ୍ଟନ କରାଯାଇଥିବା ପାସରେ ମଧ୍ୟ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ତେଣୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା କ୍ରିକେଟ ମ୍ୟାଚଟି ତ୍ରୁଟିଶୂନ୍ୟ ଭାବେ ଆୟୋଜିତ ହେବା ଆବଶ୍ୟକ ବୋଲି ଶ୍ରୀ ରାୟ କହିଛନ୍ତି।

**ରାଜ୍ୟସ୍ତରୀୟ 'ସୁରଭି' ଉଦ୍‌ଘାଟିତ**

# ୩ ବର୍ଷରେ ୪୪,୪୩୩ ଶିକ୍ଷକ ନିଯୁକ୍ତି ଲକ୍ଷ୍ୟ

- ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସରତ: ମୁଖ୍ୟମନ୍ତ୍ରୀ
- ସମ୍ବର୍ଦ୍ଧିତ ହେଲେ ମେଧାବୀ ଛାତ୍ରଛାତ୍ରୀ; ଦିବ୍ୟାଙ୍ଗ ପିଲାଙ୍କୁ ହୁଇଲ୍ ଚେୟାର

ଭୁବନେଶ୍ୱର,୧୨।୧୧(ସମିସ): ଶିଶୁମାନେ ହେଉଛନ୍ତି ସମାଜର ଭବିଷ୍ୟତ ଓ ନୂତନ ଆଶା। ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଉଚିତ୍ ମାର୍ଗଦର୍ଶନ କରିବା ସମସ୍ତଙ୍କ ପ୍ରାଥମିକତା। ଏଥିପାଇଁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସ କରୁଛନ୍ତି। ବିଦ୍ୟାଳୟରେ ମନୋଜ୍ଞ ପରିବେଶ ସୃଷ୍ଟି କରିବା ସହିତ ଅତ୍ୟାଧୁନିକ ଶିକ୍ଷା ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି ଏକ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାର୍ଥୀଙ୍କ ଭିତରେ ଲୁଚି ରହିଥିବା ଅସଂଖ୍ୟ ସମ୍ଭାବନା ଏବଂ ଦକ୍ଷତାକୁ ନିଜେ ଜାଣନ୍ତୁ। ବଡ଼ ହେବା ପାଇଁ ସ୍ୱପ୍ନ ଦେଖନ୍ତୁ। କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ତାକୁ ସାକାର କରିପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ ସେ ପ୍ରୋତ୍ସାହିତ କରିଛନ୍ତି।

ସେହିପରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଆଗାମୀ ୩ ବର୍ଷରେ ୪୪ହଜାର ୪୩୩ ଶିକ୍ଷକ ନିଯୁକ୍ତ କରାଯିବ ବୋଲି କହିବା ସହ ପ୍ରତି ବର୍ଷ ପ୍ରାୟ ୧୫ ହଜାର ଲେଖାଏଁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ଅନ୍ୟତମ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗଦେଇଥିବାବେଳେ ବିଭାଗୀୟ ସଚିବ ଡ. ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଯୁକ୍ତ ଦୁଇ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। କଳାରେ ଦେବେନ୍ଦ୍ର ଖମାରିଆ, ବିଜ୍ଞାନରେ ସୁଶିଲ କୁମାର ନାୟକ, ବାଣିଜ୍ୟରେ ସ୍ୱର୍ଣ୍ଣ ରେଖା ମନ୍ତ୍ରୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ସୁପ୍ରିୟା ସୁତାରଙ୍କୁ ମୁଖ୍ୟମନ୍ତ୍ରୀ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ହୁଇଲ ଚେୟାର ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଛନ୍ତି। ଏହାସହ ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭ ନିର୍ବାଚନ...

ଜୋର ଧରିଛି। ପୂର୍ବ ଇତିହାସ ଦେଖିଲେ ବିହାରରେ ଏକଜିଟ୍ ପୋଲ କେବେବି ସମ୍ପୂର୍ଣ୍ଣ ସତ୍ୟ ହୋଇ ନାହିଁ। ଅଧିକାଂଶ ସମୟରେ ଏକଜିଟ୍ ପୋଲଗୁଡ଼ିକ ଆସନ ସଂଖ୍ୟାକୁ ନେଇ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଦେଇଛନ୍ତି। ଜାତି ଆଧାରିତ ଭୋଟ ପ୍ରଦାନ ଧାରା, ପ୍ରବାସୀ ଭୋଟର, ନୀରବ ଭୋଟର ଓ ମହିଳା ଭୋଟର ସର୍ବଦା ବିହାର ନିର୍ବାଚନକୁ ନିୟନ୍ତ୍ରଣ କରି ଆସିଛନ୍ତି। ଗତ ନିର୍ବାଚନରେ ଏହି ଚାରିଟି ପ୍ରମୁଖ ପ୍ରସଙ୍ଗ ମଧ୍ୟ ଯଥେଷ୍ଟ ଗୁରୁତ୍ୱବହନ କରିଛି । ଜଟିଳ ଜାତି ସମୀକରଣ ଓ ଛୋଟଛୋଟ ଜାତିର ଭୋଟରମାନଙ୍କ ମତିଗତିକୁ ଆକଳନ କରିବାରେ ଅସାମର୍ଥ୍ୟତା ଯୋଗୁ ଅଧିକାଂଶ ସମୟରେ ଏକଜିଟ୍ ପୋଲ ସଠିକ୍ ହୋଇ ପାରି ନ ଥିବା କୁହାଯାଉଛି ।

ସେହିପରି ଏକ୍‌ଜିଟ୍ ପୋଲର ଇତିହାସକୁ ଦେଖିଲେ ୧୮ ମାସରେ ୭ଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଏହା ପ୍ରାୟତଃ ସତ୍ୟ ପ୍ରମାଣିତ ହୋଇନାହିଁ। ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ଏକଜିଟ୍ ପୋଲର ସବୁ ଆକଳନକୁ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ କରିଥିଲା । ଏପରିକି ଏଜେନ୍ସିଗୁଡ଼ିକ ୪୦% ମଧ୍ୟ ସଠିକ୍ ଆକଳନ କରିବାରେ ବ୍ୟର୍ଥ ହୋଇଥିଲା। ଝାଡ଼ଖଣ୍ଡରେ ଏକଜିଟ୍ ପୋଲ ଫଳାଫଳ ମିଶ୍ରିତ ଥିଲା। କେବଳ ଗୋଟିଏ ଏଜେନ୍ସି ବ୍ୟତୀତ ଅନ୍ୟମାନେ ପ୍ରାୟତଃ ଭୋଟରଙ୍କ ମତିଗତି ଆକଳନ କରିବାରେ ବ୍ୟର୍ଥ ହୋଇଥିଲେ ।

ଦିଲ୍ଲୀ ବିଧାନସଭା ନିର୍ବାଚନରେ ୯ଟି ଶୀର୍ଷ ଏଜେନ୍ସି ମଧ୍ୟରୁ ୫ଟିର ଆକଳନ ପ୍ରାୟ ୮୦% ସଠିକ୍ ସାବ୍ୟସ୍ତ ହୋଇଥିଲା। ଅନ୍ୟ ୪ଟିର ଫଳାଫଳ ୫୦% ପର୍ଯ୍ୟନ୍ତ ସତ୍ୟ ହୋଇଥିଲା। ଅପରପକ୍ଷରେ ଜମ୍ମୁ ଏବଂ କାଶ୍ମୀର ବିଧାନସଭା ନିର୍ବାଚନ ସଂକ୍ରାନ୍ତ ଏକଜିଟ୍ ପୋଲର ଆକଳନ ପ୍ରାୟତଃ ଓଲଟା ହୋଇଥିଲା। ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଏକଜିଟ୍ ପୋଲ ସମ୍ପୂର୍ଣ୍ଣ ଭୁଲ ହୋଇଥିଲା। ଏଠାରେ ବିଆରଏସ୍ ପୁନର୍ବାର କ୍ଷମତାକୁ ଫେରିବ ବୋଲି ସବୁ ଏକଜିଟ୍ ପୋଲ ଆକଳନ କରିଥିଲେ ହେଁ ବିଆର୍‌ଏସ୍ ପ୍ରଚଣ୍ଡ ପରାଭବ ଭୋଗିଥିଲା ଓ କଂଗ୍ରେସ କ୍ଷମତାକୁ ଆସିଥିଲା। ଓଡ଼ିଶାରେ ମଧ୍ୟ ଠିକ୍ ତାହା ହିଁ ଦେଖାଯାଇଥିଲା। ବିଜେଡି ୯୦ରୁ ୧୧୦ ଆସନରେ ବିଜୟୀ ହେଇ କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ଅଧିକାଂଶ ଏକଜିଟ୍ ପୋଲରେ କୁହାଯାଇଥିଲେ ହେଁ ତାହା ସତ୍ୟ ହୋଇ ନ ଥିଲା।

### ନୂଆପଡ଼ାରେ ରେକର୍ଡ...

ଗ୍ରାମର ମହିଳା ଭୋଟର ଜୟନ୍ତୀ ଛତ୍ରିଆଙ୍କ ନାମରେ ଆଉ କେହି ଭୋଟ ଦେଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନେଇ ସେହି ଅଭିଯୋଗ ସମ୍ପର୍କରେ କ୍ଷେତ୍ର ଅଧିକାରୀ ଓ ପୁଲିଙ୍ଗ ଅଅଧିକାରୀମାନେ ତତ୍‌କ୍ଷଣାତ ଯାଞ୍ଚ କରିଥିଲେ। ମାତ୍ର ତାହା ସତ୍ୟ ନୁହେଁ ବୋଲି ଜଣାପଡ଼ିଛି। ସେହିପରି ପୋଲିଂ ଷ୍ଟେସନ ନମ୍ବର ୨୫୦ ରେ ଭୋଟିଂ ତଥ୍ୟ ମେଳ ନ ଖାଇବାର ଅଭିଯୋଗ ଅସତ୍ୟ ବୋଲି ସିଇଓ କହିଛନ୍ତି। ଅପରପକ୍ଷେ ମତଦାନ ଶେଷ ହେବା ପରେ ସମସ୍ତ ଇଭିଏମ ଏବଂ ଭିଭି.ପ୍ୟାଟକୁ ନିର୍ଦ୍ଦିଷ୍ଟ ଷ୍ଟ୍ରଙ୍ଗରୁମରେ ତିନି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ରଖାଯାଇଛି। ଷ୍ଟ୍ରଙ୍ଗରୁମ ଟି ୨୪ ଘଣ୍ଟା ସିସିଟିଭି ନିରୀକ୍ଷଣରେ ରହିଛି । ମେସିନଗୁଡିକର ମୁଦ ଓ ସଂରକ୍ଷଣ ପ୍ରକ୍ରିୟା ସମସ୍ତ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଭିଡିଓଗ୍ରାଫି ସହ ସମ୍ପନ୍ନ ହୋଇଛି ବୋଲି ସେ ଅବଗତ କରାଇଛନ୍ତି। ଅପରପକ୍ଷେ ବିପୁଳ ସଂଖ୍ୟାରେ ମତଦାନ କରି ଗଣତନ୍ତ୍ରର ପର୍ବକୁ ସଫଳ କରିଥିବା ସମସ୍ତ ମତଦାତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ।

### ୩୭ ଦିନର...

ଅକ୍ଟୋବର ୨୭ରେ ୨୫ରୁ ଅଧିକ ପୋଷ୍ଟର ଲଗା ଯାଇଥିଲା। ୫୦ରୁ ଅଧିକ ଅଧିକାରୀ ଏହି ମାମଲାର ତଦନ୍ତ କରିଥିଲେ। ସିସିଟିଭିରେ ଡ. ଆଦିଲକୁ ଦେଖିବାକୁ ପାଇଥିଲେ। ସେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କ ସହ ଜଡ଼ିତ ଥିବା ଫୋନ୍ ସର୍ଭିଲାନ୍ସରୁ ଜଣା ପଡ଼ିଥିଲା। ସହାରନପୁରରେ ତାର ଫୋନ ଥିବା ଜଣାପଡ଼ିଥିଲା। ଗତ ୬ ତାରିଖରେ ତାକୁ ଗିରଫ କରାଯାଇଥିଲା। ତା' ନିକଟରୁ ଏକେ-୪୭, ଗ୍ରେନେଡ ଏବଂ ବିସ୍ଫୋରକ ଜବତ କରାଯାଇଥିଲା। ଜେରା ସମୟରେ ଫରିଦାବାଦରେ ପଢୁଥିବା ଡ.ମୁଜାମିଲ ପାଖରେ ବିପୁଳ ବିସ୍ଫୋରକ ଥିବା ସେ କହିଥିଲା। ଏହା ପରେ ଗତ ୯ ତାରିଖରେ ଜମ୍ମୁ-କଶ୍ମୀର ପୁଲିସ ହାଇଦରାବାଦରେ ପହଞ୍ଚି ୧୦ ତାରିଖରେ ମୁଜାମିଲକୁ ଧରି ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬ ଜଣ ଡାକ୍ତରଙ୍କୁ ଗିରଫ କରାଗଲାଣି। ଜଣେ ଡାକ୍ତର ମଧ୍ୟ ଫେରାର ରହିଛି।

ଏହା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ସନ୍ଧ୍ୟାରେ ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ କମିଟି ବୈଠକ ଡକାଇ ଥିଲେ। ଏଥିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଏନଏସଏ ଅଜିତ ଡୋଭାଲ, ବିଦେଶମନ୍ତ୍ରୀ ଏସ ଜୟଶଙ୍କର ସାମିଲ ହୋଇଥିଲେ। ଏଥିରେ ଦିଲ୍ଲୀ ବିସ୍ଫୋରଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା ଏବଂ ୨ ମିନିଟ ପାଇଁ ମୌନ ରଖାଯାଇଥିଲା।

### ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ...

ଫୁଲବାଣୀ ୧୦, ଝାରସୁଗୁଡ଼ାରେ ୧୦.୬ ରେକର୍ଡ ହୋଇଛି। ଏହି ସହରଗୁଡ଼ିକ ସମେତ ରାଜ୍ୟର ମୋଟ୍ ୨୧ ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ପାରଦ ରହିଛି। ରାଜ୍ୟର ଅନ୍ୟ ସହର ଭଳି ଦ୍ୱୈତ ନଗରୀରେ ମଧ୍ୟ ଥଣ୍ଡା ବଢ଼ିଛି। ଗତ ୨୪ ଘଣ୍ଟାରେ କଟକରେ ତାପମାତ୍ରା ୧୫.୨ ଡିଗ୍ରୀ ରହିଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ୧୫.୫ ଡିଗ୍ରୀ ରେକର୍ଡ ହୋଇଛି।

### ଜେମିନି ଏଆଇ...

ଅଭିଯୋଗ ହୋଇଛି, ଯାହା ଫଳରେ ୟୁଜରଙ୍କ ଅଜାଣତରେ କିମ୍ବା ସମ୍ମତି ବିନା ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ହୋଇଥିଲା। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, କ୍ଲାସ୍-ଆକ୍ସନ୍ ମାମଲାରେ କୁହାଯାଇଛି ଯେ ଯଦି ଜଣେ ଉପଭୋକ୍ତା ଜେମିନି ଏଆଇକୁ ବନ୍ଦ କରିବାକୁ ଚାହାଁନ୍ତି, ତେବେ ତାଙ୍କୁ ଗୁଗୁଲ୍‌ର ଗୋପନୀୟତା ସେଟିଂସକୁ ଆକ୍ସେସ୍ କରି ମାନୁଆଲି କରିବାକୁ ପଡିବ। ଅନ୍ୟଥା, ଜେମିନି ଏଆଇ ସମସ୍ତ ରେକର୍ଡ କରାଯାଇଥିବା ଡାଟାକୁ ଆକ୍ସେସ୍ କରିପାରିବ, ଯେଉଁଥିରେ ଜି-ମେଲ୍‌ରେ ପଠାଯାଇଥିବା ଏବଂ ପ୍ରାପ୍ତ ହୋଇଥିବା ସମସ୍ତ ଇ-ମେଲ୍ ଏବଂ ଆଟାଚମେଣ୍ଟ ଅନ୍ତର୍ଭୁକ୍ତ। ମାମଲା ଗୁଗୁଲ୍ ଉପରେ କାଲିଫର୍ଣ୍ଣିଆ ଇନଭାଜନ୍ ଅଫ୍ ପ୍ରାଇଭେସି ଆକ୍ଟ (୧୯୬୭) ଉଲ୍ଲଂଘନ କରିବାର ଅଭିଯୋଗ ଆଣିଛି। ଏହି ଆଇନ ସମସ୍ତ ପକ୍ଷଙ୍କ ଅନୁମତି ବିନା କାହାର ବ୍ୟକ୍ତିଗତ କଥାବାର୍ତ୍ତା କିମ୍ବା ତଥ୍ୟ ରେକର୍ଡ କରିବା ନିଷେଧ କରେ। ଗୁଗୁଲ୍ ଏ ପର୍ଯ୍ୟନ୍ତ ଏହି ବିଷୟରେ ସରକାରୀ ଭାବେ କୌଣସି ମନ୍ତବ୍ୟ ଦେଇନାହିଁ।

### ନିଯୁକ୍ତି ଦ୍ୱନ୍ଦ୍ୱରେ...

କରାଯାଇଛି। ଏନେଇ ବହୁ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ପରୀକ୍ଷା ରଦ୍ଦ କରିବାକୁ ଦାବି କରିଛନ୍ତି। କିପରି ଓ କାହିଁକି ନିଜ ନିୟମ ନିଜେ ଓଏସ୍‌ଏସ୍‌ସି ଉଲଂଘନ କଲା, ସେ ସମ୍ପର୍କରେ ଅଧିକାରୀମାନେ ମୁହଁ ଖୋଲୁ ନାହାନ୍ତି।

ଅନୁରୂପ ଭାବେ ଉଭୟ ବିଷୟରେ ୨୦ ନମ୍ବର ଲେଖାଏଁ ପେଡାଗୋଜୀ ବିଷୟର ପ୍ରଶ୍ନପତ୍ର ଆସିଥିଲା। ଇଂରାଜୀ ଭାଷା ସହ ସଂପୃକ୍ତ ବିଷୟ (ହିନ୍ଦୀ ବା ସଂସ୍କୃତ) ଭାଷାରେ ଆସିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ପ୍ରଥମେ ହିନ୍ଦୀ ପରୀକ୍ଷାରେ କେବଳ ହିନ୍ଦୀ ଭାଷାରେ ପେଡାଗୋଜୀ ପ୍ରଶ୍ନପତ୍ର ଆସିଥିବାରୁ ତତ୍‌କ୍ଷଣାତ୍ ପେଡ଼ାଗୋଜୀ ପରୀକ୍ଷା ଆଉଥରେ ହେବ ବୋଲି ଓଏସ୍‌ଏସ୍‌ସି ଘୋଷଣା କରିଥିଲା। ହେଲେ ୨ଦିନ ପରେ ହେବାକୁ ଥିବା ସଂସ୍କୃତ ପରୀକ୍ଷା ପ୍ରଶ୍ନପତ୍ରରେ ମଧ୍ୟ ସମାନ ତ୍ରୁଟି ଥିବାରୁ ରାତାରାତି ବିକଳ୍ପ ଖୋଜିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଖୋଲିବା ସହ ପୋଡାଗୋଜୀ ପ୍ରଶ୍ନପତ୍ର ଇଂରାଜୀ ଭାଷାକୁ ଟ୍ରାନ୍ସଲେଟ୍ କରି ପରୀକ୍ଷାର୍ଥୀଙ୍କୁ ଜେରକ୍ସ କପି ଦେଇଥିଲେ। ଅର୍ଥାତ୍ ପରୀକ୍ଷା ପୂର୍ବରୁ ସଂସ୍କୃତ ପ୍ରଶ୍ନପତ୍ର ଖୋଲା ଯାଇଥିବା ଅକ ପ୍ରକାର ସ୍ୱଷ୍ଟ ହୋଇଥିଲା। ଏପରିକି ପରୀକ୍ଷା ପରେ ସିରିଏଲ୍ ନମ୍ବର ସହ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ଭାଇରାଲ୍ ମଧ୍ୟ ହୋଇଥିଲା। ରାଜଧାନୀ କଲେଜ ପରୀକ୍ଷା କେନ୍ଦ୍ରରୁ ଏହା ଭାଇରାଲ୍ ହୋଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନି।

ପାଞ୍ଚଗୁଣାରୁ ଅଧିକ ଆବେଦନକାରୀ ଥାଇ ମଧ୍ୟ ପ୍ରଲିମିନାରୀ ପରୀକ୍ଷା ନ କରିବା ଏବଂ ଇଂରାଜୀ ଭାଷାରେ ପେଡାଗୋଜୀ ପ୍ରଶ୍ନପତ୍ର ନ ଆସିବାରୁ ହିନ୍ଦୀ ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଅନୁରୂପ ଭାବେ ସଂସ୍କୃତ ଶିକ୍ଷକ ଆଶାୟୀମାନେ ମଧ୍ୟ ପରୀକ୍ଷା ରଦ୍ଦ ହୋଇଯିବା ନେଇ ଆଶଙ୍କା ପ୍ରକାଶ କରୁଛନ୍ତି। ଦୀର୍ଘ ସାତ ମାସ ହେଲା ପରୀକ୍ଷା ଦେଇ ମେଧା ଭିତ୍ତିରେ ଚୟନ ହୋଇଥିଲେ ମଧ୍ୟ କାହିଁକି ସେମାନଙ୍କୁ ନିଯୁକ୍ତି ଦିଆ ଯାଉନାହିଁ ବୋଲି କୃତୀ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରୁଛନ୍ତି। ଏପରିକି ଆସନ୍ତା ୧୫ ତାରିଖ ପୂର୍ବରୁ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରି ସମସ୍ତଙ୍କ ସହ ନିଯୁକ୍ତି ପତ୍ର ଦେବାକୁ ଦାବି କରି ଆନ୍ଦୋଳନ କରୁଛନ୍ତି। ହେଲେ ବ୍ୟାପକ ଭୁଲ୍ କରିଥିବା ଓଏସ୍‌ଏସ୍ କୋର୍ଟରେ ମାମଲା ବିଚାରଧୀନ ଥିବା କହି ହାତ ଟେକି ଦେଇଛି। ଯାହାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

### ଅନିଶ୍ଚିତତା ଘେରରେ...

ଦାବି କରାଯାଉଛି। କିନ୍ତୁ ଭିତ୍ତିଭୂମି ପ୍ରସ୍ତୁତିରେ ପ୍ରୟାସ ସୀମିତ ନ ରହି ଖେଳାଳିଙ୍କ ଗୁଣାତ୍ମକ ମାନ ବଢ଼ାଇବା ସହ ପ୍ରତିଯୋଗିତାମୂଳକ କ୍ରିକେଟକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଓ ପ୍ରଶିକ୍ଷଣ ହିଁ ବର୍ତ୍ତମାନର ଆବଶ୍ୟକତା। ଏଣୁ ଓସିଏ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବା ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଯୋଗାଇଦେବା ଆବଶ୍ୟକ ବୋଲି କ୍ରୀଡ଼ାପ୍ରେମୀ ମାନେ ଦାବି କରନ୍ତି।

ଅନ୍ୟପକ୍ଷରେ ଓସିଏ ଇତିହାସକୁ ଦେଖିଲେ ଏହା କେବଳ କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଭଳି ସହରାଞ୍ଚଳର ପ୍ରତିଭାଙ୍କ ଉପରେ ଗୁରୁତ୍ୱ ଦେଇଆସିଛି। ଏବେ ଏଥିରେ ପରିବର୍ତ୍ତନ ହେବା ଆବଶ୍ୟକ। ଯୁବ ଓ ଉଦୀୟମାନ ପ୍ରତିଭାଙ୍କ ଅଭାବ ଦଳର ପ୍ରଦର୍ଶନକୁ ବହୁଳ ଭାବେ ପ୍ରଭାବିତ କରୁଛି। ଏଣୁ ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପ୍ରତିଭା ଚିହ୍ନଟରେ କେବଳ ସହରାଞ୍ଚଳକୁ ଗୁରୁତ୍ୱ ଦିଆ ନ ଯାଇ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳକୁ ମଧ୍ୟ ପ୍ରାଧାନ୍ୟ ଦେବାରେ ଓସିଏ ଯତ୍ନବାନ ହେବା ଆବଶ୍ୟକ ବୋଲି କ୍ରୀଡ଼ାବିତ୍ ମହଲରେ ଦାବି ହେଉଛି। ଏପରି କରା ନଗଲେ ଓଡ଼ିଶା କ୍ରିକେଟର ଅବନତି ହେବା ସହ ଟିମ୍ ଇଣ୍ଡିଆ ଜର୍ସିରେ ଓଡ଼ିଶା ଖେଳାଳିଙ୍କୁ ପୁଣି ଥରେ ଦେଖିବା ସ୍ୱପ୍ନ ପାଲଟିଯିବ ବୋଲି ପୂର୍ବତନ କ୍ରିକେଟର ତଥା ପ୍ରଶାସକ ପୱନ ଅଗରୱାଲ କହିଛନ୍ତି।

ବରିଷ୍ଠ ଦଳର ଅଣଓଡ଼ିଆ ମୁଖ୍ୟ ପ୍ରଶିକ୍ଷକଙ୍କୁ ନେଇ ଆଲୋଚନା ତୀବ୍ର ହେଉଥିବା ବେଳେ ଏ ବାବଦରେ ମଧ୍ୟ ପୱନ ମୁହଁ ଖୋଲିଛନ୍ତି। ଦଳରେ ଅଭିଜ୍ଞ ଖେଳାଳିଙ୍କ ଅଭାବ ନାହିଁ। ମାତ୍ର ପ୍ରଶିକ୍ଷକ ସେମାନଙ୍କୁ ମାର୍ଗଦର୍ଶନ କରିବାରେ ହେଳା କରୁଛନ୍ତି। ବୋଧହୁଏ ମୁଖ୍ୟ ପ୍ରଶିକ୍ଷକ ଓଡ଼ିଶା କ୍ରିକେଟକୁ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ପୱନ କହିଛନ୍ତି।

ବରୋଦା, ଆନ୍ଧ୍ରପ୍ରଦେଶ ଏବଂ ବିଦର୍ଭଠାରୁ ପରାଜୟ ବରଣ କରିଥିବା ଓଡ଼ିଶା ଦଳ ପରବର୍ତ୍ତୀ ମୁକାବିଲାରେ ନାଗାଲାଣ୍ଡ, ତାମିଲନାଡୁ ଏବଂ ଝାଡଖଣ୍ଡକୁ ଭେଟିବ। ଭାରତୀୟ ଘରୋଇ କ୍ରିକେଟ ଜଗତରେ ତାମିଲନାଡୁ ଏବଂ ଝାଡଖଣ୍ଡ ଉଭୟ ଶକ୍ତିଶାଳୀ ଦଳ। ଏଭଳି ପରିସ୍ଥିତିରେ ନାଗାଲାଣ୍ଡଠାରୁ ହାରିଲେ ଓଡ଼ିଶା ପ୍ଲେଟ ଗ୍ରୁପକୁ ଖସିବା ନିଶ୍ଚିତ ହୋଇଯିବ। ଚଳିତ ସିଜନ ଆରମ୍ଭ ହେବା ଆଗରୁ ରାଜ୍ୟ ଦଳକୁ ବିଦେଶ ଏକ୍ସପୋଜର ଟୁର୍‌ରେ ଶ୍ରୀଲଙ୍କା ପଠାଯାଇଥିଲା। ସେଠାରୁ ଫେରିବା ପରେ ଅଭ୍ୟାସ ନିମନ୍ତେ ଅନନ୍ତପୁର ଯାଇଥିଲା ଦଳ। ପରେ ବୁଚି ବାବୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲା। ସିଜନ ଆରମ୍ଭର କିଛି ଦିନ ଆଗରୁ ଖେଳାଳିଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର କେନ୍ଦ୍ରରେ ରଖାଯାଇଥିଲା। ରାଜ୍ୟ ସଂଘ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା କ୍ରିକେଟର ବିକାଶ କରାଇବା ସମ୍ଭବପର ହୋଇନାହିଁ। ଏଥି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନର ମନୋମୁଖୀ ଆଚରଣ ଏବଂ ଦୂରଦୃଷ୍ଟି ଅଭାବକୁ ଦାୟୀ କରାଯାଉଛି।

**LOST**

I **NARAYAN SAHU,** S/o. Haraprasad Sahu, aged about 42 years, At- Kalampur, Ps- Kalampur, Po- Kalampur, Dist- Kalahandi, Odisha, I have lost my **Sale Deed No. 11781900085,** dated- **15/03/2019.** On the way while from Tahasil office to my house on dated- 15/03/2019 I lost my beg in which I have kept my sale deed documents, **ROR Mouza- Kalampur, Khata No- 412/62** and did not find it and could not be search every where if any body found may contact:
**Advocate: Dipti Ranjan Baral MOB. 7008424871**

**AFFIDAVIT**

I,Siddthartha Chichkhede S/O late Pandurang Chichkhede, resides Udaigiri,Room no.406,NTPC Darlipalli township,PO- Darlipalli , Dist- Sundargarh, Pin- 770072, Odisha declare by this affidavit No.603 dated- 28/07/2025 that now onwards I shall be known is **SIDDHARTH CHICHKHEDE** for all future purposes.

**AFFIDAVIT**

I, ANIL KU AGARWAL, aged about 53 years, D/o- Dilip Chand Agarwal, Resident of 26, NH-42, Hulurisinga, PO: Angul, Dist.: Angul, Odisha, PIN-759122 declared by this Affidavit No.: 2958, Dated: 25.08.2025. That now onwards I shall be known as **ANIL KUMAR AGARWAL** for all future Purposes.

**AFFIDAVIT**

By virtue of an affidavit no. 7178, before the Executive Magistrate, Chandbali, dtd.10.11.2025, I, Madhab Charan Das, At- Bishrampur, Po-Orasahi, Ps- Chandbali, Bhadrak- 756133 have changed my minor daughter's name from Subhashree Subhasmita Das to Shubhashree Subhasmita Das. Henceforth she will be known as **Shubhashree Subhasmita Das** for all purposes.
**Sd/- Madhab Charan Das**

**AFFIDAVIT**

I, Sarita Hanuman, D/o- Late Biraj Hanuman, resident of 131, F Block, 1st Floor, East View apartment, Kanan Vihar-II, PO-Patia, PS- Chandrasekharpur, Dist- Khordha, PIN- 751031, Odisha declare by this affidavit no. 2299 dtd- 12.11.2025, that now onwards I shall be known as SARITA ROSHAN MINZ for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 11/11/2025, C.F No. 36/11.11.2025. I, Baishakhi Sethi D/O Pramod Kumar Sethi, At- Namatara, Po- Namatara, Ps-Rajkanika, Dist- Kendrapara, Odisha, Pin- 754220, declare that I have changed my owned name Baishali Sethi to Baishakhi Sethi. Henceforth, I shall be known as new name Baishakhi Sethi for all purposes.
**Baishakhi Sethi**

**NOTICE**

By virtue of an affidavit sworn before the Executive Magistrate, Athmallik dated 11th November 2025, I, Mr. SIDHARTHA BAGHA address Village : NUAGAON , P.O. : MADHAPUR, P.S.: ATHMALLIK, District : ANGUL, PIN : 759125 , STATE : ODISHA, declare that I have changed my name from SIDHANT BAGHA to SIDHARTHA BAGHA. Henceforth, I shall be known as SIDHARTHA BAGHA for all purposes.
**SIDHARTHA BAGHA**

**NOTICE**

By virtue of an affidavit sworn before Executive Magistrate, Puri, dated 07.11.2025 I, Shyama Sundara Sahoo, S/O Late Narasinha Sahoo, C/O Pravasini Sahoo, Sidhamahavir, Gouda sahi Ps: Talabania, Dist: Puri declare that I have changed my name from Shyama Sundar Sahoo to Shyama Sundara Sahoo. Henceforth, I shall be known as Shyama Sundara Sahoo for all purposes.
**Shyama Sundara Sahoo**

**AFFIDAVIT**

I, Mahammed Salim, aged about 48 years, S/o- Sher Mahammed, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist-Kalahandi, Odisha, PIN- 766001 declare by this affidavit No.2297, dtd- 11/11/2025, that now onwards I shall be known as **MOHAMMED SALIM** for all future purposes.

**AFFIDAVIT**

I, Rafijan Bibi, W/O- Shaikh Kadir, resident of At- Patharpura, Po/Ps- Jaleswar, Dist- Balasore, Odisha, Pin- 756032, declare by this affidavit No.620, dated: 11/11/2025, that now onwards I shall be known as **Raphijan Bibi** for all future purposes.

**AFFIDAVIT**

I, **SARAT KUMAR SAHOO**, aged about 66 years, S/o.: Mukunda Charan Sahoo, resident of Plot No.: 130, Gandhimandir Road, Meena Bazar, PS./Dist.: Dhenkanal, Odisha, PIN-759001, Aadhaar No.: 2477 7087 6474; do hereby solemnly affirm that, I am the deponent of this affidavit. My actual and correct name is **SARAT KUMAR SAHOO** mentioned in my Aadhaar Card and in other documents but my name has been wrongly mentioned as SARATA KUMAR SAHOO in the Passport of my daughter **Puspita Priyadarshini vide No. N6836474** issued by Govt. of India. That, I do hereby declare that, **"SARAT KUMAR SAHOO" & "SARATA KUMAR SAHOO"** are one & same person i.e. myself. This affidavit is required to be produced before the concerned authority for information and necessary action as and when required. That, the facts stated above are true to the best of my knowledge and belief.

**AFFIDAVIT**

I, Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar(M.C),Khordha, Odisha, Pin-751006, declare by this affidavit No311/2025, dated- 11.11.2025, that now onwards I shall be known as **Mohsinbhai Husenibhai Gohil** for all future purposes.

**AFFIDAVIT**

1. HARAPRIYA DAS, aged about 61 years, W/o.: Sarat Kumar Sahoo, resident of Plot No.: 130, Gandhimandir Road, Meena Bazar, PS./Dist.: Dhenkanal, Odisha, PIN-759001, Aadhaar No.: 8342 8774 3207; do hereby solemnly affirm that, I am the deponent of this affidavit. My actual and correct name is **HARAPRIYA DAS** mentioned in my Aadhaar Card and in other documents but my name has been wrongly mentioned as HARAPRIYA PRIYADARSHINI in the Passport of my daughter **Puspita Priyadarshini vide No. N6836474** issued by Govt. of India. That, I do hereby declare that, **"HARAPRIYA DAS" & "HARAPRIYA PRIYADARSHINI"** are one & same person i.e. myself. This affidavit is required to be produced before the concerned authority for information and necessary action as and when required. That, the facts stated above are true to the best of my knowledge and belief.

**AFFIDAVIT**

I, Sayara Begum, aged about 46 years, W/o- Salim Mohammed, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist-Kalahandi, Odisha, PIN- 766001 declare by this affidavit No. 2296, dtd- 11/11/2025, that now onwards I shall be known as **SAIRA BEGUM** for all future purposes.

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଫଟୋଗ୍ରାଫରଙ୍କୁ ସମ୍ବର୍ଦ୍ଧନା



ରୂପସା, ୧୨।୧୧ (ସମିସ): ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଫଟୋଗ୍ରାଫର ପ୍ରଶାନ୍ତନୁ ମହାପାତ୍ରଙ୍କୁ ବାଲେଶ୍ୱର ଜିଲା ରୂପସା ସ୍ଥିତ ବାସଭବନରେ ମଙ୍ଗଳବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଉତପଡା ସମବାୟ ସଭାପତି ଦେବାଶିଷ ମହାପାତ୍ର ଏହି ସଭାରେ ସଭାପତିତ୍ୱ କରିଥିଲେ। "ଦି କେରଲା ଷ୍ଟୋରୀ' ଚଳଚିତ୍ର ପାଇଁ ପ୍ରଶାନ୍ତନୁଙ୍କୁ ଶ୍ରେଷ୍ଠ ଫୋଟୋଗ୍ରାଫର ଭାବେ ବିବେଚିତ କରାଯାଇଥିଲା। ଚଳିତ ବର୍ଷ ରାଷ୍ଟ୍ରପତିଙ୍କ ଠାରୁ ସେ ପୁରସ୍କାର ଗ୍ରହଣ କରି ରୂପସା ସମେତ ସମଗ୍ର ବାଲେଶ୍ୱର ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ସ୍ୱର୍ଗତ ହରିପଦ ମହାପାତ୍ରଙ୍କର ସାନ ପୁଅ। ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ପରିଡା, ଭାଜପା ନେତା ହରେନ୍ଦ୍ର ଦାସ, ଶୁଭେଶ ନାୟକ, ଅଞ୍ଜନ ବେହେରା ଓ ଅଭିମନ୍ୟୁ ବର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର ଓ ମଦନ ଜେନା, ବରିଷ୍ଠ ନାଗରିକ ପର୍ଶୁରାମ ପରିଡା, ରାଜକିଶୋର ମହାପାତ୍ର, ସନ୍ୟାସୀ ପଲାଇ, ଭାଗିରଥି ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଶାନ୍ତନୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବଢୁଛି ଦନ୍ତାର ଦୌରାତ୍ମ୍ୟ, ଭାଙ୍ଗିଲା ଘର

ନୀଳଗିରି, ୧୨।୧୧ (ସମିସ)

ଝାଡ଼ଖଣ୍ଡୀ ଦନ୍ତା ବଣସୀମା ଅଞ୍ଚଳରେ ପଶିବା ଫଳରେ ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜିଯାଇଛି। ଦିନକୁଦିନ ଦନ୍ତାର ଦୌରାତ୍ମ୍ୟ ବଢ଼ି ଚାଲିଛି। ଏପରିକି ସନ୍ଧ୍ୟାହେଲେ ଦନ୍ତା ଭୟରେ ଗାଁ ଗଣ୍ଡାରେ ତାଟିକବାଟ ପଡିଯାଉଥିବାର ଦେଖିବାକୁ ମିଳୁଛି। ସନ୍ଧ୍ୟାହେଲେ ଧାନକ୍ଷେତରେ ପଶି ଧାନ ଖାଇବା ସହିତ ଦଳିମକଚି ନଷ୍ଟକରୁଥିବା ବେଳେ ଅଧରାତିରେ ଗାଁ ଗଣ୍ଡାରେ ପଶି ଘର ଭାଙ୍ଗୁଥିବାର ଦେଖିବାକୁ ମିଳିଛି। ଚାରିଦିନ ଧରି ଦନ୍ତାହାତୀଟି ଧାନକ୍ଷେତରେ



ବ୍ୟାପକ ଫସଲ ନଷ୍ଟକରିଥିବା ମଙ୍ଗଳବାର ମଧ୍ୟରାତ୍ରୀରେ ଦନ୍ତାହାତୀଟି ନରଣପୁର ପଞ୍ଚାୟତର ସନ୍ତିଆଶୋଳ ଗାଁରେ ପଶି ରତ୍ନାକର ପଥିରିଆ ଓ ରାଇବାରି ପଥିରିଆଙ୍କ ଘରେ ପଶି କାନ୍ଥଭାଙ୍ଗି ଘରଭିତରକୁ ପଶିଥିବା ବେଳେ ଶବ୍ଦ ପାଇ ପରିବାର ଲୋକ ଜୀବନବିକଳରେ ବାହାରକୁ ପଳାଇଯିବାରୁ ଅଳ୍ପକେ ଜୀବନରକ୍ଷା ପାଇଯାଇଛି। ଦନ୍ତାହାତୀଟିର ଦୌରାତ୍ମ୍ୟ ବଢୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡୁଛନ୍ତି। ବନବିଭାଗଗାଁଗାଁରେସଚେତନକରାଉଥିବା ବେଳେ ସାଧାରଣଜନତା ଦନ୍ତାହାତୀ ଦାଉରୁ ରକ୍ଷାପାଇବା ପାଇଁ ଢେଲା, ପଥର ମାଡ଼ କରୁଥିବାରୁ ହାତୀଟି ହିଂସ୍ରହୋଇ ଆକ୍ରମଣ କରୁଥିବାର କୁହାଯାଉଛି। ହାତୀ ଓ ସାଧାରଣ ଲୋକଙ୍କ ଧନଜୀବନକୁ ସୁରକ୍ଷାଦେବା ପାଇଁ ସାଧାରଣରେ ଦାବି ହେଉଛି।

# ନବଜାତ ଶିଶୁର ମୃତଦେହ ଉଦ୍ଧାର

ରାଜଘାଟ, ୧୨।୧୧ (ସମିସ): ଦକ୍ଷିଣ ପୂର୍ବ ରେଳପଥ ଅଧୀନସ୍ଥ ଅମର୍ଦାରୋଡ ରେଳ ଷ୍ଟେସନ ସମ୍ମୁଖରୁ ଆଜି ରାତିରେ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶିଶୁକୁ କେହି ଜନ୍ମ ପରେ ଏକ ଲୁଗାରେ ଗୁଡ଼ାଇ ଅତି ଅମାନବୀୟ ଭାବେ ଷ୍ଟେସନ ସମ୍ମୁଖରେ ଫୋପାଡ଼ି ଦେଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବୁଲା କୁକୁର ଶିଶୁର ଶରୀରକୁ ଝୁଣି ଖାଉଥିବା ଦେଖି ଲୁଗା ଭିତରେ ନବଜାତ ଶିଶୁଥିବା ଲୋକେ ଜାଣିବାକୁ ପାଇଥିଲେ। ତେବେ ଶିଶୁଟି କାହାର, କିଏ ଏବଂ କାହିଁକି ଫିଙ୍ଗି ଦେଇ ଗଲେ ତାହାର ସବିଶେଷ ତଥ୍ୟ ମିଳିପାରି ନାହିଁ। ଖବର ପଇ ରୂପସା ଆରପିଏଫ୍ ଓ ଜିଆରପି ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

# ସାଇବର ସୁରକ୍ଷା ସଚେତନତା

ରାଇରଙ୍ଗପୁର, ୧୨।୧୧(ସମିସ): ଯଶିପୁର ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ସଂଯୁକ୍ତା ମହାଲିକଙ୍କ ନେତୃତ୍ୱରେ ଥାନା ପରିସରରୁ ସାଇବର ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା। ଯଶିପୁର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆଲୋଚନା ସଭା କରାଯାଇ ସାଇବର ଅପରାଧରୁ ମୁକ୍ତି ପାଇଁ ସମସ୍ତେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଏହି ରଥ ମହାରଦାପଳସା, ଯଶିପୁର କଲେଜ, ଭଞ୍ଜକିଆ ସ୍ଥିତ ଚୈତନ୍ୟ ପ୍ରସାଦ ମହାବିଦ୍ୟାଳୟ, ସିପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯାନକୁ ସଫଳ କରିବା ପାଇଁ ଥାନା ଅଧିକାରୀଣି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଯଶିପୁର ଗସ୍ତରେ ଥିବା ୬ ଜଣ ଆଇଏଏସ୍ ଏବଂ ଆଇପିଏସ୍ ଶିକ୍ଷାନବୀସ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ସାଇବର ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଏସପି ଦୀପକ ଗୋଛାୟତ ଓ ଡିଏସପି ସବିତା ମାଝୀ ଯୋଗଦେଇ ସାଇବର ଅପରାଧର ପୃଷ୍ଠଭୂମି, ସୋସିଆଲ ମିଡିଆ ବ୍ୟବହାର, ଅନଲାଇନ ଆର୍ଥିକ କାରବାରରେ ହେଉଥିବା ଠକେଇ ସଂକ୍ରାନ୍ତ ବିସ୍ତୃତ ଆଲୋଚନା କରିଥିଲେ।। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ମେଜର ଦେବେନ୍ଦ୍ର ନାଥ ଦାସ, ବିଡିଓ ମାଧବ ଚନ୍ଦ୍ର ବିରୁଆ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖା ପ୍ରବନ୍ଧକ ଭକ୍ତ ରାମ ମେହେର୍, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଧୂଣ୍ଡା ମୁଣ୍ଡା, ସାମ୍ବାଦିକ ବିରଞ୍ଚି ନାରାୟଣ ସାହୁ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସାମ୍ବାଦିକ ଦିଲ୍ଲୀପ କୁମାର ସାହୁ ସଭା ପରିଚାଳନା କରିଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନୀଳଗିରି ଗସ୍ତ

ନୀଳଗିରି, ୧୨।୧୧ (ସମିସ): ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ନଭେମ୍ବର ୧୩ ଉପଲକ୍ଷେ ସମଗ୍ର ଭାରତବର୍ଷରେ ଏକତା ପଦଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ମଧ୍ୟ ୩ଟି ସ୍ଥାନରେ ଏହି ପଦଯାତ୍ରା ଅନୁଷ୍ଠିତ ହେବ। ନୀଳଗିରି ଗଡଜାତ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣହୋଇ ଏକ ଉଦାହରଣ ପାଲଟିଥିବା ବେଳେ ଅନ୍ୟ ଗଡଜାତ ମାନଙ୍କ ପାଇଁ ପଥପ୍ରଦର୍ଶକ ସାଜିଥିଲା। ତେଣୁ ଏଭଳି ମହାନମାଟିରୁ ଓଡ଼ିଶାରୁ ପ୍ରଥମେ ଏକତା ପଦଯାତ୍ରା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ହେଲିକପ୍ଟରରେ ଆସି ସକାଳ ୮ଟାରେ ନୀଳଗିରି ପୁଲିସ ପଡିଆରେ ଆୟୋଜିତ ଏକତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନୀଳଗିରିକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଥିବାବେଳେ ମଙ୍ଗଳବାର ନୀଳଗିରି ଡାକବଙ୍ଗଳା ପରିସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଏବଂ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା।

# ଜଙ୍ଗଲରେ ବାଘ ଖାଇଗଲା ୬ ଛେଳି

ଠାକୁରମୁଣ୍ଡା, ୧୨।୧୧(ସମିସ): ଠାକୁରମୁଣ୍ଡା ଏବଂ ପୁଡାଡିହା ବନ୍ୟ ପ୍ରାଣୀ ରେଞ୍ଜ ଅଞ୍ଚଳରେ ଦୁଇଦିନ ମଧ୍ୟରେ ବାଘ ୬ଟି ଛେଳି ମାରି



ଖାଇଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ବ୍ଲକ କିରିକିଚିପାଳ ଗ୍ରାମର ତାରାମଣି ବଡନାୟକ ଓ ପିନି ଦାସ ରବିବାର ଗ୍ରାମ ନିକଟ ପୁଡାଡ଼ିହା ରେଞ୍ଜ ଅଧୀନ ଏସଏଲ ୧୫ର ମଝି ବଣ ଜଙ୍ଗଲ ଭିତରେ ଛେଳି ଚରିବାକୁ ଛାଡିଦେଇ ଆସିଥିଲେ। ଅପରାହ୍ନରେ ଜଙ୍ଗଲରୁ ଛେଳି ତାଙ୍କ ଘରକୁ ଦୌଡ଼ି ଆସିଥିଲେ। ପରେ ଆଉ କିଛି ଛେଳି ଘରକୁ ନ ଫେରିବାରୁ ଜଙ୍ଗଲ ଭିତରେ ଖୋଜିଥିଲେ; ହେଲେ ଛେଳିକୁ ପାଇ ନ ଥିଲେ। ସୋମବାର ପୁଣି ଜଙ୍ଗଲକୁ ଯାଇ ଖୋଜିବା ପରେ ୩ଟି ଛେଳି ଶରୀରର କିଛି ଅଂଶକୁ ପାଇଥିଲେ। ଅନ୍ୟ ୨ଟି ଛେଳିର ସନ୍ଧାନ ପାଇ ନ ଥିଲେ। ମୃତ ଛେଳି ନିକଟରେ ବାଘର ପାଦ ଚିହ୍ନ ଦେଖିଥିଲେ। ତେଣୁ ବାଘ ଛେଳିକୁ ମାରି ଖାଇଦେଇଥିବା ପିନି ଦାସ କହିଛନ୍ତି। ସେହିପରି ଠାକୁରମୁଣ୍ଡା ରେଞ୍ଜ ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅସନକୁଦର ଗ୍ରାମର ରାମଚନ୍ଦ୍ର ସୟ ନିକଟ ଆମ୍ବୁଲାଘୁଟୁ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିବା ବେଳେ ସେଥିରୁ ଗୋଟିଏ ଛେଳିକୁ ବାଘ ଆକ୍ରମଣ କରି ଖାଇଦେଇଛି। ସମସ୍ତ ଛେଳିକୁ କଲରାପତରିଆ ବାଘ ଆକ୍ରମଣ କରି ଖାଇଦେଇଥିବା କୁହାଯାଉଛି।

# ରାଇରଙ୍ଗପୁରରେ ଖୋଲିବ 'ଇଗ୍ନୁ' ଆଞ୍ଚଳିକ କେନ୍ଦ୍ର

ରାଇରଙ୍ଗପୁର, ୧୨।୧୧(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗନୁ) ଆଞ୍ଚଳିକ କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ଖୋଲିବାକୁ ଯାଉଛି। ଏନେଇ ବୁଧବାର ଏକ ପ୍ରତିନିଧି ଟିମ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। କେନ୍ଦ୍ର ସ୍ଥାପନ ନେଇ ସମସ୍ତ ପ୍ରକ୍ରିୟା ଚୂଡାନ୍ତ ହୋଇଛି। ଟିମ ପକ୍ଷରୁ ସ୍ଥାନ ଚୟନ ହେଉଥିବା ବେଳେ ବର୍ତ୍ତମାନ ଅସ୍ଥାୟୀ ଭାବେ କାର୍ଯ୍ୟକ୍ଷମ କରାଯିବ। ବଡବଜାର ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଇଗନୁ ଆଞ୍ଚଳିକ କେନ୍ଦ୍ର ଆରମ୍ଭ ହେବ। ଯାହାକୁ ନେଇ ପ୍ରତିନିଧି ଦଳ କଲ୍ୟାଣ ମଣ୍ଡପ ମଧ୍ୟ ପରିଦର୍ଶନ କରିଥିଲେ। କେନ୍ଦ୍ରରେ କିପରି ଶିକ୍ଷାଦାନ ବ୍ୟବସ୍ଥା ରହିବ ସେନେଇ ଆଲୋଚନା କରିଛନ୍ତି। ସ୍ଥିତି ଅନୁଧ୍ୟାନ କରି ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ। କେନ୍ଦ୍ର ପ୍ରତିଷ୍ଠା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିପତି ଆନନ୍ଦ କୁମାର ସୋନି ବିଜ୍ଞପ୍ତି ପ୍ରକାଶ କରିଥିଲେ। ପୂର୍ବରୁ ଭୁବନେଶ୍ୱର ଠାରେ ଆଞ୍ଚଳିକ କେନ୍ଦ୍ର ଥିବା ବେଳେ ବାରିପଦା ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା; କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗନୁ ପକ୍ଷରୁ ଓଡ଼ିଶାର ୪ଟି ଜୋନରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ରାଇରଙ୍ଗପୁର ଠାରେ କେନ୍ଦ୍ର ସ୍ଥାପନ କରାଯିବ। ଏହି କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ରହିବ। ଉକ୍ତ ଜିଲ୍ଲାର ସମସ୍ତ ଇଗନୁ ପରୀକ୍ଷା କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲାର ଆଞ୍ଚଳିକ କେନ୍ଦ୍ର ଅଧିନରେ ରହିବ ବୋଲି ସୂଚନା ଦିଆଯାଇଛି।

# ନିଖୋଜ ନାବାଳିକା ବାଲେଶ୍ୱର ଷ୍ଟେସନରୁ ଉଦ୍ଧାର

ବେତନଟୀ, ୧୨।୧୧(ସମିସ): ବେତନଟୀରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯିବାର ଉଦ୍ୟମ ହେଉଥିବାବେଳେ ଜିଆରପି ପୁଲିସ ବାଲେଶ୍ୱର ଷ୍ଟେସନରୁ ଉଦ୍ଧାର କରିଛି। ପରେ ଉକ୍ତ ନାବାଳିକାଙ୍କୁ ତାଙ୍କ ପରିବାର ଜିମା ଦେଇଛି। ସୂଚନା ମୁତାବକ, ବେତନଟୀ ଡାକ୍ତରଖାନା ପଛପଟେ ବସବାସ କରୁଥିବା କାନ୍ଧୁରୁ ସିଂ ଜଣେ ଦିନମଜୁରିଆ। ସେ ଡାକ୍ତରଖାନା ଛକରେ ଥିବା ବ୍ୟବସାୟୀ ଶଶଧର ପଣ୍ଡାଙ୍କ ସିମେଣ୍ଟ ଗୋଦାମରେ କାମ କରନ୍ତି। ସୋମବାର ସକାଳେ ହଠାତ୍ ତାଙ୍କ ନାବାଳିକା ଝିଅ ଜଣଙ୍କ ଘରୁ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ବହୁ ଖୋଜଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର ରେଳଷ୍ଟେସନ ପରିସରସ୍ଥ ଜିଆରପି ଥାନା ପୁଲିସ ଉକ୍ତ ନାବାଳିକାଙ୍କୁ ଉଦ୍ଧାରକରି ପଚରାଉଚୁରା କରିଥିଲେ। ନାବାଳିକା ଜଣକ ନିଜଘର ବେତନଟୀ ଉପକଣ୍ଠ ସଠିଲୋ ଗ୍ରାମରେ ବୋଲି ଜିଆରପିକୁ କହିଥିଲା। ବାପା କାନ୍ଧୁରୁ ସିଂ ଡାକ୍ତରଖାନା ଛକରେ ଥିବା ପଣ୍ଡାବାବୁଙ୍କ ସିମେଣ୍ଟ ଗୋଦାମରେ କାମ କରନ୍ତି ବୋଲି କହିଥିଲା। ପରେ ଜିଆରପି ଶଶଧର ପଣ୍ଡାଙ୍କୁ ଯୋଗାଯୋଗ ପରେ କାନ୍ଧୁରୁ ସିଂ ନିଜର ନିଖୋଜ ଝିଅ ବାବଦରେ ଖବର ପାଇଥିଲେ। ଏହାପରେ କାନ୍ଧୁରୁ ନିଜର ସ୍ତ୍ରୀ ସହିତ ବାଲେଶ୍ୱର ଯାଇ ଜିଆରପି ଥାନାରୁ ନିଜର ନାବାଳିକା ଝିଅକୁ ସୁରକ୍ଷିତ ଭାବରେ ଉଦ୍ଧାରକରି ନିଜ ହେପାଜତରେ ନେଇ ଘରକୁ ଫେରିଛନ୍ତି।

# ପରିବ୍ୟାପ୍ତ ହେଉଛି ରାଇରଙ୍ଗପୁର ସହର

**ବଢୁଛି ଅପରାଧିକ କାର୍ଯ୍ୟକଳାପ**

ରାଇରଙ୍ଗପୁର, ୧୨।୧୧(ସମିସ):

ରାଇରଙ୍ଗପୁର ସହର ଦିନକୁ ଦିନ ପରିବ୍ୟାପ୍ତ ହେବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧିକୁ ତାଳ ଦେଇ ଗୃହ, ଦୋକାନ ବଜାର ଆଦି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ସହର ପରିସୀମା ବଢ଼ିବା ସମେତ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି। ତାହାକୁ ନିୟନ୍ତ୍ରଣ କରିବାକୁ ରାଇରଙ୍ଗପୁର ଟାଉନ ଥାନା ଅଧୀନରେ ଏକ ପୁଲିସ ଫାଣ୍ଡିର ପ୍ରତିଷ୍ଠା କରିବା ଆବଶ୍ୟକତା ରହିଛି। ରାଇରଙ୍ଗପୁର ପୌରାଞ୍ଚଳର ୧୬ଟି ୱାର୍ଡ ଓ ରାଇରଙ୍ଗପୁର ବ୍ଲକର କିଛି ଅଞ୍ଚଳକୁ ନେଇ ରାଇରଙ୍ଗପୁର ଟାଉନ ଥାନା ରହିଛି; କିନ୍ତୁ ତାହା ବର୍ତ୍ତମାନ ସମୟର ପରିବ୍ୟାପ୍ତ ରାଇରଙ୍ଗପୁର ସହରବାସୀଙ୍କୁ ପୁଲିସ ସେବା ଠିକ ଭାବେ ଯୋଗାଇ ପାରୁନାହିଁ। ଯାହାକୁ ନେଇ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଉନ ଥାନାରେ ୨ଟି ପାଟ୍ରୋଲିଂ ଗାଡି ଥିବା ବେଳେ କର୍ମଚାରୀ ମଧ୍ୟ ଅଭାବ ରହିଛି। କୌଣସି ଅଘଟଣ ଘଟିଲେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରେ ମଧ୍ୟ ଅସୁବିଧା ହେଉଛି। ବହୁ ବର୍ଷ ପୂର୍ବେ ରାଇରଙ୍ଗପୁର ସହରର ଅଁଳାଡୁବାଠାରେ ଏକ ପୁଲିସ ଫାଣ୍ଡି ଥିଲା; ହେଲେ କାଳକ୍ରମେ ତାହା ବନ୍ଦ ହୋଇଗଲା। ସହର ପାଇଁ ଗୋଟିଏ ଟାଉନ ଥାନା ଥିବାରୁ ଲୋକେ ନାନାଦି ହଇରାଣ ହରକତ ହେଉଛନ୍ତି। ସହରରେ ନିୟମିତ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହି ସହର ଝାରଖଣ୍ଡ ସୀମାନ୍ତବର୍ତ୍ତି ହୋଇଥିବାରୁ ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଲୋକଙ୍କ ସମସ୍ୟା ଦ୍ରୁତ ସମାଧାନ ହୋଇ ପାରୁନାହିଁ। ରାଇରଙ୍ଗପୁର ଟାଉନ ଥାନାରେ ଗତ ୨୦୨୪ ମସିହା ଶେଷ ସୁଦ୍ଧା ୩୮୦ଟି ମାମଲା ରୁଜୁ ହୋଇଥିଲା। କିନ୍ତୁ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୩୦୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇ ସାରିଲାଣି। ସହର ଜନ ସଂଖ୍ୟା ବୃଦ୍ଧି ସମେତ ଅପରାଧିକ ମାମଲା ମଧ୍ୟ ବୃଦ୍ଧି ପାଉଛି। ତେଣୁକରି ରାଇରଙ୍ଗପୁର ସହରରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ନିହାତି ଆବଶ୍ୟକତା ରହିଛି। ଯାହା ଦ୍ୱାରା ଅପରାଧିକ ମାମଲା ତଦନ୍ତ ଖୁବଶୀଘ୍ର ହେବା ସମେତ ଲୋକେ ମଧ୍ୟ ଉପକୃତ ହୋଇପାରିବେ। ଏନେଇ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋକୁଳାନନ୍ଦ ସାହୁଙ୍କୁ ପଚାରିବାରୁ ରାଇରଙ୍ଗପୁର ସହରର ବର୍ଦ୍ଧିତ ଭୌଗୋଳିକ ସ୍ଥିତି ଦୃଷ୍ଟିରେ ରଖି ଫାଣ୍ଡି ପ୍ରତିଷ୍ଠା କରିବାକୁ ଅନୁମୋଦନ ହୋଇଛି ବୋଲି କହିଛନ୍ତି। ପୁରୁଣାଘାଟି ସ୍ଥିତ ରାଇରଙ୍ଗପୁର ମହାବିଦ୍ୟାଳୟ ନିକଟରେ ଫାଣ୍ଡି ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ତେବେ ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟି ଦେଇ ତୁରନ୍ତ ଫାଣ୍ଡି ସ୍ଥାପନ କରିବାକୁ ବିଭାଗୀୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

# ଓଭରଲୋଡ଼ିଂ ପାଇଁ ହାଇୱାକୁ ଜରିମାନା

ରାଇରଙ୍ଗପୁର, ୧୨।୧୧(ସମିସ): ଏକ ଚିପ୍ସ ବୋଝେଇ ହାଇୱାକୁ ଜରିମାନା କରାଯାଇଛି। ରାଇରଙ୍ଗପୁର ସହରର ଜଗନ୍ନାଥ ମାର୍କେଟ ସ୍ଥିତ ମୁଖ୍ୟ ରାସ୍ତାରୁ ଚିପ୍ସ ବୋଝେଇ ହାଇୱା ଜବତ କରାଯିବା ସହିତ ତହସିଲଦାର, ପରିବହନ ବିଭାଗ ଓ ପୁଲିସର ମିଳିତ ଭାବେ ଚଢଉ କରି ଫାଇନ କରାଯାଇଛି। ହାଇୱାରେ ଚିପ୍ସ ବୋଝେଇ ହୋଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ଝରଣ ଗ୍ରାମକୁ ଯାଉଥିଲା। ହାଇୱା ଯାଞ୍ଚ ସମୟରେ କାଗଜପତ୍ର ଠିକ ଥିବାବେଳେ ଓଭର ଲୋର୍ଡିଂ ଯୋଗୁଁ ଫାଇନ କରାଯାଇଛି।

# ଅଲଇତୁନ ଆଖ୍ଲାର ଛାତ୍ରଛାତ୍ରୀଙ୍କ ଦାଣ୍ଡବୋଷ ପରିଦର୍ଶନ

ବହଳଦା, ୧୨।୧୧ (ସମିସ): ଝାରଖଣ୍ଡ ରାଜ୍ୟର ଟାଟାନଗର ଛଲାଗୋଡା ସ୍ଥିତ ବିର୍ସା ମେମୋରିଆଲ ଅଲଇତୁନ୍ ଆଖ୍ଲାର ୩୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଅଲଚିକି ଲିପିର ଉଦଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୈତୃକ ଗ୍ରାମ ଦାଣ୍ଡବୋଷ ପରିଦର୍ଶନ କରିଛନ୍ତି। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଚୁନିୟନ ରଘୁନ ମୁର୍ମୁ, ମୁଚିରାମ ମାଝୀ, ବୀର ବିକ୍ରମ ହେମ୍ବ୍ରମ ଏବଂ ସଲମା ମୁର୍ମୁ ପ୍ରମୁଖ ଗୁରୁଗୋମକେଙ୍କ କ୍ଷୁଦ୍ର ସଂଗ୍ରହାଳୟ, ଐତିହାସିକ କାହାଣୀ ଏବଂ କାପିବୁରୁର ରହସ୍ୟମୟ କାହାଣୀ ସହିତ ପରିଚିତ କରାଇବା ଏବଂ ଗୁରୁଗୋମକେଙ୍କ ସାଧନା ପୀଠ ଓ ସମାଧୀ ସ୍ଥଳ ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ଗୁରୁଗୋମକେଙ୍କ ସହ ଜଡିତ ଅନେକ ରୋଚକ ତଥ୍ୟ ସହିତ ଅବଗତ ହୋଇଥିଲେ।

# ପ୍ରୀତିପ୍ରଜ୍ଞା ଗୁରୁ, ଧୀରଜ କୁମାର ରାଉତ ମିସ୍ ଓ ମିଷ୍ଟର ଫ୍ରେସର

ବାରିପଦା, ୧୨।୧୧(ସମିସ): ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଆଇଟିଇପି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ 'ଏହେସାସ' ଉଦଯାପିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସହ ଅନ୍ୟବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉଦଯାପନୀ ସଭାରେ ବିଭାଗୀୟ ମୁଖ୍ୟ କ୍ୟାପଟେନ ଡ. ବିଦ୍ୟୁତ ପ୍ରଭା ଦାସ, ସହକାରୀ ପ୍ରଫେସର ଡ ସରୋଜ ନାୟକ, ଡ. ସଦାନନ୍ଦ



ମେହେର, ଡ ନିରୁପମା ନାୟକ, ରାଜେନ୍ଦ୍ର ବେହେରା, ସବିତା ଶୋଭା ପ୍ରଧାନ, ସୁଶାନ୍ତ କୁମାର ରଣା, ମାନସ ରଞ୍ଜନ ବେହେରା, ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରତିଭା ଅନ୍ୱେଷଣରେ ଶେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଯଥାକ୍ରମେ ଧୀରଜ କୁମାର ରାଉତ ଓ ପ୍ରତିଜ୍ଞା ଗୁରୁଙ୍କୁ ଡ. ସରୋଜ ନାୟକ ମିଷ୍ଟର ଫ୍ରେସର ଓ ମିସ ଫ୍ରେସର ଭାବେ ସମ୍ବର୍ଦ୍ଧିତ କରିଥିଲେ।

## ମୟୂରଭଞ୍ଜରେ ବିନା ଲାଇସେନ୍ସରେ ଚାଲିଛି ମାଲମାଲ ପାଣି କମ୍ପାନୀ

# ବିଶୁଦ୍ଧ ନାଁରେ ଲୋକେ ପିଉଛନ୍ତି ବିଷ

ବାରିପଦା, ୧୨।୧୧ (ସମିସ):

ମୟୂରଭଞ୍ଜରେ ବିନା ଲାଇସେନ୍ସରେ ଚାଲିଛି ମାଲ ମାଲ ପାଣି କମ୍ପାନୀ। ଫଳରେ ଉକ୍ତ କମ୍ପାନୀଗୁଡ଼ିକ ବାରିପଦା ସହରବାସୀଙ୍କୁ ଶୁଦ୍ଧ ଜଳ ନାମରେ ବିଷ ପିଆଉଛନ୍ତି। ମୁନାଫା ଖୋର ବ୍ୟବସାୟୀ ସହର ସାରା ବିନା ଲାଇସେନ୍ସରେ ମାଲ ମାଲ ମିନେରାଲ

**● ଖାଦ୍ୟ ବିଭାଗ ପକ୍ଷରୁ କାରଖାନାରେ ଚଢ଼ଉ**

ପିଇବା ପାଣି କମ୍ପାନୀ ଖୋଲିଛନ୍ତି। ଏହି ସଂସ୍ଥା ଗୁଡ଼ିକ ଉପରେ କୌଣସି ବିଭାଗୀୟ ଅଙ୍କୁଶ ରହୁନାହିଁ। ତେଣୁ ଲୋକେ ଟଙ୍କା ଦେଇ ନିମ୍ନମାନର ପାଣି ପିଉଛନ୍ତି। ଏନେଇ ଅଭିଯୋଗ ହେବା ପରେ ବୁଧବାର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପାଣି କମ୍ପାନୀରେ ଚଢ଼ଉ କରାଯାଇଥିଲା। ଷ୍ଟେସନ ବଜାରର ହେମିଲଟନ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ପାଣି କମ୍ପାନୀରେ ଚଢ଼ଉ ପରେ ଅନିୟମିତତା ହେଉଥିବା ନେଇ ଜଣାପଡିବା ପରେ ସଂପୃକ୍ତ ମାଲିକଙ୍କୁ ନୋଟିସ କରାଯାଇଛି।



ବିନା ବିଧିବଦ୍ଧ ଲାଇସେନ୍ସ ଓ ଲ୍ୟାବରେ ଏହାକୁ ସେ ଚଳାଉଥିଲେ। ସମସ୍ତ ବିଧିବଦ୍ଧ କାଗଜପତ୍ର ଆଇନଗତ ପ୍ରସ୍ତୁତ ପାଇଁ ନୋଟିସ ଜାରି କରିଛନ୍ତି। ତେବେ ବିଭାଗ ପକ୍ଷରୁ ନିୟମିତ ଏପରି ଦୃଢ ପଦକ୍ଷେପ ଗ୍ରହଣ କରାଗଲେ ନିମ୍ନମାନର ପିଇବା ପାଣି ବ୍ୟବସାୟ ଉପରେ ଅଙ୍କୁଶ ଆସିପାରନ୍ତା। ଏବେ ପ୍ରତି ହୋଟେଲ, ଉଠା ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ପିଟାଲ, ସାମୂହିକ କାର୍ଯ୍ୟକ୍ରମ ଆଦିରେ ଏପରି ଶୁଦ୍ଧ ମିନେରାଲ ପିଇବା ପାଣି ଜାର ଓ ବୋତଲର ବେଶ ଚାହିଦା ଦେଖିବାକୁ ମିଳୁଛି। ସହରସାରା ଛତୁ ଫୁଟିଲା ଭଳି ବିଭିନ୍ନ ନାମରେ ଜଳ ଯୋଗାଣ ସଂସ୍ଥା ମାନ ଖୋଲିଛି। କିନ୍ତୁ ଶୁଦ୍ଧ, ଗୁଣବତ୍ତା ନିର୍ଦ୍ଧାରଣ ନାହିଁ। ଯାହାକି ଗ୍ରାହକ ଶୁଦ୍ଧ ପାଣି ନାମରେ ବିଷ ପିଉଛନ୍ତି। ଜଳର ଶୁଦ୍ଧତା ପାଇଁ ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକୁ ପାଳନ କରୁନାହାଁନ୍ତି। ଆରଓ, ଡିଟିଏସ ଏବଂ ଫିଲଟରିଂ ଆଦି ଠିକ ଭାବେ ମଧ୍ୟ ହେଉନାହିଁ। ପାଣି ଫିଲଟର ଗୁଡ଼ିକ ଏକ୍ସପାୟାରି ହେବା ପରେ ମଧ୍ୟ ବିନା ଶୁଦ୍ଧିକରଣରେ ବ୍ୟବସାୟୀ କରୁଛନ୍ତି। ପ୍ଲାଷ୍ଟିକ ଜାର ଗୁଡ଼ିକ ଦୁର୍ଗନ୍ଧ ମଧ୍ୟ ହେଉଛି ବୋଲି ଅନେକ ଗ୍ରାହକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ପାଣି ବ୍ୟବହାର କରି ବହୁ ଲୋକ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ଲଗାମ ନ ରହିବାରୁ ଏହି କାରବାର ବଢିଚାଲିଛି। ସେହିପରି କିଛି ମୁନାଫାଖୋର ବ୍ୟବସାୟୀ ପଡୋଶୀ ପଶ୍ଚିମବଙ୍ଗରୁ ଅନୁରୂପ କମ୍ପାନୀର ପିଇବା ପାଣି ବୋତଲ ଓ ଜାର ଆଣି ବ୍ୟବସାୟ ଚଳାଇଛନ୍ତି। ଏଥିପ୍ରତି ମଧ୍ୟ ଯାଞ୍ଚ ଜରୁରୀ।

## ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୧୦ମ ସନ୍ଧ୍ୟା

# ଏକକ ଯୁଗ୍ମ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା






ବାରିପଦା, ୧୨ ।୧୧(ସମିସ)

ଭଂଜପୁରଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୧୦ମ ସନ୍ଧ୍ୟାରେ ସିନିୟର ସୋଲୋ, ଡୁଏଟ ଏବଂ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପୂର୍ବରୁ ପ୍ରତିଯୋଗୀଙ୍କୁ ନେଇ ଏକ ଅଡିସନ ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ୨୪ ଜଣ ସିନିୟର ସୋଲୋ, ୨୨ ଯୋଡି ଡୁଏଟ ଏବଂ ୧୬ ଟି ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ । ପରେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗୀଙ୍କ ଆକର୍ଷଣୀୟ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ସ୍ନେହାଶ୍ରୀ ସଲୋନୀ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୪ ତାରିଖ ଉଦଯାପନୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟକ୍ରମ ମୁଖ୍ୟ ପ୍ରୀତମ ପଣ୍ଡା ଜଣାଇଛନ୍ତି । ବାଲେଶ୍ୱରର ରମିୟା ହୁଇ, ବାରିପଦାର ମେଘା ସାହା ଓ ରକି ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ । ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ଅବିନାଶ ରଥ, ଅନିଶ ମିଶ୍ର ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ । ଆସନ୍ତାକାଲି ମିଉଜିକାଲ ନାଇଟରେ ଇଣ୍ଡିଆନ ଆଇଡଲର ପ୍ରିୟାଂଶୁ ଦତ୍ତ ଓ ମୟୂରୀ ସାହାଙ୍କ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି । ଗୁରୁବାର ସନ୍ଧ୍ୟାରେ ଜାତୀୟ କଣ୍ଠଶିଳ୍ପୀ ପ୍ରିୟାଂଶୁ ଓ ମୟୂରୀ ତାଙ୍କ ସାଥୀଙ୍କ ସହିତ ସଙ୍ଗୀତ ପରିବେଷଣ କରିବେ ।

# ମୌଳିକ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



ବାରିପଦା, ୧୨ ।୧୧(ସମିସ): ନିଜ ଗ୍ରାମର ବିଭିନ୍ନ ମୌଳିକ ସମସ୍ୟା ନେଇ ବୁଧବାର ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି । କପ୍ତିପଦା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଲୋକେ ଧାରଣା ସହିତ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କପ୍ତିପଦା ବ୍ଲକର ରାଣୀପୋଖରୀ ଏବଂ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ମଧ୍ୟରେ ପ୍ରବାହିତ ହେଉଥିବା ଦୋମୁହାଣୀ ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ କରାଯିବାକୁ ମୁଖ୍ୟ ଦାବି ଥିବାବେଳେ ଅନ୍ୟ ୯ ଟି ଦାବି ପୂରଣ ପାଇଁ 'ଶରତ ବିକାଶ ମଞ୍ଚ'ର ମିଳିତ ସହଯୋଗରେ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତବାସୀ ପଦଯାତ୍ରାରେ ସହର ପରିକ୍ରମା ସହିତ ଗଣଧାରଣା ଦେଇଥିଲେ । ସ୍ଥାନୀୟ ଟୋଲ ଗଡିଆରେ ନିର୍ମାଣାଧିନ 'ବସୁଧା' ଜଳପ୍ରକଳ୍ପ ଶେଷ କରିବା, କିଟିସାହିରେ ବିଦ୍ୟୁତ ସଂଯୋଗ କରାଯିବା, ରାମଚନ୍ଦ୍ରପୁର ପଞ୍ଚାୟତରେ ଏଫଆରଏ ୨୦୦୬ କାର୍ଯ୍ୟକାରୀ କରିବା, କେନ୍ଦୁଗୁଠାରୁ ମହୁଲଡିହା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା, ଆଲଡାସାହିରେ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ କରିବା, କପ୍ତିପଦା ବ୍ଲକରେ ଏଫଆରଏ ୨୦୦୬ କାର୍ଯ୍ୟକାରୀ କରିବା, କେନ୍ଦୁଗୁଠି ଠାରୁ କଳମଗଡିଆ ପର୍ଯ୍ୟନ୍ତ ରାସ୍ତାକୁ ନିର୍ମାଣ କରିବା, ଧୋଳିପଡା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ କରିବା ଓ ଜିଲ୍ଲାରେ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ କାର୍ଯ୍ୟକାରୀ କରିବା ଆଦି ଦାବି ରହିଛି । ପୂର୍ବରୁ ଏ ନେଇ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନ କରିବାକୁ ବାଧ ହୋଇଛନ୍ତି ବୋଲି ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି । ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର କରାଯିବା ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଶରତ ବିକାଶ ମଞ୍ଚ ସଭାପତି ଗାମାଇ ରିମିଲ ଗୋଇପାଇ ନେତୃତ୍ୱରେ ଆନ୍ଦୋଳନ ଚଳାଇଛନ୍ତି ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଡୁରୁମୁଙ୍ଗା, ୧୨।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ପୁଟୁଳିଆ ଗ୍ରାମର ମଝି ସାହିର ମନୋଜ ମହାନ୍ତଙ୍କ ଘରୁ ବୁଧବାର ପୂର୍ବାହ୍ନରେ ଘର ଲୋକେ ବିଲକୁ ଧାନ କାଟିବାକୁ ଯାଇଥିବା ବେଳେ ଦୁର୍ବୃତ୍ତ ଘରେ କଳାକନା ବୁଲାଇ ଦେଇଛନ୍ତି । ଘର ସମ୍ମୁଖରେ ଲାଗିଥିବା ୨ କବାଟର ଚାବି ଭାଙ୍ଗି ଦୁର୍ବୃତ୍ତ ବାକ୍ସ ଭିତରେ ଥିବା ୨ଟି ସୁନା ଚେନ, ୩ ହଳ ସୁନା କାନ ଫୁଲ ଓ ନଗଦ ୨୫ଶହ ଟଙ୍କା ଲୁଟି ନେଇଥିବା ପାଟଣା ଥାନାରେ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ● ଅବକାରୀ ମୋବାଇଲ ସ୍କ୍ୱାଡ୍ ଚଢ଼ଉ;

## ଢେଙ୍କାରୁ ବିପୁଳ ମଦ ଜବତ

ହାଟଡ଼ିହୀ, ୧୨।୧୧(ସମିସ): କେନ୍ଦୁଝର ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାଡ ପକ୍ଷରୁ ହାଟଡ଼ିହୀ ବ୍ଲକ ସୋସୋ ଥାନା ଢେଙ୍କାରେ ଚଢ଼ଉ କରାଯାଇ ୧୩୭ ଲିଟର ବିଦେଶୀ ମଦ ଜବତ କରାଯାଇଛି । ପୂର୍ବ ସୂଚନା ପାଇ ଅଭିଯୁକ୍ତ ଫେରାର୍ ହେବାରେ ସକ୍ଷମ ହୋଇଛି । ବେଆଇନ ମଦ ବିକ୍ରୟ କରୁଥିବା ଖବର ପାଇ ଢେଙ୍କା ଗ୍ରାମର ପ୍ରଭାକର ମହାନ୍ତିଙ୍କ ଘରେ ଚଢଉ କରାଯାଇ ବିଭିନ୍ନ ବ୍ରାଣ୍ଡର ୯୪ ଲିଟର ବିଦେଶୀ ମଦ ଏବଂ ୪୩ ଲିଟର ବିୟର୍ ଜବତ କରାଯାଇଛି । ଏନେଇ ଏକ ମାମଲା ପଞ୍ଜିକୃତ ହୋଇଥିବା ବେଳେ ଅଭିଯୁକ୍ତକୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବା ଅବକାରୀ ମୋବାଇଲ୍ ସ୍କ୍ୱାଡ ଅଧିକାରୀ ରୋହିତ ନାୟକ କହିଛନ୍ତି । କେନ୍ଦୁଝର ଡେପୁଟି ସୁପରିନଟେଣ୍ଡାଣ୍ଟ ଦିବ୍ୟରଞ୍ଜନ ଦୀପ୍, ସ୍ପେସାଲ ଏନଫୋର୍ସମେଣ୍ଟ ୟୁନିଟ୍ ସହ ସବ୍‌ଇନ୍ସପେକ୍ଟର ରୋହିତ ନାୟକ, ଗିରିଜା ନନ୍ଦନ ଜେନା, ସନ୍ତୋଷ ଦାସ, ତନୁ ପାତ୍ର ପ୍ରମୁଖଙ୍କ ସହ ସୋସୋ ଥାନା ଆଇଆଇଆସି ଶିବଶଙ୍କର ଆଲଦା ଏବଂ ପୁଲିସ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଏହି ଚଢଉ କରାଯାଇଥିଲା । ଗତ ଅକ୍ଟୋବରରେ ସୋସୋ ପୁଲିସ ଉକ୍ତ ବ୍ୟକ୍ତିଙ୍କ ଘରୁ ୧୪୪ ଲିଟର ବିଦେଶୀ ମଦ ଜବତ କରିବା ସହ ଗିରଫ କରିଥିଲା । ଏହି ଘଟଣାରେ ବିଭାଗ କିପରି ଏତେ କମ ପରିମାଣର ମଦ ଜବତ କଲା ତାକୁ ନେଇ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି । ଏହି ବ୍ୟକ୍ତିଙ୍କ ଘରକୁ ହାଟଡ଼ିହୀ ଅବକାରୀ ବିଭାଗ ଚଢ଼ଉ ପାଇଁ ଯିବା ବେଳେ ମଦ ବେପାରୀ ଜଣକ ଚତୁରତାର ସହିତ ପୋଷା କୁକୁରକୁ ଫିଟାଇ ଦେଇଥାଏ । ଯାହାଦ୍ୱାରା ଅବକାରୀ ବିଭାଗ ଘରେ ପସି ନପାରି ଫେରି ଆସିବାକୁ ବାଧ ହୋଇଥାଏ ବୋଲି ଆଲୋଚନା ହେଉଛି ।

## ନିଖୋଜ ନାବାଳିକା ଉଦ୍ଧାର

କୁଆମରା, ୧୨।୧୧(ସମିସ): ତିନି ବର୍ଷ ତଳେ ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ମଙ୍ଗଳବାର ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତର ଏକ ଗ୍ରାମରୁ ନାବାଳିକାକୁ ଉଦ୍ଧାର କରିଛି ପୁଲିସ । ଗତ ୨୦୨୩ ମସିହାରେ ତାଙ୍କୁ କେହି ଅପହରଣ କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ । ଅପହରଣ ପରେ ନିଜ ପ୍ରେମିକ ସହ ବାହାର ରାଜ୍ୟକୁ ପଳାଇ ଯାଇଥିବାର ପ୍ରକାଶ କରିଛି ପୀଡିତା । ତେବେ ନିଖୋଜ ସମୟରେ ୧୭ ବର୍ଷ ହୋଇଥିବା ବେଳେ ଏବେ ତାଙ୍କୁ ୧୯ ବର୍ଷ ବୟସ ହୋଇଛି ବୋଲି ପୁଲିସ କହିଛି । ପୀଡିତାଙ୍କୁ ଆଜି ଡାକ୍ତରୀ ମାଇନା କରାଯାଇଛି ।

## ତାଲା ଭାଙ୍ଗି ଦୋକାନରୁ ଚୋରି

କୁଆମରା, ୧୨।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ବଜାରରୁ ଗତ ରାତିରେ ଦୁର୍ବୃତ୍ତମାନେ ଧିରେନ ବଳିଆର ସିଂହଙ୍କ ତେଜରାତି ଦୋକାନର୍ ତାଲା କାଟି ବିଭିନ୍ନ ସାମଗ୍ରୀ ଏବଂ କିଛି ଟଙ୍କା ଲୁଟ୍‌କରି ନେଇ ପଳାଇଛନ୍ତି । ଏ ନେଇ ସେ କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ତେବେ ବିଗତ ୬ ମାସ ଧରି କ୍ରମାଗତ ମନ୍ଦିର, ଦୋକାନ, ବାଇକ, ମଟର ଯାନ ଆଦି ଉପରେ ଦୁର୍ବୃତ୍ତଙ୍କ ନଜର ପଡିଥିବାରୁ ଲୋକେ ସୁରକ୍ଷିତ ମଣୁ ନାହାଁନ୍ତି । ତେଣୁ ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରିବାକୁ ଦାବି ହେଉଛି ।

## ବାଇକ ଦୁର୍ଘଟଣାରେ ଜଣେ ମୃତ

ରାସଗୋବିନ୍ଦପୁର, ୧୨ ।୧୧(ସମିସ): ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଆହତ ହୋଇଥିବା ଜଣାପଡିଛି । ମୃତକ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ ମଗୁସୁରିଆ ଗ୍ରାମର ପରମ ବିନ୍ଧାଣୀ ଏବଂ ଗୁରୁତର ଜଣକ ହେଲେ ପୁରୁଣାପାଣି ଗ୍ରାମର ସାହୁ ମାର୍ଣ୍ଡି । ସୂଚନା ଅନୁଯାୟୀ, ପରମ ଏବଂ ସାହୁ ଏକ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ନିକଟରେ ଭାରସ୍ୟାମ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ । ଘଟଣାସ୍ଥଳରେ ପରମଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ସାହୁଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।




ଆନନ୍ଦପୁର: ଐତିହାସିକ ବାଲିଯାତ୍ରା କଟକ-୨୦୨୫ ମଞ୍ଚରେ ସ୍ଥାନୀୟ ବୀଣାପାଣି କଳା ନିକେତନର ନୃତ୍ୟଶିଳ୍ପୀମାନେ ସ୍ୱର୍ଗତ ଗୋଦାବରୀଶଙ୍କ ସଂକଳନ ''କାଳିଜାଈ' କାବ୍ୟ ଉପସ୍ଥାପନା କରି ନୃତ୍ୟଗୁରୁଙ୍କ ସହ ସମ୍ବର୍ଦ୍ଧିତ ହୋଇଛନ୍ତି

# ବାରମାସୀ କ୍ଲବ୍ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

### ପନାସିଆକୁ ହରାଇ ସାନସିଆଳିମାଳ ବିଜୟୀ



ଆନନ୍ଦପୁର, ୧୨।୧୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧଗୋଡା ପଞ୍ଚାୟତର ପନାସିଆ ବାରମାସୀ କ୍ଲବ ପ୍ରଥମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ୩୨ଟି ଦଳକୁ ନେଇ ଆୟୋଜିତ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ପନାସିଆ ବାରମାସୀ ଏଫ୍‌ସି ଓ ସାନସିଆଳିମାଳ ହାପାନ୍ସ୍‌ଚି ଗୁଲାବବାହା ସହ ହୋଇଥିଲା । ପେନାଲଟି ସୁଟରେ ଗୋଟିଏ ଗୋଲରେ ପନାସିଆକୁ ହରାଇ ସାନସିଆଳିମାଳ ବିଜୟୀ ହୋଇଛି । ପୁରସ୍କାର ବିବରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦାନ୍ତିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ବୀରବର ବେହେରା, ସମ୍ମାନିତ ଅତିଥି ଦାନ୍ତିଆ ଗ୍ରାମର ଯୁବ ସମାଜସେବୀ ପବିତ୍ର ମୋହନ ସ୍ୱାଇଁ, ଶାନ୍ତନୁ ସ୍ୱାଇଁ ଯୋଗଦାନ କରିଥିଲେ । ରେଫରୀ ସୁରେନ୍ଦ୍ର ମାରାଣ୍ଡି, ଲମ୍ବୋଦର ମାରାଣ୍ଡି, ଲାଇନ୍ସମ୍ୟାନ ଜଗା ମୁଣ୍ଡା, ଦେବେନ୍ଦ୍ର ମୁଣ୍ଡା, ଭାଷ୍ୟକାର ଅମର ମଲ୍ଲିକ ସହଯୋଗ କରିଥିଲେ । ପନାସିଆ ବାରମାସୀ କ୍ଲବର କମଳ ଜେନା, ବୁଟୁଲ୍ ହୋ, ରାଇସିଂହ ହୋ, ଦୁର୍ଯ୍ୟୋଧନ ଚାତାର, ସୁରେନ୍ଦ୍ର ହୋ, ସୁନିଲ୍ ହୋ, ଶ୍ରୀରାମ ହୋ, ମଙ୍ଗଳ ହୋ, ଗୁରୁଚରଣ ହୋ, ଜଗା ହୋ, ତରୁଣ ହୋ ମନୋଜ ହୋ, ମିଟୁ ହୋ, ମାଗୁଣି ଜେନା, ବିଦ୍ୟାଧର ହୋ ଖେଳ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

### ପ୍ରଥମାଷ୍ଟମୀରେ ପାହାଡ଼ଚଢ଼ା ଏକ ନିଆରା ପରମ୍ପରା

# ସାମିଲ ହେଲେ ୨୦ ଗାଁର ଯୁବକଯୁବତୀ




ଆନନ୍ଦପୁର, ୧୨।୧୧ (ସମିସ): ପୁରୁଣାବାନ୍ଧଗୋଡା ଗ୍ରାମରେ ପ୍ରତିବର୍ଷ ପରି ପ୍ରଥମାଷ୍ଟମୀ ପର୍ବକୁ ନିଆରା ଢଙ୍ଗରେ ପାଳନ କରିଥାନ୍ତି ଗ୍ରାମର ଯୁବ ପିଢି । ଗାଁ ନିକଟରେ ଥିବା ଉଚ୍ଚ ଧନେଇ ପାହାଡ ଉପରକୁ ଚଢି ପ୍ରକୃତିର ଶୋଭା ଉପଭୋଗ କରିଥାନ୍ତି । ଲୋକକଥାନୁସାରେ, ରାଜା ରାଜୁଡା ଅମଳରେ ପାହାଡ଼ ଉପରେ ଥିବା ଗୁମ଼୍ା ମଧ୍ୟରେ ପର୍ବତ ରାଣୀ ମା' ଧନେଇ ବିରାଜ ମାନ କରୁଥିଲେ । ପ୍ରଥମାଷ୍ଟମୀ ଅବସରରେ ମା'ଙ୍କ ପୀଠରେ ବିଶେଷ ପୂଜାର୍ଚ୍ଚନା ସହ ମା'ଙ୍କୁ ନୂଆ ବସ୍ତ୍ର ଦାନ କଲେ ବିଶେଷ ପୁଣ୍ୟ ମିଳିଥାଏ ବୋଲି ବହୁ ଦିନରୁ ବିଶ୍ୱାସ ରହି ଆସିଛି । କାଳକ୍ରମେ ପ୍ରତି ଦିନ ପାହାଡ ଚଢି ମା'ଙ୍କ ପୂଜାବିଧି ସମ୍ପାଦନ କରିବାରେ ବ୍ୟାଘାତ ଘଟିବାରୁ ଦେହୁରୀ ସେବକ ମାଙ୍କୁ ପାହାଡ ପାଦଦେଶରେ ଥିବା ଶିଆଡି ଲଟାରେ ସ୍ଥାପନ କରି ଅଦ୍ୟାବଧି ପୂଜାର୍ଚ୍ଚନା କରୁଛନ୍ତି । ସେହି ବିଶ୍ୱାସକୁ ଉଜ୍ଜୀବିତ କରିବା ପାଇଁ ଗ୍ରାମର ଯୁବପିଢି ପ୍ରଥମାଷ୍ଟମୀ ପୂର୍ବ ଦିନରୁ ପାହାଡ ଉପରକୁ ଚଢିବା ପାଇଁ ବାଟ ସଫା କରିଥାନ୍ତି । ପାଖ ଆଖ ଗ୍ରାମରୁ ଶହଶହ ଯୁବକ ଯୁବତୀ ଏବଂ ଛୋଟ ପିଲା ପାହାଡ଼ ଉପରକୁ ଚଢି ମା' ଧନେଇଙ୍କ ଆଶିଷ ପାଇବା ସହ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିଥିଲେ । ଏହି ପରମ୍ପରା ବହୁ ବର୍ଷ ତଳୁ ଚାଲି ଆସୁଛି ବୋଲି ଗ୍ରାମର ବରିଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି । ପାହାଡ ପାଦଦେଶରେ ଯୁବପିଢିଙ୍କ ଭିଡକୁ ଦେଖି ଅସ୍ଥାୟୀ ଗୁପଚୁପ, ଚାର୍ଟ, ଆଇସକ୍ରିମ ସହ ବିଭିନ୍ନ ଚଟପଟି ଦୋକାନ ଖୋଲିଛି । ଏହି ପର୍ବ ନିଆରା । ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦ ଖଣ୍ଡ ଗ୍ରାମରୁ ବିଶେଷ କରି ଯୁବପିଢି ନୂଆ ଜାମା ପ୍ୟାଣ୍ଟ ପିନ୍ଧି ଏହି ପାହାଡ଼ ଚଢ଼ାରେ ଅଂଶଗ୍ରହଣ କରିଥିଲେ ।

# ପିଆରଏମ୍ କଲେଜ ଛାତ୍ର ସଂସଦର ବାର୍ଷିକ ଉତ୍ସବ 'ଏଲିକ୍ସିର' ଉଦଘାଟିତ



ବାରିପଦା, ୧୨ ।୧୧(ସମିସ): ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ବାର୍ଷିକ ଉତ୍ସବ 'ଏଲିକ୍ସିର-୨୦୨୫' ଉଦଘାଟିତ ହୋଇଯାଇଛି । ତିନିଦିନ ଧରି ଚାଲିବାକୁ ଥିବା ଉତ୍ସବକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି । ଚଳିତ ଥର ଏହି କାର୍ଯ୍ୟକ୍ରମକୁ ପିଆରଏମ ଛାତ୍ର ସଂସଦ ୨୦୨୪-୨୫ ପକ୍ଷରୁ ଆୟୋଜନ କରାଯାଇଛି ବୋଲି ଛାତ୍ର ସତ୍ୟଜିତ ସାତୁଆ ସୂଚନା ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚିରହିଥିବା ପ୍ରତିଭା, ଶକ୍ତି ଓ କଳାତ୍ମକ ଉଦ୍ୟମକୁ ଏହି ମଞ୍ଚରେ ପ୍ରଦର୍ଶିତ କରିବା ସହିତ ମଣ୍ଟୁ ଛୁରିଆ ଏବଂ କବିତା କପୁର ଭଳି ବିଶିଷ୍ଟ କଳାକାର ଏଥିରେ ଯୋଗଦାନ କରି ମନୋରଞ୍ଜନର ମାଧ୍ୟମ ସାଜିବେ । 'ଏଲିକ୍ସିର-୨୦୨୫' ଫେଷ୍ଟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି କରିବା ସହ ପ୍ରତିଭା ପ୍ରଦର୍ଶନର ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଏ । ଏହି ଉତ୍ସବର ସଫଳତା ପାଇଁ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଓ ମେଡ଼ିକାଲ କଲେଜ ଡିନ୍ ଡାକ୍ତର ପ୍ରତିଭା ପଣ୍ଡା କାମନା କରିଛନ୍ତି ।

### ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

# ୨୭୭ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ



ବିଶୋଇ, ୧୨ ।୧୧(ସମିସ) : ବିଶୋଇ ବ୍ଲକ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଅତିଥି ଭାବରେ ବିଡ଼ିଓ ସାଗରଚନ୍ଦ୍ର ମୁର୍ମୁ, ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ତହସିଲଦାର ସତ୍ୟବାନ ନାଏକ, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟ ଶୀତଳ କିସ୍କୁ, ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ଜୁଡ଼ିଆ ସରପଞ୍ଚ ସାବିତ୍ରୀ ସୋରେନ, ଏନ.ବି ପୋଖରୀଆ ସରପଞ୍ଚ ଡ଼ମାନ ମୁର୍ମୁ, ଭାତଛତ୍ର ସରପଞ୍ଚ ଭାଦୁରାମ ହାଁସଦା, ସାମାଜିକ କର୍ମୀ ଆନନ୍ଦ କୁମାର ରାମ ପ୍ରମୁଖ ଶିବିରକୁ ଉଦଘାଟନ କରିଥିଲେ । ଶିବିରରେ ଦିବ୍ୟାଙ୍ଗ ନିଜର ନାମ ପଞ୍ଜିକରଣ କରି କିପରି ସରକାରୀ ଯୋଜନା ପାଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ ସେନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ କୁମାର ସୋରେନ ମୁଖ୍ୟବ୍ୟକ୍ତା ଭାବରେ ଯୋଗଦେଇ ଶିବିର ଆୟଜନର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ଅବସରରେ ୫୬୭ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିବା ବେଳେ ୨୭୭ ଜଣ ଦିବ୍ୟାଙ୍ଗ ପ୍ରମାଣପତ୍ର ଓ ୧୪୫ ଜଣ ଦିବ୍ୟାଙ୍ଗ ସହାୟତା ଉପକରଣ ପାଇବା ପାଇଁ ମନୋନୀତ ହୋଇଥିଲେ । ସେହିପରି ୧୬୨ ଜଣ ଆୟ ପ୍ରମାଣପତ୍ର, ୧୩୧ ଜଣ ବସ୍ ପାସ, ୩୦ ଜଣ ମଧୁବାବୁ ପେନସନ ଯୋଜନାରେ ଭତ୍ତା, ୪ ଜଣ ବାଣିଶ୍ରୀରେ ବୃତ୍ତି, ୬ ଜଣଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଓ ୪୦ ଜଣଙ୍କୁ ଗ୍ରାମୀଣ ଆବାସ ଗୃହ, ଜଣେ ଭୂମି ପ୍ରମାଣପତ୍ର ପାଇଁ ଆବେଦନ କରିଛନ୍ତି । ବାରିପଦା ପିଆରଏମ୍‌ରୁ ଭେଷଜ, ଚକ୍ଷୁ, ଅସ୍ଥିଶଲ୍ୟ, ମାନସିକ, ନାସା, କର୍ଣ୍ଣ ବିଭାଗର ବିଶେଷଜ୍ଞ ଡ଼ାକ୍ତର ଯୋଗଦେଇ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ । ଗୋଷ୍ଠୀ ସମ୍ବଳ ପ୍ରଶିକ୍ଷକ କିଶୋର ସାହୁ ଶିବିର ପରିଚାଳନା କରିଥିଲେ ।

### ■ ହାତ ଗଣତି ଚାଷୀ; ମତ୍ସ୍ୟ ପ୍ରାଣୀସମ୍ପଦ ମେଳା ପ୍ରହସନ

# ଅନୁପସ୍ଥିତ ଥିଲେ ଆନନ୍ଦପୁର ଓ ଘସିପୁରା ବିଧାୟକ



ଆନନ୍ଦପୁର, ୧୨।୧୧ (ସମିସ): ଶାଳପଡା ଜଳସେଚନ ପଡ଼ିଆଠାରେ ଆୟୋଜିତ ପ୍ରାଣୀସମ୍ପଦ ମେଳା ପ୍ରହସନ ପାଲଟିଛି । ଏନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ସଭାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଏବଂ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଅନୁପସ୍ଥିତି ଯୋଗୁଁ ପ୍ରଶାସନର ଆଭିମୁଖ୍ୟ ଏବଂ ପକ୍ଷପାତିତାକୁ ନେଇ ପ୍ରଶ୍ନ ଉଠିଛି । ପୂର୍ବରୁ ଉପଯୁକ୍ତ ସୂଚନା ଦିଆଯାଇ ନଥିବାରୁ ସଭାରେ ସରକାରୀ ଦଳୀୟ କର୍ମୀଙ୍କ ଛଡ଼ା ହାତଗଣତି ଚାଷୀଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଥିଲା । ଦୀର୍ଘ ୭୫ ବର୍ଷ ହେବ ଆମ ଦେଶ ସ୍ୱାଧୀନ ହୋଇଥିଲେ ମଧ୍ୟ କୃଷି ସମ୍ପଦର ସଠିକ ସଦୁପଯୋଗ ହୋଇପାରୁନାହିଁ । ଦେଶର ପ୍ରାୟ ୭୦ ଭାଗ ଜନସାଧାରଣ କୃଷକ ଅଟନ୍ତି ଓ କୃଷି କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି । ତେଣୁ ଭାରତର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତିକ୍ରମେ କୃଷି ସମ୍ପଦ ବିକାଶର ଯୋଜନାଗୁଡିକ କିପରି ତୃଣମୂଳ ସ୍ତରରେ ପହଞ୍ଚିପାରିବ ଏନେଇ ଏକ ସଚେତନତା ମେଳା ଅନୁଷ୍ଠିତ ହୋଇଥିଲା । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଶାଳପଡାଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଆନୁକୂଲ୍ୟରେ ଜନସାଧାରଣଙ୍କ କୃଷିଭିତ୍ତିକ ଉନ୍ନତିକରଣ ନିମନ୍ତେ ଆନନ୍ଦପୁର ବିଡିଓ ଚିତ୍ତରଞ୍ଜନ ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଆନନ୍ଦପୁର ବିଡିଓ ମନୋଜ ମହାନ୍ତ, ଘସିପୁରା ବିଡିଓ ସରୋଜ ମହାନ୍ତି ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୧୨।୧୧(ସମିସ): ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି । ମୃତ ମହିଳା ଜଣକ ହେଲେ ନାଗଭଣ ଗ୍ରାମର ମୁସଲିମ ସାହିର ସେକ ରାଜାଙ୍କ ପତ୍ନୀ ଖୁସୁବୁ ବିବି । ତେବେ ସେ ଘରେ ଥିବା ବେଳେ ତାଙ୍କ ସ୍ୱାମୀ ବିଜତଳା ସାପ୍ତାହିକ ହାଟକୁ ଯାଇଥିଲେ । ଉକ୍ତ ସମୟରେ ମହିଳା ଜଣକ କୋଣସି କାରଣ ପାଇଁ ଘରେ ଝୁଲି ପଡିଥିଲେ । ଘର ଲୋକେ ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ରାଇରଙ୍ଗପୁର ଟାଉନ ଥାନା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି ।

## ଝିଲିରିବଣିରୁ ବିପୁଳ ଶାଳଗଣ୍ଡି ଜବତ



ବେତନଟୀ, ୧୨।୧୧(ସମିସ): ପୁଣି ଚୋରାଚାଲାଣ ପୂର୍ବରୁ ବନବିଭାଗ ପକ୍ଷରୁ ବେତନଟୀ ରେଞ୍ଜ ଅଧୀନ ଝିଲିରିବଣି ଗ୍ରାମରେ ଚଢ଼ଉକରି ବିପୁଳ ପରିମାଣର ମୂଲ୍ୟବାନ ଶାଳଗଣ୍ଡି ଜବତ କରାଯାଇଛି । ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲାକୁ ଚୋରାଚାଲାଣ ନିମନ୍ତେ ଝିଲିରିବଣି ଗାଁ ସଂଲଗ୍ନ ଡାହି ଅଞ୍ଚଳରେ ମୂଲ୍ୟବାନ ଶାଳଗଛକୁ କଟାଯାଇ ଗଚ୍ଛିତ ରଖାଯାଇଥିଲା । ଏହି ଖବରପାଇ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାୟକ ସଦଳବଳ ଚଢ଼ଉ କରିଥିଲେ; ହେଲେ ଖବର ପାଇ କାଠ ମାଫିଆମାନେ ଖସିପଳାଇବାରେ ସକ୍ଷମ ହୋଇଥିଲେ । ପରେ ଘଟଣାସ୍ଥଳରୁ ବିଭିନ୍ନ ମୋଟେଇର ୨୦ଖଣ୍ଡ ମୂଲ୍ୟବାନ ଶାଳଗଣ୍ଡି ଜବତ ହୋଇଛି । ଶାଳଗଣ୍ଡି ଗୁଡିକୁ ବେତନଟୀ ରେଞ୍ଜ କୃଷ୍ଣଚନ୍ଦ୍ରପୁର ସେକ୍ସନ କାର୍ଯ୍ୟାଳୟର ସିଜର ୟାର୍ଡରେ ରଖାଯାଇଛି । ଜବତ କାଠର ପରିମାଣ ୯୫ ସିଫ୍ଟ ହୋଇଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ଦେଢଲକ୍ଷ ଟଙ୍କା ହେବ ।

### ● ସରୋଜ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବିଏମ୍ ସ୍ପୋର୍ଟିଂ ଚାମ୍ପିଅନ

କରଞ୍ଜିଆ, ୧୨।୧୧(ସମିସ): କରଞ୍ଜିଆ ବ୍ଲକର ଶିବ ଶକ୍ତି କ୍ଲବ, ଝାଟିଆଳି-କେରକେରାର ୮ମ ସରୋଜ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚରେ ଗୁରୁଦେବ, ଟଙ୍ଗାବିଲା ଦଳକୁ ଟ୍ରାଇବ୍ରେକରେ ହରାଇ ଚଳିତ ବର୍ଷ ବି.ଏମ ସ୍ପୋର୍ଟିଂ ଦଳ ଚାମ୍ପିଅନ ହୋଇଛି । ଚାମ୍ପିଅନ ଦଳକୁ ପ୍ରଥମ ପୁରସ୍କାର ବାବଦକୁ ୩୦ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୨୫ହଜାର ଟଙ୍କା ପୁରସ୍କୃତ କରାଯାଇଛି । ତୃତୀୟ ଦଳ ଭାବେ ହର ମାର୍ସିଲ ଫୁଟବଲ ଦଳ ୧୫ହଜାର ଓ ଚତୁର୍ଥ ଦଳ ଭାବେ ମଝିଗାଁ ଫୁଟବଲ ଦଳ ମଧ୍ୟ ୧୫ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୩୨ଟି ଟିମ ଭାଗ ନେଇଥିଲେ । ୪ଟି ଗ୍ରୁପର ଚାମ୍ପିଆନ ଦଳକୁ ନେଇ ସେମି ଫାଇନାଲ ଖେଳ ହୋଇଥିଲା । ଫାଇନାଲ ଖେଳରେ ବି. ଏମ ସ୍ପୋର୍ଟିଂ ଅନ୍ଧାରଝରି ଦଳ ଗୁରୁଦେବକୁ ଭେଟିଥିଲା । ଉଦ୍‌ଘାଟନୀ ଦିବସ ୯ ତାରିଖରେ ପୂର୍ବତନ ପ୍ରତିରକ୍ଷା ବିଭାଗର ମୁଚିରାମ ହୋ ଅତିଥିଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ । ଆଜି ଦୁଇଟି ସେମି ଫାଇନାଲ ଓ ଫାଇନାଲ ଖେଳ କରାଯାଇଥିଲା । ଫାଇନାଲ ଖେଳରେ ବି.ଏମ. ସ୍ପୋର୍ଟିଂ କ୍ଲବ ଓ ଗୁରୁଦେବ ଫୁଟବଲ ଦଳ ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଫଳରେ ବି.ଏମ ସ୍ପୋର୍ଟିଂ ଚାମ୍ପିଅନ ହୋଇଛି ।

### ୨୬/୧୧ ଭଳି ବହୁ ସହରରେ ଆକ୍ରମଣ ଯୋଜନା ପଣ୍ଡ

# ୨୦୦ ବୋମାରେ ହୋଇଥାନ୍ତା ସିରିଜ୍ ବିସ୍ଫୋରଣ

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ବିସ୍ଫୋରଣଠାରୁ ଅତି ଭୟଙ୍କର ଯୋଜନା ପ୍ରସ୍ତୁତ କରିଥିଲେ ଆତଙ୍କବାଦୀ। ଏହି ଫରିଦାବାଦ ମଡ୍ୟୁଲୋରେ ସାମିଲ ଆତଙ୍କବାଦୀମାନେ ୨୦୦ ବୋମା (ଆଇଇଡି)ରେ ୨୬/୧୧ ଭଳି ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିଲେ ବୋଲି ଜଣାପଡ଼ିଛି। ଏଥିପାଇଁ ଫରିଦାବାଦରୁ ଗିରଫ ଡ. ସାହିନ ସାହିଦ ଦୁଇ ବର୍ଷ ହେଲା ବିସ୍ଫୋରକ ସଂଗ୍ରହ କରୁଥିଲା। ସାହିନ ଏବଂ ତାର ସହଯୋଗୀ ମିଶି 'ହ୍ୱାଇଟ କଲାର ଟେରର ମଡ୍ୟୁଲୋ' ଗଠନ କରିଥିଲେ। କାହାକୁ ସନ୍ଦେହ ନ ହେବା ପାଇଁ ଏଥିରେ କେବଳ ବୃତ୍ତିଗତ ଲୋକଙ୍କୁ ସାମିଲ କରିଥିଲେ। ଏହି ଆତଙ୍କବାଦୀ ଜୈସ-ଇ-ମହମ୍ମଦ ଏବଂ ଅନ୍‌ସାର ଗଜୱତ-ଉଲ-ହିନ୍ଦ ନାମକ ସଂଗଠନ ସହ ଜଡ଼ିତ ଥିଲେ।



ହରିୟାଣା ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆତଙ୍କବାଦୀ ମଡ୍ୟୁଲୋ ୨୦୦ରୁ ଅଧିକ ଆଇଇଡି ପ୍ରସ୍ତୁତ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ୨୯୦୦ କେଜି ବିସ୍ଫୋରକ ସହିତ ଟାଇମର ଏବଂ ବୋମା ପ୍ରସ୍ତୁତିରେ ବ୍ୟବହୃତ ଅନ୍ୟ ସାମଗ୍ରୀ ଆଣି ଥିଲେ। ଏମାନେ ଏକାସଙ୍ଗେ ଅନେକ ସହରରେ ୨୬/୧୧ ଭଳି ଆକ୍ରମଣ କରିବାକୁ ଯୋଜନା କରିଥିଲେ। କେବଳ ବିସ୍ଫୋରଣ ନୁହେଁ, ଏକେ-୫୬, ୪୭ ଭଳି ରାଇଫଲରୁ ସାର୍ବଜନୀନ ସ୍ଥାନରେ ଗୁଳିଗୋଳା ମାଡ଼ କରି ଲୋକଙ୍କ ଜୀବନ ନେବାକୁ ଚାହୁଁଥିଲେ। ଆଖପାଖରେ ଡାକ୍ତରଖାନା ନ ଥିବା ଅଞ୍ଚଳକୁ ନିଶାଣ କରିବାକୁ ଯୋଜନା କରିଥିଲେ। ଲୋକଙ୍କୁ ସହଜରେ ହସ୍ପିଟାଲରେ ପହଞ୍ଚିବାକୁ ନ ଦେବା ପାଇଁ ଏପରି କରିଥିଲେ।

ଦିଲ୍ଲୀ, ଗୁରୁଗ୍ରାମ ଏବଂ ଫରିଦାବାଦ ନିଶାଣରେ ଥିଲା। ଦିଲ୍ଲୀର ଲାଲକିଲ୍ଲା, ଇଣ୍ଡିଆ ଗେଟ୍, କନ୍‌ଷ୍ଟିଚ୍ୟୁସନ କ୍ଲବ ଏବଂ ଗୌରୀ ଶଙ୍କର ମନ୍ଦିର ଭଳି ପ୍ରମୁଖ ସ୍ଥାନକୁ ଆକ୍ରମଣ ପାଇଁ ଆତଙ୍କବାଦୀ ବାଛି ଥିଲେ। ଏହା ବ୍ୟତୀତ ସାରା ଦେଶର ରେଳ ଷ୍ଟେସନ ଏବଂ ବଡ଼ ମଲ୍ ମଧ୍ୟ ଟାର୍ଗେଟରେ ଥିଲା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଷଡ଼ଯନ୍ତ୍ର ଗତ ଜାନୁଆରୀରୁ ଆରମ୍ଭ ହୋଇଥିଲା। ଜେଇଏମ ସହ ଏହି ଆତଙ୍କବାଦୀଙ୍କ ସମ୍ପର୍କ ଥିଲା। ଧାର୍ମିକ ସ୍ଥଳରେ ଆକ୍ରମଣ କରି ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ଏଥିପାଇଁ କଶ୍ମୀରର ପୁଲୱାମା, ସୋପିଆନ ଏବଂ ଅନନ୍ତନାଗର କିଛି ଡାକ୍ତରଙ୍କୁ ବାଛି ଥିଲେ। ବିନା ସମସ୍ୟାରେ ଆକ୍ରମଣ ପାଇଁ ଏହି ପନ୍ଥା ଆପଣାଇ ଥିଲେ। ଆତଙ୍କବାଦୀମାନେ ଫରିଦାବାଦରେ ଦୁଇଟି ଘର ଭଡ଼ା ନେଇଥିଲେ। ପ୍ରଥମ ଠିକଣାଟି ଧୌଜ ଗ୍ରାମରେ ଥିଲା। ଏହା ଫଲାହ ବିଶ୍ୱବିଦ୍ୟାଳୟରୁ ମାତ୍ର ୩୦୦ ମିଟର ଦୂରରେ ରହିଛି। କୋଠା ତିଆରି ପାଇଁ ସାମଗ୍ରୀ ଯୋଗାଣ କରୁଥିବା ଇକବାଲ ଏହି ଆତଙ୍କବାଦୀମାନଙ୍କୁ ଘର ଦେଇଥିଲା। ତା ଘରୁ ୩୬୦ କେଜି ଆମୋନିୟମ ନାଇଟ୍ରେଟ, ରାଇଫଲ୍ସ ଏବଂ ଅନ୍ୟ ଅସ୍ତ୍ରଶସ୍ତ୍ର ମିଳିଥିଲା। ଏଠାରେ ଏକ ସିମେଣ୍ଟ ଗୋଦାମ ଥିଲା। କାହାର ସନ୍ଦେହ ନ ହେବା ପାଇଁ ବିସ୍ଫୋରକ ଏଠାରେ ରଖା ଯାଇଥିଲା। ସେହିପରି ଅନ୍ୟ ଠିକଣାଟି ଫତେହପୁର ଗ୍ରାମରେ ଥିଲା। ଏହା ବିଶ୍ୱବିଦ୍ୟାଳୟରୁ ତିନି କିମି ଦୂରରେ ରହିଥିଲା। ଏହା ନୁହ ବାସିନ୍ଦା ମୌଲବୀ ଇସ୍ତିୟାକର ଘର ଥିଲା। ଏଠାରୁ ୨୫୬୩ କେଜି ଆମୋନିୟମ ନାଇଟ୍ରେଟ ଜବତ କରାଯାଇଥିଲା। ଜାଣିଶୁଣି ମୁସଲିମ ବହୁଳ ଅଞ୍ଚଳରେ ଘର ଭଡ଼ା ନେଇ ଏହା ରଖାଯାଇଥିଲା। ଏହି ଘର ବାହାରେ ସିସିଟିଭି ଲାଗିଥିଲା। ମୌଲବୀର ଘର ହୋଇଥିବାରୁ ସନ୍ଦେହର କୌଣସି ଆଶଙ୍କା ନ ଥିଲା। କାରଣ ମୁସଲିମ ସମାଜ ମୌଲବୀଙ୍କ ଘରେ ଥିବା ଭଡ଼ାଟିଆଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖି ନ ଥାଏ।

## ନାକେଦମ କଲା ନାଲିଆ କାର୍; ହରିୟାଣାରୁ ଜବତ

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଲାଲକିଲ୍ଲା ନିକଟରେ ସୋମବାର ହୋଇଥିବା ଭୟଙ୍କର ବିସ୍ଫୋରଣ ଏକ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣ ଥିଲା ବୋଲି ଦିଲ୍ଲୀ ପୁଲିସ ସ୍ପଷ୍ଟ କରିଛି। ଜୈସ-ଇ-ମହମ୍ମଦ (ଜେଇଏମ)ର ସ୍ଲିପର୍ ସେଲ୍ ଏହି ବିସ୍ଫୋରଣ ଘଟାଇ ଥିଲା। ପ୍ରଥମ ଥର ପାଇଁ ଆମୋନିୟମ୍ ନାଇଟ୍ରେଟ୍‌କୁ ଅସ୍ତ୍ର କରି ଏଭଳି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା ବୋଲି କୁହାଯାଉଛି। ଏପରି ସମୟରେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ



ସାମ୍‌ନାକୁ ଆସିଛି। ଲାଲ୍ ରଙ୍ଗର ଫୋର୍ଡ ଇକୋସ୍ପୋର୍ଟ ଗାଡ଼ିକୁ ନେଇ ଚେତାବନୀ ଜାରି କରାଯାଇଛି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଆତଙ୍କବାଦୀ ଡାକ୍ତର ଉମର-ଉନ-ନବି ପାଖରେ ଏହି କାର୍ ଥିଲା ବୋଲି ଜଣାପଡ଼ିଛି। ସେ ଧଳା ରଙ୍ଗର କାର ସହିତ ଏହି ଇକୋ ସ୍ପୋର୍ଟ କାର (ଡିଏଲ୧୦ସିକେ୦୪୫୮) ମଧ୍ୟ କିଣିଥିଲା। ଆଇ୨୦ ବିସ୍ଫୋରଣରେ ଜଳି ଯାଇଥିବାବେଳେ ଇକୋ ସ୍ପୋର୍ଟ କାର୍ କୁଆଡେ ଗଲା ବୋଲି କାହା ପାଖରେ କିଛି ଖବର ନ ଥିଲା। ଏହା ନବି ନାମରେ ମଧ୍ୟ ପଞ୍ଜିକୃତ ହୋଇଛି। ସେ ଏହି କାର୍‌ର ଦ୍ୱିତୀୟ ମାଲିକ। ଏହି କାର୍ ୨୦୧୭ ନଭେମ୍ବର ୨୨ରେ ରାଜୌରୀ ଗାର୍ଡେନ୍ ଆରଟିଓରେ ପଞ୍ଜିକୃତ ହୋଇଥିଲା। ଏହି କାର୍ ଭିତରେ ମଧ୍ୟ ବିସ୍ଫୋରକ ଥାଇପାରେ। ଏହାକୁ ଧରିବା ପାଇଁ ନେଇ ଦିଲ୍ଲୀ ବ୍ୟତୀତ ଉତ୍ତର ପ୍ରଦେଶ (ୟୁପି) ଏବଂ ହରିୟାଣା ପୁଲିସ ନାକେଦମ ହୋଇଛି। ଏହି କାର୍‌କୁ ହରିୟାଣାର ଖନ୍ଦାବଲି ଗ୍ରାମରୁ ଜବତ କରାଯାଇଛି। ଏହାର ଯାଞ୍ଚ ପାଇଁ ଘଟଣାସ୍ଥଳରେ ପୁଲିସ ଏବଂ ଏନଆଇଏ ଅଧିକାରୀ ପହଞ୍ଚିଛନ୍ତି। ଏହି ମାମଲାରେ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଛାନଭିନ କରୁଛି। ମଙ୍ଗଳବାରଠାରୁ କାର୍ ଏଠାରେ ଥିଲା ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି।

## ବନ୍ଧୁତା: ଡାକ୍ତରରୁ ଆତଙ୍କବାଦୀ

କଶ୍ମୀରର ପୁଲୱାମା ଜିଲ୍ଲା କୋଇଲ ଗ୍ରାମର ଦୁଇ ଯୁବକ ଡ. ମୁଜାମିଲ ଏବଂ ଡ. ଉମର ନବି ଏକାଠି ପଢ଼ି ଡାକ୍ତର ହୋଇଥିଲେ। ପରେ ଉଭୟରେ ହିଂସାର ମାର୍ଗକୁ ଆପଣାଇ ଆତଙ୍କବାଦୀ ପାଲଟି ଯାଇଥିଲେ। ଉଭୟଙ୍କ ଘର ମଧ୍ୟରେ ଦୂରତା କେବଳ ୮୦୦ ମିଟର। ଏହି ଚରମପନ୍ଥୀ କାର୍ଯ୍ୟ ପାଇଁ ମୁଜାମିଲକୁ ଗିରଫ ହୋଇଛି। ବିସ୍ଫୋରଣରେ ଉମର ପ୍ରାଣ ହରାଇଥିବା କୁହାଯାଉଛି। ଏବେ ଗାଁରେ ଉମରଙ୍କ ପରିବାର ଶୋକରେ ବୁଡି ରହିଛି। ଶେଷ ଥର ପାଇଁ ଗତ ଶୁକ୍ରବାର ଉମର ପରିବାର ଲୋକଙ୍କ ସହ କଥା ହୋଇଥିଲା। ଆଜି ଉମର ପାଇଁ ଆମେ ଲଜ୍ଜିତ ବୋଲି ଗ୍ରାମବାସୀ କହୁଛନ୍ତି। ଏହି ବିସ୍ଫୋରଣ ମାମଲାର ୮ ଜଣ ଗିରଫ ହେଲେଣି। ଏମାନଙ୍କ ମଧ୍ୟରୁ ୭ ଜଣ କଶ୍ମୀରର ବାସିନ୍ଦା। ସେମାନେ ହେଲେ ନୌଗାମର ଆରିଫ ନିସାର ଡାର ଓରଫ ସାହିଲ, ୟାସିର-ଉଲ-ଅସରଫ, ମକସୁଦ ଅହମ୍ମଦ ଡାର ଓରଫ ସାହିଦ, ସୋପିଆନର ମୌଲବୀ ଇର୍ଫାନ ଅହମ୍ମଦ, ଗାନ୍ଦେରବାଲର ଜମିର ଅହମ୍ମଦ ଅହଙ୍ଗର ଓରଫ ମୁତାଲିସ, ପୁଲୱାମାର ଡ. ମୁଜାମିଲ ଅହମ୍ମଦ ଗନି ଓରଫ ମୌସବୀ ଏବଂ କୁଲଗାମର ଡ. ଆଦିଲ। ସେହିପରି ଲକ୍ଷ୍ନୌର ସାହିନ ସୈୟିଦ ସାମିଲ ରହିଛି।

## ଅଷ୍ଟ୍ରେଲିଆ ଯିବାକୁ ଚାହୁଁଥିଲା ଡ. ସାହିନ୍

ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ଡ. ସାହିନ ଆହ୍ଲାବାଦ ମେଡିକାଲ କଲେଜରୁ ଏମବିବିଏସ କରିବା ପରେ କାନପୁର ମେଡିକାଲ କଲେଜରେ ସହାୟକ ପ୍ରାଧ୍ୟାପିକା ଥିଲା। ୨୦୨୧ରେ ସେ ସେଠାରୁ ଗାଏବ ହୋଇ ମୁଜାମିଲ ସମ୍ପର୍କରେ ଆସିଥିଲା। ପରେ ପାକିସ୍ତାନୀ ଆତଙ୍କବାଦୀଙ୍କ ନିର୍ଦ୍ଦେଶରେ ମହିଳାଙ୍କୁ ଚରମପନ୍ଥୀ କାର୍ଯ୍ୟକଳାପରେ ସାମିଲ କରୁଥିଲା। ସେ ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ଜୁନିଅର ଡାକ୍ତରଙ୍କ ବ୍ରେନ ୱାସ୍ କରୁଥିଲା। ଏହି ବିଶ୍ୱବିଦ୍ୟାଳୟ ବ୍ରେନ୍ ୱାସର କେନ୍ଦ୍ର ପାଲଟି ଯାଇଥିଲା। ୪୫ ବର୍ଷୀୟା ସାହିନ ୩୬ ବର୍ଷୀୟ ଡ. ମୁଜାମିଲକୁ ପ୍ରେମ କରୁଥିଲା। ଉଭୟେ ପ୍ରାୟତଃ ସବୁବେଳେ ଏକାଠି ଭୋଜନ କରୁଥିଲେ। ସେହିପରି ସାହିନର ପୂର୍ବତନ ସ୍ୱାମୀ ଡ. ହୟାତ ଜାଫର ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମେ ସାହିନ ଚରମପନ୍ଥୀ ନ ଥିଲା। ସେ ଉଦାରବାଦୀ ଥିଲା। ଦୁଇ ପିଲା ଏବଂ ପରିବାର ସହ ସେ ଅଷ୍ଟ୍ରେଲିଆ କିମ୍ବା ୟୁରୋପରେ ଯାଇ ରହିବାକୁ ଚାହୁଁଥିଲା। କିନ୍ତୁ ଦମ୍ପତି ୨୦୧୨ରେ ଅଲଗା ହୋଇ ଯାଇଥିଲେ।

## ଷଡ଼ଯନ୍ତ୍ରର ପ୍ରମୁଖ କେନ୍ଦ୍ର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ

ଦିଲ୍ଲୀ ବିସ୍ଫୋରଣରେ ସାମ୍‌ନାକୁ ଆସିଥିବା ଅଭିଯୁକ୍ତଙ୍କ ସମ୍ବନ୍ଧ ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟି ସହ ରହିଛି। ଏ ପର୍ଯ୍ୟନ୍ତ ମାମଲାରେ ୭ ଡାକ୍ତରଙ୍କ ନାମ ସାମ୍‌ନାକୁ ଆସିଲାଣି। ପରସ୍ପର ସହ ଏମାନଙ୍କର କୌଣସି ନା କୌଣସି ସମ୍ବନ୍ଧ ଥିବା ଜଣାପଡ଼ିଛି। ବିସ୍ଫୋରଣ ଦିନ କାର୍ ଚଳାଉଥିବା ଡ. ଉମର ଉନ ନବି ପ୍ରାଣ ହରାଇଥିବା କୁହାଯାଉଛି। ସେହିପରି ଏ ପର୍ଯ୍ୟନ୍ତ ଏହି ମାମଲାରେ ୬ ଡାକ୍ତରଙ୍କୁ ଗିରଫ କରାଗଲାଣି। ଜଣେ ଏବେ ବି ଫେରାର ରହିଛି। ଏପରି ସମୟରେ ଅଲ-ଫଲାହ ୟୁନିଭର୍ସିଟିର ଚାନ୍‌ସେଲର ମଧ୍ୟପ୍ରଦେଶରୁ ଦିଲ୍ଲୀ ଯାଇଥିବା ଜଣାପଡ଼ିଛି। ସେ ହିଁ ଏହି କଲେଜ ଖୋଲିଥିଲା ଏବଂ ନିଜେ ଚାନ୍‌ସେଲର ହୋଇଥିଲା।

ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲ୍ ପର୍ଦ୍ଦାଫାସ୍ ହେବା ପରେ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ସୁରକ୍ଷା ଏଜେନ୍ସିଙ୍କ ରାଡାରରେ ରହିଛି। ବିଶ୍ୱବିଦ୍ୟାଳୟ ସହ ଜଡିତ ତିନି ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପୂର୍ବରୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ବିପୁଳ ପରିମାଣରେ ବିସ୍ଫୋରକ ଜବତ କରାଯାଇଛି। ଆଜି ଏନଆଇଏ ଅଧିକାରୀ ଏହି ବିଶ୍ୱବିଦ୍ୟାଳୟକୁ ଯାଇ ଯାଞ୍ଚ କରିଛନ୍ତି। ଦିଲ୍ଲୀ କାର୍ ବୋମା ବିସ୍ଫୋରଣର ସମସ୍ତ ଷଡ଼ଯନ୍ତ୍ର ଫରିଦାବାଦର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ୧୭ ନମ୍ବର ବିଲ୍ଡିଂର ୧୩ ନମ୍ବର ରୁମ୍‌ରେ କରା ଯାଇଥିଲା। ୧୭ ନମ୍ବର ବିଲ୍ଡିଂର ତୃତୀୟ ମହଲାରେ ଥିବା ଏହି ରୁମ୍ ଡାକ୍ତର ମୁଜାମିଲ ନାମରେ ଆବଣ୍ଟିତ ହୋଇଥିଲା। କିନ୍ତୁ ଏହି ରୁମ୍‌ରେ ଉମର ରହୁଥିଲା। ଉମରକୁ ପାଖରେ ଏକ କୋଠରୀ ଦିଆଯାଇଥିଲେ ବି ସେ ନିଜ ରୁମ୍‌ରେ ରହୁ ନ ଥିଲା। ଜମ୍ମୁ-କଶ୍ମୀର ପୁଲିସ, ହରିୟାଣା ପୁଲିସ ଏବଂ ଏନଆଇଏ ଏ ସମ୍ପର୍କରେ ପୁନର୍ବାର ବିଶ୍ୱବିଦ୍ୟାଳୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ପଚରାଉଚରା କରିଛି। ବାହାରୁ ତାଲା ପଡ଼ିଥିବାରୁ ଏଟିଏସ ତୃତୀୟ ମହଲାରେ ଥିବା ଡାକ୍ତର ମୁଜାମିଲ ଏବଂ ଉମର ରୁମ୍‌ର କବାଟ ଭାଙ୍ଗି ତଲାସୀ ନେଇଥିଲା। ଏହି ଟିମ୍ ଦୁଇ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଯାଞ୍ଚ କରିଥିଲା। ଏଠାରୁ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି।




## ବ୍ରେନୱାସ କରୁଥିଲା ମୌଲବୀ ଇର୍ଫାନ



ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର୍ ବୋମା ବିସ୍ଫୋରଣର ଲିଙ୍କ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ସହ ରହିଥିବା କୁହାଯାଉଛି। ଭାରତରେ ଆତଙ୍କବାଦୀ ଆକ୍ରମଣ ପାଇଁ ତିନିରୁ ଚାରି ମାସ ହେଲା ଏଠାରେ ଷଡ଼ଯନ୍ତ୍ର କରାଯାଉଥିଲା। ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଏବଂ ଲସ୍କର-ଇ-ତୋଏବା ଏଥିରେ ସାମିଲ ଥିଲା। ପିଓକେରେ ଆତଙ୍କବାଦୀଙ୍କୁ ଇଣ୍ଟରସେପ୍ଟ କରି ସୁରକ୍ଷା ଏଜେନ୍ସି ଏହା ଜାଣିବାକୁ ପାଇଛି। ସୁରକ୍ଷା ଏଜେନ୍ସିଗୁଡିକର ସୂଚନା ଅନୁଯାୟୀ, ଜେଇଏମର ମହିଳା ଶାଖା ଅକ୍ଟୋବର ମାସରୁ ଭାରତରେ ସକ୍ରିୟ ଥିଲା। ଯୁବତୀମାନଙ୍କୁ ବ୍ରେନ ୱାସ କରିବା ସେମାନଙ୍କର ଲକ୍ଷ୍ୟ ଥିଲା। ଫରିଦାବାଦରେ ଗିରଫ ହୋଇଥିବା ତିନି ଜଣ ଡାକ୍ତର ଏହି ମଡ୍ୟୁଲୋର ଅଂଶ ଥିଲେ।

ଦିଲ୍ଲୀ ବିସ୍ଫୋରଣର ଷଡ଼ଯନ୍ତ୍ର କଶ୍ମୀରର ନୌଗାମରୁ ଆରମ୍ଭ ହୋଇଥିଲା। ମାମଲାର ତଦନ୍ତ ସମୟରେ ପୁଲିସ ମୌଲବୀ ଇର୍ଫାନ ଅହମ୍ମଦ ପାଖରେ ପହଞ୍ଚିଥିଲା। ସେ ହିଁ ଡାକ୍ତରମାନଙ୍କ ବ୍ରେନ୍ ୱାସ୍ କରିଥିଲା। ଡାକ୍ତରଙ୍କୁ ବିସ୍ଫୋରଣ ପାଇଁ ସେ ଉସୁକାଇ ଥିଲା। ଶ୍ରୀନଗରର ସରକାରୀ ମେଡିକାଲ କଲେଜରେ କାମ କରୁଥିବାବେଳେ ସେ ସବୁ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗରେ ଥିଲା। ଇର୍ଫାନ ନୌଗାମ ମସ୍‌ଜିଦର ଇମାମ ମଧ୍ୟ ଥିଲା। ସେ ଜେଇଏମ ଦ୍ୱାରା ପ୍ରଭାବିତ ହୋଇଥିଲା। ସେ ଛାତ୍ରଛାତ୍ରୀଙ୍କୁ ଚରମପନ୍ଥୀଙ୍କ ଭିଡିଓ ଦେଖାଉ ଥିଲା। ଆଫଗାନିସ୍ତାନ ସହ ଇର୍ଫାନର ଲିଙ୍କ ଥିଲା। ଭଏସ ଓଭର ଇଣ୍ଟରନେଟ ପ୍ରୋଟୋକଲରେ ସେ ଅନ୍ୟ ଆତଙ୍କବାଦୀଙ୍କସହ କଥା ହେଉଥିଲା। ଇର୍ଫାନ ଏହି ମଡ୍ୟୁଲୋର ମାଷ୍ଟରମାଇଣ୍ଡ ଥିଲା। ଡ. ମୁଜାମିଲ ଏବଂ ଉମରକୁ ତାକୁ କାମରେ ସହାୟତା କରୁଥିଲେ। ସାହିନ କେବଳ ଦୁଇ ଥର ସହାୟତା କରିଥିଲା। ଟେଲିଗ୍ରାମ ଏବଂ ଥ୍ରିମାରେ ଇର୍ଫାନର ଆକାଉଣ୍ଟ ଥିଲା। ସେ ଏହା ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିଲା। ଏଥିପାଇଁ ତାକୁ ପାକିସ୍ତାନରୁ ପାଣ୍ଠି ମିଳୁଥିଲା।

ସୂତ୍ରରୁ ଜଣାପଡ଼ିଛି ଯେ ଅଗଷ୍ଟ ଏବଂ ଅକ୍ଟୋବର ମଧ୍ୟରେ ପିଓକେରେ ବିଭିନ୍ନ ଆତଙ୍କବାଦୀ ଗୋଷ୍ଠୀର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜମାତ-ଇ-ଇସଲାମି ଏବଂ ଆଇଏସଆଇର ବରିଷ୍ଠ ଅଧିକାରୀ ସାମିଲ ହୋଇ ପୁରୁଣା ନେଟୱର୍କକୁ ସକ୍ରିୟ କରିବା ପାଇଁ କହିଥିଲେ।

## କଳା ସାମ୍ରାଜ୍ୟର କଳାକାର



ଦିଲ୍ଲୀ ବିସ୍ଫୋରଣ ଚେର ମଧ୍ୟପ୍ରଦେଶ ମହୁ ପର୍ଯ୍ୟନ୍ତ ଲମ୍ବି ଯାଇଛି। ମୁଖ୍ୟ ଅଭିଯୁକ୍ତ ଡ. ଓମର ନବି ଫରିଦାବାଦର ଯେଉଁ ବିଶ୍ୱବିଦ୍ୟାଳୟରେ ପଢୁଥିଲା ତାହାର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକ ମଧ୍ୟପ୍ରଦେଶ ମହୁର ମୂଳ ବାସିନ୍ଦା। ଯାଞ୍ଚରୁ ଜଣାପଡ଼ିଛି ଯେ ଜବାଦ ପ୍ରଥମେ ଅଲ-ଫଲାହ ନାମରେ ଏକ ନିବେଶ କମ୍ପାନୀ ଖୋଲିଥିଲା। ସେ ଏହା ମାଧ୍ୟମରେ ଅଧିକ ଲାଭର ଲୋଭ ଦେଖାଇ ଲୋକଙ୍କୁ ଠକିଥିଲା। ପରେ ୨୦୦୧ରେ ଆର୍ଥିକ ଠକେଇରେ ଫସିବାରୁ ପରିବାର ସହିତ ଦିଲ୍ଲୀ ପଳାଇ ଆସିଥିଲା। ଫରିଦାବାଦରେ ଏକ ମହାବିଦ୍ୟାଳୟ (କଲେଜ) ଖୋଲିଥିଲା। ପରେ ଏହାକୁ ବିଶ୍ୱବିଦ୍ୟାଳୟରେ ପରିଣତ କରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିଲା। ମହୁର ଅତିରିକ୍ତ ଏସ୍‌ପି ରୁପେଶ ଦ୍ୱିବେଦୀ କହିଛନ୍ତି ଯେ ଜବାଦ ଏବଂ ତା ପରିବାରର ପୁରୁଣା ରେକର୍ଡ ଯାଞ୍ଚ କରାଯାଉଛି। ସେ ପ୍ରାୟ ୨୫ ବର୍ଷ ତଳେ ମହୁର କାୟସ୍ଥ ଅଞ୍ଚଳରେ ରହୁଥିଲା। ତାର ଦୁଇ ଭାଇ ଏଠାରେ ପଢିଛନ୍ତି। ବାପା ମହମ୍ମଦ ହମାଦ ସିଦ୍ଦିକି ମହୁ ସହରରେ କାଜି ଅଛନ୍ତି। ଜବାଦର ସାବତ ଭାଇ ଅଫାମ ହତ୍ୟା ମାମଲାରେ ଜେଲ୍ ଯାଇଛି। ମହୁ ସ୍ଥିତ ଘରେ ତା ପରିବାରର କୌଣସି ସଦସ୍ୟ ରହୁନାହାନ୍ତି। ମୁଖ୍ୟ ଫାଟକରେ ତାଲା ଲାଗିଛି। ସାମାଜିକ ଗଣମାଧ୍ୟମରୁ ଜବାଦ ବିଷୟରେ ସୂଚନା ମିଳିଥିଲା। ଏବେ ତାହାର ତଦନ୍ତ ଜାରି ରହିଛି।

## ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ 'ସ୍ପେଶିଆଲ ୧୦'

ଏନଆଇଏ ବିସ୍ଫୋରଣର ତଦନ୍ତ ପାଇଁ 'ସ୍ପେଶିଆଲ ୧୦' ଅଧିକାରୀଙ୍କ ଏକ ଦଳ ଗଠନ କରିଛି। ଏଥିରେ ଜଣେ ଆଇଜି, ଦୁଇ ଜଣ ଡିଆଇଜି ଏବଂ ତିନି ଜଣ ଏସପି ସାମିଲ ଅଛନ୍ତି। ଅନ୍ୟମାନେ ଡିଏସ୍‌ପି ସ୍ତରୀୟ ଅଧିକାରୀ ଏହି ଦଳରେ ସାମିଲ ରହିଛନ୍ତି। ଏନଆଇଏ ଡିଜି ଏବଂ ଆଇବି ମୁଖ୍ୟ ମଧ୍ୟ ବୁଧବାର ଦିଲ୍ଲୀ ବିସ୍ଫୋରଣ ସମ୍ପର୍କରେ ଏକ ବୈଠକ କରିଥିଲେ ବୋଲି ଜଣାଯାଇଛି। ଏନଆଇଏ ଟିମ୍ ଆଜି ଜମ୍ମୁ-କାଶ୍ମୀର, ଦିଲ୍ଲୀ ଏବଂ ହରିୟାଣା ପୁଲିସଠାରୁ ଜୈସ ମଡ୍ୟୁଲୋ ସମ୍ବନ୍ଧିତ ସମସ୍ତ ମାମଲାର ପ୍ରମାଣପତ୍ର ନିଜ ହାତକୁ ନେଇପାରେ। ଏନ୍‌ଆଇଏ ଡିଜି ବିଜୟ ସାଖରେ ଏହି ଟିମ୍‌ର ନେତୃତ୍ୱ ନେଉଛନ୍ତି। ୧୯୯୬ ବ୍ୟାଚ୍‌ର ଏହି କେରଳ କ୍ୟାଡର ଅଧିକାରୀ ପୂର୍ବରୁ ଏନଆଇଏର ଆଇଜି ଥିଲେ। ଗତ ସେପ୍ଟେମ୍ବରରେ ସେ ଡିଜି ଭାବେ ଦାୟିତ୍ୱଗ୍ରହଣ କରିଥିଲେ।

## ପୀଡ଼ିତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ଭୁଟାନ ଗସ୍ତରୁ ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଭେଟିଛନ୍ତି। ସେ ଏଲଏନଜେପି ହସ୍ପିଟାଲକୁ ଯାଇ ଆହତମାନଙ୍କ ସହ କଥା ହୋଇଛନ୍ତି ଏବଂ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୋଦୀ ଡାକ୍ତରଙ୍କ ସହ କଥା ହୋଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଛନ୍ତି। ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ସମସ୍ତଙ୍କୁ ନ୍ୟାୟର କାଠଗଡ଼ାକୁ ଟଣାଯିବ ବୋଲି ମୋଦୀ କହିଛନ୍ତି।

## ଅନେକ ଅସମାହିତ ପ୍ରଶ୍ନ

ଲାଲକିଲ୍ଲା ବିସ୍ଫୋରଣର ତଦନ୍ତରୁ ଏ ପର୍ଯ୍ୟନ୍ତ ୪୨ରୁ ଅଧିକ ପ୍ରମାଣ ମିଳିଲାଣି। ଘଟଣାସ୍ଥଳରୁ ପ୍ରାୟ ୪୦ ନମୁନା ସଂଗ୍ରହ କରାଗଲାଣି। ତଥାପି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି ଯାଞ୍ଚ ଏଜେନ୍ସି। ଏଗୁଡ଼ିକ ମଧ୍ୟରେ ୨୬/୧୧ ତାରିଖରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା କି? ଏହି ବିସ୍ଫୋରଣର ମାଷ୍ଟରମାଇଣ୍ଡ କିଏ? ବିସ୍ଫୋରଣ ପଛରେ ବିଦେଶୀ ଶକ୍ତିର ହାତ ଅଛି କି? ସମ୍ପୂର୍ଣ୍ଣ ମଡ୍ୟୁଲୋ ଏବଂ ନେଟୱାର୍କ କେମିତି ପ୍ରସ୍ତୁତ ହୋଇଥିଲା? ଅଲ-ଫଲାହ ୟୁନିଭର୍ସିଟି ଷଡ଼ଯନ୍ତ୍ରର କେନ୍ଦ୍ର କେମିତି ପାଲଟି ଥିଲା? ଏତେ ବିସ୍ଫୋରକ ସଂଗ୍ରହ କରିବାର ପ୍ରକୃତ କାରଣ କ'ଣ ଥିଲା? ଏହି ଷଡ଼ଯନ୍ତ୍ର ବିଷୟରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଜାଣିପାରିଲେ ନାହିଁ କେମିତି? ବିସ୍ଫୋରଣ ପୂର୍ବରୁ ତିନି ଘଣ୍ଟା ପର୍ଯ୍ୟନ୍ତ ଡ. ଉମର କାହିଁକି କାର୍‌ରେ ବସି ରହିଥିଲା? ସେ କାହାର ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିଲା କି? ନିର୍ଦ୍ଦେଶ ମିଳିବା ପରେ ବିସ୍ଫୋରଣ କରିଥିଲା କି? ଏହି କାର୍‌ରେ ବସିଥିବା ଅନ୍ୟ ଯାତ୍ରୀମାନେ କିଏ? ଏଭଳି ଅନେକ ପ୍ରଶ୍ନ ଉଙ୍କି ମାରୁଛି।

## ଜମ୍ମୁ-କଶ୍ମୀରରୁ ବରଖାସ୍ତ; ଅଲ-ଫଲାହରେ ନିଯୁକ୍ତି

ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରର ପ୍ରମୁଖ କେନ୍ଦ୍ର ପାଲଟି ଥିବା ଅଲ-ଫଲାହ ବିଶ୍ୱବିଦ୍ୟାଳୟର ଗୋଟିଏ ପରେ ଗୋଟିଏ କଳାକାରନାମା ସାମ୍‌ନାକୁ ଆସିବାରେ ଲାଗିଛି। ଯାଞ୍ଚ ଏଜେନ୍ସି ରାଡାରରେ ଥିବା ଏହି ବିଶ୍ୱବିଦ୍ୟାଳୟର ଜଣେ ପ୍ରାଧ୍ୟାପକ ଏବେ ଫେରାର ରହିଛି। ତାଙ୍କ ନାମ ଡ. ନାସିର-ଉଲ-ହାସନ। ପୂର୍ବରୁ ମଧ୍ୟ ସେ ବିବାଦରେ ଥିଲେ। ଆତଙ୍କବାଦୀ ସଂଗଠନ ସହ ଲିଙ୍କ୍ ଯୋଗୁଁ ଜମ୍ମ-କଶ୍ମୀର ସରକାର ତାକୁ ୨୦୨୩ରେ ବରଖାସ୍ତ କରି ଦେଇଥିଲେ। କିନ୍ତୁ ଏହି ପ୍ରାଧ୍ୟାପକକୁ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ନିଯୁକ୍ତି ଦେଇଥିଲା। ସେ ମେଡିସନ ବିଭାଗର ପ୍ରାଧ୍ୟାପକ ପାଲଟି ଥିଲା। ସେ ଏଠାରେ ଡାକ୍ତରମାନଙ୍କ ମାଇଣ୍ଡ ୱାସ୍ କରୁଥିବା କୁହାଯାଉଛି।

## ପାକିସ୍ତାନ ଛାଡ଼ିବେ ଶ୍ରୀଲଙ୍କା ଖେଳାଳି

କଲମ୍ବୋ, ୧୨।୧୧(ଏଜେନ୍ସି): ପାକିସ୍ତାନରେ ବୋମା ବିସ୍ଫୋରଣ ପରେ ଘରୋଇ ଦଳ ସହ ଦିନିକିଆ ସିରିଜ୍ ଖେଳୁଥିବା ଶ୍ରୀଲଙ୍କାର କ୍ରିକେଟ ଖେଳାଳିମାନେ ଜୀବନ ଭୟରେ ସ୍ୱଦେଶ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ୬ଜଣ ଖେଳାଳି ତୁରନ୍ତ ପାକିସ୍ତାନ ଛାଡ଼ିବାକୁ ଶ୍ରୀଲଙ୍କା କ୍ରିକେଟ ସଂଘକୁ ନିବେଦନ କରିଛନ୍ତି। ଗତକାଲି ପାକିସ୍ତାନର ରାୱଲପିଣ୍ଡିରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୨ ଜଣ ମୃତ୍ୟୁବରଣ କରିଥିଲେ ଓ ୨୭ ଜଣ ଆହତ ହୋଇଥିଲେ। ଏହା ସତ୍ତ୍ୱେ ରାୱଲପିଣ୍ଡିରେ ପ୍ରଥମ ଦିନିକିଆ ଆୟୋଜିତ ହୋଇଥିଲା ଓ ପାକିସ୍ତାନ ଏହାକୁ ୬ ରନ୍‌ରେ ଜିତିଥିଲା। କିନ୍ତୁ ଆଜି ଖେଳାଳିମାନେ ସ୍ୱଦେଶ ଫେରିଯିବାକୁ କହିବା ପରେ ଶ୍ରୀଲଙ୍କା କ୍ରିକେଟର ସଭାପତି ସାମି ସିଲ୍‌ଭା କିଛି ନିଷ୍ପତ୍ତି ନେଇପାରି ନାହାନ୍ତି। ସେମାନଙ୍କ ବଦଳରେ ନୂଆ ଖେଳାଳିଙ୍କୁ ପାକିସ୍ତାନ ପଠାଯିବ ବୋଲି ଶ୍ରୀଲଙ୍କା କ୍ରିକେଟ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ଆୟୋଜନ ନେଇ ସନ୍ଦେହ ପ୍ରକାଶ ପାଇଛି।

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

## ହିନ୍ଦୀ କହିବାକୁ ବାଧ୍ୟ କରିପାରିବେନି

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଦିଲ୍ଲୀରେ କେରଳର ଦୁଇ ଛାତ୍ରଙ୍କୁ ମାଡ଼ ମାରିବା ଉପରେ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। କୋର୍ଟ ଏହାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ ସଞ୍ଜୟ କୁମାର ଏବଂ ଜଷ୍ଟିସ ଆଲୋକ ଅରାଧେଙ୍କ ଖଣ୍ଡପୀଠ କହିଛନ୍ତି ଯେ ଆମେ ଗୋଟିଏ ଦେଶର ବାସିନ୍ଦା। ହିନ୍ଦୀ କହିବାକୁ କାହାରିକୁ ବାଧ୍ୟ କରାଯାଇପାରିବ ନାହିଁ। ଲୁଙ୍ଗିର ଉପହାସ ଉଡ଼ାଇବାକୁ ବରଦାସ୍ତ କରାଯିବ ନାହିଁ। ଏଭଳି ସାଂସ୍କୃତିକ ଏବଂ ଜାତିଗତ ଭେଦଭାବ ମାମଲାକୁ ନେଇ କେନ୍ଦ୍ର ସରକାର ଗମ୍ଭୀର ହେବା ଉଚିତ। ଦେଶରେ ସାଂସ୍କୃତିକ ଏବଂ ଜାତିଗତ ଭେଦଭାବକୁ ନେଇ ଲୋକଙ୍କୁ ନିଶାଣ କରିବା ଅତ୍ୟନ୍ତ ଦୁଃଖର ବିଷୟ। ଆମ ଦେଶରେ ଲୋକେ ବିଭିନ୍ନତାରେ ଏକତାର ସହ ରହୁଛନ୍ତି। ଏଭଳି ମାମଲା ଉପରେ ସରକାର ଦୃଷ୍ଟିଦେବା ଉଚିତ। ଖଣ୍ଡପୀଠ ଏହି ଟିପ୍ପଣୀ ଦେବା ସମୟରେ ଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କ ସହ ହୋଇଥିବା ଘଟଣା ବିଷୟରେ ଉଲ୍ଲେଖ କରିଥିଲେ। ଏଥିରେ ଜଣେ ଛାତ୍ରଙ୍କୁ ହିନ୍ଦୀ କହିବାକୁ ବାଧ୍ୟ କରାଯାଇଥିଲା। ଲୁଙ୍ଗି ପିନ୍ଧିଥିବାରୁ ଛାତ୍ରଙ୍କୁ ଉପହାସ କରାଯାଇଥିଲା। ଲାଲକିଲ୍ଲା ନିକଟରେ ଏଭଳି ହୋଇଥିଲା। ଉଭୟ ଛାତ୍ର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜାକିର ହୁସୈନ କଲେଜର ପ୍ରଥମ ବର୍ଷର ଛାତ୍ର ଥିଲେ। ଉଭୟଙ୍କୁ ପୁଲିସ ଏବଂ ସ୍ଥାନୀୟ ଲୋକ ବାଡ଼େଇ ଥିଲେ।

ସୁପ୍ରିମକୋର୍ଟ ୨୦୧୫ର ଏକ ଆବେଦନ ଉପରେ ମଙ୍ଗଳବାର ଶୁଣାଣି କରିଥିଲେ। ଦିଲ୍ଲୀରେ ଅରୁଣାଚଳ ପ୍ରଦେଶର ଛାତ୍ର ନିଡୋ ତାନିଆଙ୍କ ମୃତ୍ୟୁ ପରେ ଏହି ଆବେଦନ ଦାଏର କରାଯାଇଥିଲା। ସେତେବେଳେ କେନ୍ଦ୍ରକୁ ଏକ କମିଟି ଗଠନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜାତିଗତ ଆକ୍ଷେପ, ଅତ୍ୟାଚାର ଏବଂ ହିଂସା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୋର୍ଟ ଏହି କମିଟିକୁ ଅଧିକାର ଦେଇଥିଲେ। ଏହା ସହିତ ଏଭଳି ମାମଲା ରୋକିବା ପାଇଁ ଉପାୟ ସୁପାରିସ କରିବାକୁ କହିଥିଲେ।

## କଙ୍ଗନାଙ୍କ ବିରୋଧରେ ଚାଲିବ ଦେଶଦ୍ରୋହ ମାମଲା

ଆଗ୍ରା, ୧୨।୧୧ (ଏଜେନ୍ସି): ଆଗ୍ରାରେ ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ଉପରେ ଚାଷୀଙ୍କୁ ଅପମାନିତ ଏବଂ ଦେଶଦ୍ରୋହ ମାମଲା ଚାଲିବ। କଙ୍ଗନାଙ୍କ ବିରୋଧରେ ଦାଏର ସମୀକ୍ଷା ଆବେଦନକୁ ସ୍ୱୀକାର କରି ଏମପି/ଏମଏଲଏ କୋର୍ଟର ବିଚାରପତି ଲୋକେଶ କୁମାର ଏଥିପାଇଁ ଅନୁମତି ଦେଇଛନ୍ତି। ଯେଉଁ ନିମ୍ନ କୋର୍ଟ କଙ୍ଗନାଙ୍କ ମାମଲାକୁ ଖାରଜ କରିଥିଲେ, ସେହି କୋର୍ଟରେ ଏହାର ଶୁଣାଣି ହେବ। ଏହା ପୂର୍ବରୁ ଗତ ୧୦ ତାରିଖରେ କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣି ରାୟକୁ ସଂରକ୍ଷିତ ରଖିଥିଲେ। ଏବେ କଙ୍ଗନାଙ୍କ ବିରୋଧରେ ବିଏନଏସର ଧାରା ୩୫୬ ଏବଂ ୧୫୨ ଅଧିନରେ ମାମଲା ଚାଲିବ।

## ହସ୍ପିଟାଲରୁ ଛାଡ଼ ପାଇଲେ ଧର୍ମେନ୍ଦ୍ର, ଗୋବିନ୍ଦା

ମୁମ୍ବଇ, ୧୨।୧୧ (ଏଜେନ୍ସି): ଅଭିନେତା ଧର୍ମେନ୍ଦ୍ର ଏବଂ ଗୋବିନ୍ଦାଙ୍କୁ ସୋମବାର ସକାଳେ ହସ୍ପିଟାଲରୁ ଘରକୁ ପଠାଇ ଦିଆଯାଇଛି। ଧର୍ମେନ୍ଦ୍ର ମୁମ୍ବଇର ବ୍ରିଚ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେ ଘରେ ତାଙ୍କ ଚିକିତ୍ସା କରାଇବାକୁ ପରିବାର ସଦସ୍ୟ ନିଷ୍ପତ୍ତି ନେଇଛନ୍ତି। ଧର୍ମେନ୍ଦ୍ରଙ୍କ ଡାକ୍ତର ପ୍ରତୀତ ସମଦାନି ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘରେ ଚେତା ହରାଇବା ପରେ ମଙ୍ଗଳବାର ରାତିରେ ମୁମ୍ବଇର କ୍ରିଟିକେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସକାଳେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ବେଶୀ ବ୍ୟାୟାମ କରିଥିବାରୁ ଏପରି ହେଲା ବୋଲି ଗୋବିନ୍ଦା ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି।

# ଓଠ ଚାରିପଟେ କଳାଦାଗ

ଓଠ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ହେଲେ ଅନେକ ସମୟରେ ଓଠ ଚାରିପଟେ କଳାଦାଗ ପଡ଼ି ମୁହଁ ଅସୁନ୍ଦର ଦେଖାଯାଏ । ଏହି ସମସ୍ୟା ବିଶେଷ କରି ମହିଳା ଓ ଯୁବତୀଙ୍କ ଠାରେ ଦେଖିବାକୁ ମିଳିଥାଏ । କିନ୍ତୁ କିଛି ଘରୋଇ ଉପାୟ ତଥା ଠିକ୍ ଦେଖାଶୁଣା କଲେ ଏହି ସମସ୍ୟା ଦୂର ହୋଇପାରିବ ।



### ଲେମ୍ବୁ ଓ ମହୁ

ଲେମ୍ବୁ ଓ ମହୁ ମିଶାଇ ଲଗାଇଲେ ଏହି ଦାଗ ସମସ୍ୟା ଦୂର ହୋଇଥାଏ । ଲେମ୍ବୁରେ ପ୍ରାକୃତିକ ବ୍ଲିଚିଂଗୁଣ ରହିଥାଏ । ସେହିପରି ମହୁ ତ୍ୱଚାକୁ ମଏଶ୍ଚରାଇଜ୍ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ପ୍ରତିଦିନ ରାତିରେ ଲେମ୍ବୁରସରେ ମହୁ ମିଶାଇ ଓଠର ଚାରିକଡ଼େ ଲଗାଇପାରିବେ । ଏହାକୁ ୧୫-୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏପରି କଲେ ଧୀରେ ଧୀରେ କଳାଦାଗ ଦୂର ହୋଇଥାଏ ।



### ଘିକୁଆଁରୀ

ଘିକୁଆଁରୀ ଜେଲ୍ ତ୍ୱଚାକୁ ଆର୍ଦ୍ର ଓ ଥଣ୍ଡା ରଖିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ରହିଥାଏ । ତେଣୁ ଏହା ବ୍ୟବହାର କରିବା ଦ୍ୱାରା ତ୍ୱଚା ପୂର୍ନଗଠିତ ହୋଇଥାଏ । ସତେଜ ଘିକୁଆଁରୀକୁ ଓଠ ଚାରିପଟେ ଲଗାଇ ହାଲୁକା ହାତରେ ମସାଜ୍ କରନ୍ତୁ । ଏହାକୁ ରାତିରେ ଲଗାଇ ସକାଳେ ଧୋଇ ଦିଅନ୍ତୁ । ଏହାଦ୍ୱାରା ଓଠ କଳାଦାଗ ଦୂର ହୋଇଥାଏ ।

# କପଡ଼ା ବ୍ୟାଗ୍ ମାଧ୍ୟମରେ ପରିବେଶ ସଚେତନତା ବାର୍ତ୍ତା



ପଲିଥିନ୍ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଏହା ବର୍ଷ ବର୍ଷ ଧରି ଭୂମିରେ ପଡ଼ି ରହି ମାଟିର ଉର୍ବରତା ହ୍ରାସ କରିଥାଏ । ଏହାଦ୍ୱାରା ଜଳନିଷ୍କାସନ ବାଧାପ୍ରାପ୍ତ ହେବା ସହ ପରିବେଶ ପ୍ରଦୂଷିତ ହୋଇଥାଏ । ତେଣୁ ପଲିଥିନ୍ ମୁକ୍ତ ପରିବେଶ ପାଇଁ ମଧ୍ୟପ୍ରଦେଶ ବୁର୍‌ହାନ୍‌ପୁର ଜିଲ୍ଲା ଶାହପୁରର ମହିଳାମାନେ ଏକ ନୂତନ ପଦକ୍ଷେପ ହାତକୁ ନେଇଛନ୍ତି । ଏହା ଅନୁଯାୟୀ ମହିଳାମାନେ ସୂତା କପଡ଼ାରେ ଭଳିକି ଭଳି ବ୍ୟାଗ୍ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳରେ ବାଣ୍ଟିବା ସହ ପଲିଥିନ୍ ମୁକ୍ତ ପରିବେଶ ପାଇଁ ସଚେତନତା ବାର୍ତ୍ତା ଦେଉଛନ୍ତି ।

### ପଲିଥିନ୍ ବଦଳରେ କପଡ଼ା

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମିଳିତ ହୋଇ ଏହି ବ୍ୟାଗ୍ ପ୍ରସ୍ତୁତି ପଦକ୍ଷେପ ନେଇଛନ୍ତି । ମହିଳାମାନେ ବିଭିନ୍ନ କପଡ଼ାକୁ ଏକତ୍ର କରି ସେଥିରେ ଛୋଟ ଛୋଟ ବ୍ୟାଗ୍ ତିଆରି କରିଥାନ୍ତି । ଘରୁ ବାହାରକୁ ଗଲେ ଏହି କପଡ଼ା ବ୍ୟାଗ୍ ସାଥିରେ ନେଇ ଯାଇଥାନ୍ତି । ଏଥିସହ ଅନ୍ୟ ଲୋକଙ୍କୁ ବଜାରକୁ ଯିବା ସମୟରେ କପଡ଼ା ବ୍ୟାଗ୍ ନେବାକୁ ପ୍ରୋତ୍ସାହିତ କରିଥାନ୍ତି । ଏହି ପରିବର୍ତ୍ତନ ଦ୍ୱାରା ଦୋକାନୀଙ୍କ ସମେତ ଆଖପାଖ ଗାଁର ଲୋକମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି । ପ୍ଲାଷ୍ଟିକ୍ ପରିବେଶ ପାଇଁ କେତେ କ୍ଷତିକାରକ ସେମାନେ ତାହା ଧୀରେ ଧୀରେ ଅନୁଭବ କରୁଛନ୍ତି । ଶାହପୁରର ଗଳି କନ୍ଦିରେ ପ୍ଲାଷ୍ଟିକ୍ ଛାଡ଼ି କପଡ଼ା ବ୍ୟାଗ୍ ଆପଣାଇବାର ବାର୍ତ୍ତା ଏବେ ଗୁଞ୍ଜରିତ ହେଉଛି ।

### ନିଶୁଳ୍କରେ ଯୋଗାଉଛନ୍ତି ବ୍ୟାଗ୍

ସ୍ୱୟଂ ସହାୟକ ଗୋଷ୍ଠୀର ଗୀତାଞ୍ଜଳୀ ପାଟିଲ୍‌ଙ୍କ କହିବାନୁଯାୟୀ, ସେ ପ୍ରଥମେ ଚାରିଜଣ ମହିଳାଙ୍କୁ ନେଇ ଏହି ଅଭିଯାନ ଆରମ୍ଭ କରିଥିଲେ । ଏବେ ଏଥିରେ ୫୦ ରୁ ଉର୍ଦ୍ଧ୍ୱ ମହିଳା ଯୋଡ଼ି ହୋଇଛନ୍ତି । ମହିଳାମାନେ ନିଜେ ସିଲେଇ କରି ଏହି କପଡ଼ା ବ୍ୟାଗ୍ ପ୍ରସ୍ତୁତ କରିଥାନ୍ତି । ଏହାକୁ ଦୋକାନୀ ସମେତ ଆଖପାଖ ଗାଁ ଗୁଡ଼ିକରେ ବିନା ମୂଲ୍ୟରେ ଲୋକମାନଙ୍କୁ ଯୋଗାଇଥାନ୍ତି । ମହିଳାଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବେଶ ସଂରକ୍ଷଣ କରି ଆଗାମୀ ପିଢ଼ିଙ୍କୁ ସ୍ୱଚ୍ଛ ବାତାବରଣ ପ୍ରଦାନ କରିବା ।

### ଘରୁ ଆରମ୍ଭ ପଦକ୍ଷେପ

ସ୍ଥାନୀୟ ମହିଳାଙ୍କ କହିବାନୁଯାୟୀ ଏହି ପଦକ୍ଷେପ ସେମାନେ ପ୍ରଥମେ ନିଜ ଘରୁ ଆରମ୍ଭ କରିଛନ୍ତି । ଘରୁ କୌଣସି ବ୍ୟକ୍ତି ବାହାରକୁ ଗଲେ ସାଥିରେ କପଡ଼ା ବ୍ୟାଗ୍ ନେଇ ଯାଇଥାନ୍ତି । ଏହାର ପ୍ରଭାବ ଦୋକାନୀଙ୍କ ଉପରେ ମଧ୍ୟ ପଡ଼ିଥାଏ । ଫଳରେ ସେମାନେ ଦୋକାନକୁ ଆସୁଥିବା ଗ୍ରାହକଙ୍କୁ କପଡ଼ା ବ୍ୟାଗ୍ ନେଇ ଆସିବା ପାଇଁ କହିଥାନ୍ତି । ଏହାଦ୍ୱାରା ଗାଁରେ ଏକ ସକାରାତ୍ମକ ବାତାବରଣ ପରିଲକ୍ଷିତ ହୋଇଛି । ଶାହପୁର ଗାଁର ଏହି ନିଆରା ପଦକ୍ଷେପ ସମଗ୍ର ଅଞ୍ଚଳ ପାଇଁ ପ୍ରେରଣା ପାଲଟିଛି । ମହିଳାମାନଙ୍କର ଏହି ପଦକ୍ଷେପ ଆଗାମୀ ଦିନରେ ଏକ ବଡ଼ ସାମାଜିକ ପରିବର୍ତ୍ତନ ଆଣିବାରେ ସହାୟକ ହେବ ।

# ଜେଲ୍ ନେଲ୍‌ପଲିସ୍

ସମୟ ଅନୁସାରେ ବିଭିନ୍ନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଜେଲ୍ ନେଲ୍ ପଲିସର ଲୋକପ୍ରିୟ ରହିଛି । ନେଲ୍ ପଲିସ୍ ନଖର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଏହା ଆଖିକୁ ସୁନ୍ଦର ଦିଶିବା ସହ, ଦୀର୍ଘ ସମୟ ରହିଥାଏ । ସେହିପରି ଏହା ସାଧାରଣ ନେଲ୍‌ପଲିସ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ ।



### ଜେଲ୍ ନେଲ୍ ପଲିସ୍ କ'ଣ ?

ଜେଲ୍ ନେଲ୍ ପଲିସ୍ ସାଧାରଣ ନେଲ୍ ପଲିସ୍ ଭଳି ପବନର ଆବଶ୍ୟକତା କରେ ନାହିଁ । ଏହାକୁ ୟୁଭି ବା ଏଲଇଡି ଲାଇଟ୍‌ରେ ଶୁଖାଯାଇଥାଏ । ଏହାଦ୍ୱାରା ନଖ ସୁପରଗ୍ଲସି, ସ୍ମୁଥ୍ ଓ ସ୍ମଜ୍ ପ୍ରୁଫ୍ ରହିଥାଏ । ଜେଲ୍ ନେଲ୍ ପଲିସ୍‌ର ବିଶେଷତା ହେଉଛି ଏହାର ଦୀର୍ଘସ୍ଥାୟୀ ଗୁଣ । ଏହାକୁ ଠିକ୍ ଭାବେ ଲଗାଇଲେ ଏହା ଦୁଇରୁ ତିନି ସପ୍ତାହ ରହିଥାଏ । ବାରମ୍ବାର ନେଲ୍‌ପଲିସ୍ ଲଗାଇବାକୁ ଚାହୁଁ ନ ଥିବା ମହିଳାଙ୍କ ପାଇଁ ଏହା ବେଶ୍ ଲାଭଦାୟକ ହୋଇଥାଏ ।

### ଜେଲ୍ ନେଲ୍‌ପଲିସ୍ ଲଗାଇବାର ଫାଇଦା

- ଏହି ନେଲ୍‌ପସିଲ୍ ଲଗାଇଲେ ଏହା ୧୫-୨୦ ଦିନ ରହିଥାଏ ।
- ୟୁଭି ଲାଇଟ୍‌ରେ ଶୁଖାଇବା ଦ୍ୱାରା ଏହା ଜଲ୍‌ଦି ଶୁଖିଯାଏ । ତେଣୁ ନେଲ୍‌ପଲିସ୍ ଶୁଖିବା ପାଇଁ ବାରମ୍ବାର ଅପେକ୍ଷା କରିବାକୁ ପଡ଼େନି ।
- ଏହା ନଖକୁ ଏକ ସୁରକ୍ଷା ପରସ୍ତ ଦେଇଥାଏ । ନଖ ଭାଙ୍ଗିବାରୁ ସୁରକ୍ଷା ଦେଇଥାଏ । ଏହା ସୁନ୍ଦର ଓ ଉଜ୍ଜ୍ୱଳ ଦିଶିଥାଏ ।

# ଶରୀର ସୌନ୍ଦର୍ଯ୍ୟ ପାଇଁ ଡାଲି

ସାଧାରଣତଃ ନିଜ ତ୍ୱଚାର ଯତ୍ନ ନେବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ ଅନେକେ ପାର୍ଲର ଯାଇ ଟଙ୍କା ଖର୍ଚ୍ଚ କରି ବଡି ପଲିସ୍ କରିଥାନ୍ତି । କିନ୍ତୁ ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୋଇ ନ ଥାଏ । ତେଣୁ ଚାହିଁଲେ ଘରେ ପ୍ରାକୃତିକ ଉପାୟରେ ବଡି ପଲିସ୍ କରିପାରିବେ । ଏଥିପାଇଁ ଘରେ ଥିବା ଡାଲିକୁ ଉପଯୋଗ କରି ସ୍କ୍ରବ୍ ଦ୍ୱାରା ତ୍ୱଚା ସୁସ୍ଥ, ସୁନ୍ଦର ଓ ଉଜ୍ଜ୍ୱଳ ରଖିପାରିବେ ।





### ଡାଲି ସ୍କ୍ରବ୍

ଗୋଟିଏ ପାତ୍ରରେ ପାଣି ନେଇ ଦୁଇ ଚାମଚ ମସୁର କିମ୍ବା ମୁଗଡାଲି ଦେଇ ଗୋଟିଏ ରାତି ବତୁରାଇ ରଖନ୍ତୁ । ପରେ ଏହାକୁ ଦରବଟା କରି ବାଟନ୍ତୁ । ଏଥିରେ ଦୁଇଚାମଚ ଦହି, ଏକ ଚାମଚ ମହୁ ଓ ଚୁଟ୍‌କି ହଳଦି, ଓ ଏକ ଚାମଚ ନଡ଼ିଆ ତେଲ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ ।

### ଲଗାଇବା ପ୍ରକ୍ରିୟା

- ପ୍ରଥମେ ପାଣି ନେଇ ଶରୀରକୁ ଓଦା କରନ୍ତୁ ।
- ଏହାପରେ ପ୍ରସ୍ତୁତ କରିଥିବା ସ୍କ୍ରବ୍‌କୁ ସମ୍ପୂର୍ଣ୍ଣ ଶରୀରରେ ଲଗାନ୍ତୁ ।
- ସ୍କ୍ରବ୍ କରିବା ସମୟରେ କହୁଣୀ, ଆଣ୍ଠୁ ଓ ଗଣ୍ଠି ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।
- ଏହାକୁ ଗୋଲାକାର ଭାବେ ହାଲୁକା ହାତରେ ୧୦-୧୫ ମିନିଟ୍ ମସାଜ୍ କରନ୍ତୁ ।
- ଏହାକୁ ପାଞ୍ଚିମିନିଟ୍ ଲଗାଇ ରଖନ୍ତୁ ।
- ଏହାପରେ ଉଷୁମ ପାଣିରେ ତ୍ୱଚା ଧୋଇ ଦିଅନ୍ତୁ । ଶେଷରେ ତ୍ୱଚାକୁ ଶୁଷ୍କପଣରୁ ରକ୍ଷା କରିବା ପାଇଁ ବଡି ଲୋସନ ଲଗାନ୍ତୁ ।

### ଫାଇଦା

- ଡାଲିସ୍କ୍ରବ୍‌ରୁ ସୁଫଳ ଚାହୁଁଥିଲେ ଏହାକୁ ସପ୍ତାହରେ ଥରେ ବ୍ୟବହାର କରିପାରିବେ ।
- ଶରୀରରେ ଏହାକୁ ଲଗାଇବା ପୂର୍ବରୁ ପ୍ରଥମେ ପ୍ୟାଚ୍ ଟେଷ୍ଟ କରିବା ଜରୁରୀ ।
- ସେହିପରି ତେଲିଆ ତ୍ୱଚା ଥିଲେ ଏଥିରେ କ୍ଷୀର ଓ ତେଲ ବଦଳରେ ଦହି ବ୍ୟବହାର କରିପାରିବେ ।
- ସେହିପରି ତ୍ୱଚାରେ ଅଧିକ ଟ୍ୟାନିଙ୍ଗ୍ ସମସ୍ୟା ଥିଲେ ଏଥିରେ ଦୁଇ ତିନି ବୁନ୍ଦା ଲେମ୍ବୁରସ ମିଶାଇପାରିବେ । ହେଲେ ସମ୍ବେଦନଶୀଳ ତ୍ୱଚା ଥିଲେ ଲେମ୍ବୁ ଲଗାନ୍ତୁନି ।

# କନ୍ଦମୂଳ ଗୋଲାପ ଜାମୁନ୍

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ସିଝା କନ୍ଦମୂଳ ଚୋରୋଟି, ମିଲ୍କ ପାଉଡର୍ – ଏକ କପ୍, ଚିନି- ଦୁଇ କପ୍, କେଶର – ଅଧା ଚାମଚ, ଗୁଜରାତି ଗୁଣ୍ଡ – ଅଧା ଚାମଚ, ତେଲ ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

କନ୍ଦମୂଳକୁ ପ୍ରେସର୍‌ରେ ଦେଇ ଦୁଇଟି ସିଟି ଆସିବା ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଏହାପରେ ସିଝା କନ୍ଦମୂଳରୁ ଚୋପା ଛଡ଼େଇ ସେଥିରେ ମିଲ୍କ ପାଉଡର୍ କିମ୍ବା ଅମୁଲ୍ ମିଶାଇ ଭଲ ଭାବେ ଚକଟି ଦିଅନ୍ତୁ । ପରେ ସେହି ଚକଟାକୁ ହାତରେ ନେଇ ସେଥିରେ ଛୋଟ ଛୋଟ ବଲ୍ ପ୍ରସ୍ତୁତ କରନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ଗରମ ହୋଇଗଲେ ସେଥିରେ ପ୍ରସ୍ତୁତ କରି ରଖିଥିବା କନ୍ଦମୂଳଗୁଳାକୁ ଦେଇ ଛାଣନ୍ତୁ । ଏହା ହାଲୁକା ସୁନେଲି ରଙ୍ଗ ହୋଇଯିବା ପରେ ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ପରେ ଆଉ ଏକ କଡ଼େଇରେ ଦୁଇକପ୍ ଚିନି ଦେଇ ଗରମ କରନ୍ତୁ । ଚିନି ତରଳି ସିରା ହୋଇଯିବା ପରେ ସେଥିରେ କେଶର ଓ ହାଲୁକା ଗୁଜରାତି ଗୁଣ୍ଡ ମିଶାନ୍ତୁ । ପରେ ସେଥିରେ ଛାଣି ରଖିଥିବା ଗୋଲାପ୍ ଜାମୁନ୍‌କୁ ଦେଇ ଦିଅନ୍ତୁ । ଏକଘଣ୍ଟା ପରେ ଏକ ବାଉଲ୍‌ରେ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'କନ୍ଦମୂଳ ଗୋଲାପ ଜାମୁନ୍' ।

# ସାଧା ପୋଷାକରେ ଆଧୁନିକ ସ୍ପର୍ଶ



ଅଧିକାଂଶ ଲୋକେ ସାଧା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ପିନ୍ଧିବାକୁ ଆରାମଦାୟକ ଓ ସୁବିଧାଜନକ ହୋଇଥାଏ । ସାଧା ପୋଷାକରେ ଆଧୁନିକ ସ୍ପର୍ଶ ଦେବାକୁ ଚାହୁଁଥିଲେ ଏହି ଟିପ୍‌ସ ଆପଣାଇପାରିବେ ।

ଅଳଙ୍କାର ଯେ କୌଣସି ସାଧା ପୋଷାକକୁ ଆକର୍ଷଣୀୟ କରିଥାଏ । ତେଣୁ ପ୍ଲେନ୍ କୁର୍ତ୍ତା, ଟି – ସାର୍ଟ, ଟପ୍ ପିନ୍ଧୁଥିଲେ ଏଥିସହିତ ଷ୍ଟେଟ୍‌ମେଣ୍ଟ ଜୁଏଲାରୀ ବା ଭାରୀ ଅଳଙ୍କାର ପିନ୍ଧିପାରିବେ । ଏହା ଲୁକ୍‌କୁ ଏକ ଭିନ୍ନ ଲୁକ୍ ଦେଇଥାଏ । ଚାହିଁଲେ ପତଳା କାନଫୁଲ କିମ୍ବା ଷ୍ଟଡ୍ ଇୟରିଙ୍ଗ୍ ମଧ୍ୟ ପିନ୍ଧିପାରିବେ ।

ସିମ୍ପଲ୍ ଆଉଟ୍‌ଫିଟ୍‌ରେ ସ୍କାର୍ଫ ପକାଇଲେ ଏହା ଲୁକ୍‌କୁ ସନ୍ତୁଳନ କରିଥାଏ । ହାଲୁକା ରଙ୍ଗର ଟପ୍ ସାଥିରେ ପ୍ରିଣ୍ଟେଡ୍ ବା ରଙ୍ଗିନ୍ ସ୍କାର୍ଫ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

# ମୁଖ ଗଠନ ଅନୁଯାୟୀ ବ୍ଲଶ୍

ସାଧାରଣତଃ ମେକ୍‌ଅପ୍ କଲାବେଳେ ସମସ୍ତେ ବ୍ଲଶ୍ ଲଗାଇଥାନ୍ତି । ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ପରିବର୍ତ୍ତନ କରି ତ୍ୱଚାକୁ ସୁନ୍ଦର ଓ ହାଇ୍‌ଲାଇଟ୍ କରିଥାଏ । ଅନେକେ ବ୍ଲଶ୍ ଲଗାଇବାକୁ ସହଜ ଭାବନ୍ତି, କିନ୍ତୁ ବାସ୍ତବରେ ଏହା ସେତେ ସହଜ ହୋଇ ନ ଥାଏ । ତେଣୁ ମୁହଁର ଗଠନ ଅନୁଯାୟୀ କିପରି ବ୍ଲଶ୍ ଲଗାଇବେ ଜାଣି ରଖନ୍ତୁ ସେ ବିଷୟରେ ।



### ଗୋଲାକାର

ମୁହଁର ଗଠନ ଗୋଲାକାର ଥିଲେ, ବ୍ଲଶ୍‌କୁ ସିଧାସଳଖ ଗାଲର ଉପରେ ଲଗାନ୍ତୁ ନାହିଁ । ଏହାକୁ ହାଲୁକା ତଳେ ଲଗାନ୍ତୁ । ଏହାକୁ ଭଲ ଭାବେ ହାତରେ ବ୍ଲେଣ୍ଡ କରି ଦିଅନ୍ତୁ । ଏଥିପାଇଁ ପିଚ୍ କିମ୍ବା ହାଲୁକା ଗୋଲାପୀ ରଙ୍ଗର ମ୍ୟାଟ୍ ବ୍ଲଶ୍ ଲଗାଇପାରିବେ । ଅଧିକ ସିମର୍ ବ୍ଲଶ୍ ଲଗାଇବାରୁ ଦୂରେଇ ରୁହନ୍ତୁ ।

### ଓଭାଲ୍ ସେପ୍

ଓଭାଲ୍ ସେପ୍ ଥିଲେ ବ୍ଲଶ୍ ଲଗାଇବା ସମୟରେ ଦେଖାଯିବା ଜରୁରୀ । ତେଣୁ ହାଲୁକା ହସି ଗାଲର ଉପର ଅଂଶରେ ବ୍ଲଶ୍ ଲଗାଇ ସ୍ମଜ୍ କରନ୍ତୁ । ବିଶେଷ କରି କ୍ରିମ୍ ବ୍ଲଶ୍ ଏ ପ୍ରକାର ମୁଖ ଗଠନକୁ ସତେଜ ଲୁକ୍ ଦେଇଥାଏ । ତେଣୁ ନିଜ ଆଉଟ୍‌ଫିଟ୍‌କୁ ଧ୍ୟାନରେ ରଖି ହାଲୁକା ଗୋଲାପୀ, ସଫ୍ଟ ରୋଜ ସେଡ୍ ଲଗାଇପାରିବେ ।

### ସ୍କ୍ୱାୟାର

ସ୍କ୍ୱାୟାର ଥିଲେ , ହାଲୁକା ହସି ଗାଲରେ ଆପଲ୍ସରେ ବ୍ଲଶ୍ ଲଗାନ୍ତୁ । ଏହାକୁ ହାତରେ ଗୋଲାକାରରେ ସ୍ମଜ୍ କରନ୍ତୁ । ବିଶେଷ କରି ବ୍ଲଶ୍ ଲଗାଇବା ସମୟରେ ତ୍ୱଚାର କେନ୍ଦ୍ରସ୍ଥଳ ଉପରେ ଧ୍ୟାନ ଦିଅନ୍ତୁ । ଜ ଲାଇନ୍‌କୁ ହାଇଲାଇଟ୍ କରନ୍ତୁନି । ଏଥିପାଇଁ ମ୍ୟାଟ୍ କିମ୍ବା ସାଟିନ୍ ଲୁକ ଥିବା ଫାଉଣ୍ଡେସନ ଚୟନ କରିପାରିବେ ।

### ଡାଇମଣ୍ଡ

ଡାଇମଣ୍ଡ ଫେସ୍ ଥିଲେ ଏଥିପାଇଁ ଚିକ୍‌ବୋନ୍‌ରେ ବ୍ଲଶ୍ ଲଗାଇପାରିବେ । ମ୍ୟାଟ୍ କିମ୍ବା ସାଟିନ୍ ଫିନିଶ୍ ଫାଉଣ୍ଡେସନ ଲଗାଇପାରିବେ । ଗୋଲାପୀ ଓ ବେରି ଟୋନ୍ ବ୍ଲଶ୍ ଭଲ ମାନିଥାଏ ।

## ଗୋଟିଏ ଦିନ ପରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

# ଇଡେନ୍‌ରେ ଖେଳିବେ ପନ୍ତ୍ ଓ ଜୁରେଲ





କୋଲକାତା,୧୨।୧୧(ଏଜେନ୍ସି):

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଆଉ ଗୋଟିଏ ଦିନ ପରେ ଅର୍ଥାତ ଶୁକ୍ରବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମୁକାବିଲା ଲାଗି ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଅଭ୍ୟାସ ପରେ ଭାରତୀୟ ଦଳର ସହକାରୀ କୋଚ୍ ର୍‌ୟାନ୍ ଟେନ୍ ଡୋଶ୍ଚେଟ୍‌ଙ୍କ ଅନୁଯାୟୀ ପ୍ରଥମ ଟେଷ୍ଟରେ ଭାରତର ଦୁଇ ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ ଖେଳିବେ। ଇଂଲଣ୍ଡ ଟୁର୍‌ରେ ଆହତ ହୋଇଥିବା ପନ୍ତ୍ ଏବେ ଫିଟ୍ ହୋଇଯାଇଛନ୍ତି। ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା-ଏ' ସହ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ସେ ଭାରତର ନେତୃତ୍ୱ ନେଇ ଉଭୟ ବ୍ୟାଟିଂ ଓ କିପିଙ୍ଗ୍ କରିବାକୁ ଫିଟ୍ ବୋଲି ପ୍ରମାଣିତ କରିଛନ୍ତି। ସେ ପ୍ରଥମ ପସନ୍ଦର ୱିକେଟରକ୍ଷକ ଭାବେ ଖେଳିବେ।

ସେହିପରି ପନ୍ତ୍‌ଙ୍କ ଅନୁପସ୍ଥିତିରେ ଇଂଲଣ୍ଡରେ ଗୋଟିଏ ଓ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ସହ ୨ଟି ଯାକ ଟେଷ୍ଟରେ ୱିକେଟ କିପିଙ୍ଗ କରିବା ସହ ଟେଷ୍ଟ କ୍ୟାରିୟରରେ ପ୍ରଥମ ଶତକ ମଧ୍ୟ ହାସଲ କରିଥିଲେ। ଏହା ସହ ସେ ଖେଳିଥିବା ଶେଷ ୮ଟି ପ୍ରଥମ ଇନିଂସରେ ୪ଟି ଶତକ ହାସଲ କରି ଭାରତୀୟ ଦଳରେ ନିଜର ସ୍ଥାନ ସୁରକ୍ଷିତ କରିଥିବା ଡୋଶ୍ଚେଟ୍‌ଙ୍କ କଥାରୁ ପ୍ରମାଣିତ ହୋଇଛି। ଡୋଶ୍ଚେଟ୍‌ଙ୍କ ମତରେ ଆମ ଦଳରେ ୩ଜଣ ସ୍ପିନ୍ ଅଲ୍‌ରାଉଣ୍ଡର ଯଥା ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ରହିଛନ୍ତି। ଏମାନେ ସମସ୍ତେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ। ଏଣୁ ଜଣେ ଅଧିକ ବ୍ୟାଟର ନେଇ ଖେଳିଲେ ଆମକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ଏଣୁ ପ୍ରଥମ ଟେଷ୍ଟରେ ଜୁରେଲ ଖେଳିବା କଥା ସ୍ପଷ୍ଟ କରିଛନ୍ତି ଭାରତର ସହକାରୀ କୋଚ୍। ସେ ଆହୁରି କହନ୍ତି ଆମେ ପ୍ରତ୍ୟେକ ମ୍ୟାଚ୍ ଲାଗି ଭିନ୍ନ ଭିନ୍ନ ରଣନୀତି ପ୍ରସ୍ତୁତ କରିଥାଉ। ଏଣୁ ଜଣେ ଅଧିକ ବ୍ୟାଟରଙ୍କୁ ଖେଳାଇବା ଲାଗି ଆମେ ପ୍ରସ୍ତୁତ ହୋଇଛୁ। 'ମୁଁ ଭାବୁଛି ଟିମ୍ କମ୍ବିନେସନ ଲାଗି ଆମ ନିକଟରେ ଭଲ ସୂଚନା ରହିଛି। ଗତ ୬ ମାସ ମଧ୍ୟରେ ଧ୍ରୁବ ଯେପରି ବ୍ୟାଟିଂ କରିଛନ୍ତି ତାଙ୍କୁ ଦଳରୁ ବାଦ୍ ଦେବା କଷ୍ଟକର। ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟର ଉଭୟ ଇନିଂସରେ ଶତକ, ସିରିଜ୍‌ରେ ଆଉ ଏକ ଅର୍ଦ୍ଧଶତକ ଓ ୪୦ରୁ ଅଧିକ ରନ୍ କରିଛନ୍ତି। ଏଭଳି ପ୍ରଦର୍ଶନ ପରେ ସେ ନିଶ୍ଚିତ ଖେଳିବେ ବୋଲି ଆମର ଆଶା ରହିଛି। ପନ୍ତ୍‌ଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳରେ ଜୁରେଲଙ୍କୁ ନେଇ ଯେଉଁ ଆଶଙ୍କା ପ୍ରକାଶ ପାଇଥିଲା ତାହା ଡୋଶ୍ଚେଟ୍‌ଙ୍କ ସୂଚନା ପରେ ଦୂର ହୋଇଛି। ଏଭଳି ସ୍ଥିତିରେ ତାଙ୍କୁ ଯେ ଅଣଦେଖା କରାଯାଇ ପାରିବ ନାହିଁ ସେ ତାଙ୍କ ପ୍ରଦର୍ଶନ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି।

## 'ଇତିହାସ ସୃଷ୍ଟି କରିବ ଦକ୍ଷିଣ ଆଫ୍ରିକା'



କୋଲକାତା: ଆମ ନିକଟରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବାକୁ ଭଲ ବ୍ୟାଟର ରହିଛନ୍ତି। ନିକଟରେ ଏମାନେ ପାକିସ୍ତାନରେ ସ୍ପିନ୍ ବୋଲିଂକୁ ଉଚିତ ମୁକାବିଲା କରିଛନ୍ତି। ଭାରତରେ ସ୍ପିନରଙ୍କୁ ସହାୟତା ମିଳିଥାଏ ବୋଲି ସର୍ବଦା ଚର୍ଚ୍ଚା ହୋଇଥାଏ। ଏହା ଯଦି ହୁଏ, ତେବେ ଆମ ନିକଟରେ କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମରଙ୍କ ଭଳି ଯାଦୁକରୀ ସ୍ପିନର ରହିଛନ୍ତି। ଏଣୁ ଆମେ ଭାରତୀୟ ବ୍ୟାଟିଂକୁ ଧୂଳିସାତ କଲା ଭଳି ଦକ୍ଷତା ରଖିଛୁ। ବିଶେଷତଃ ଏହି ବିଭାଗରେ ଆମେ ଅଧିକ ଶକ୍ତିଶାଳୀ। ଯୋଜନା ଅନୁଯାୟୀ ଯଦି ଆମକୁ ସଫଳତା ମିଳେ ତେବେ ଆମେ ଭାରତରେ ଇତିହାସ ସୃଷ୍ଟି କରିବୁ ବୋଲି କହିଛନ୍ତି ଦକ୍ଷିଣ ଆଫ୍ରିକାର ହେଡ୍ କୋଚ୍ ସୁକରି କନରାଡ। କନରାଡଙ୍କ ରଣନୀତି ଖୁବ୍ ଶାଣିତ। ନିଜ ଦଳର ଖେଳାଳିମାନଙ୍କୁ ସେ କିପରି ବ୍ୟବହାର କରନ୍ତି ତାହା ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଦେଖାଇଛନ୍ତି। ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ପ୍ରଥମଥର ଟେଷ୍ଟ ଚାମ୍ପିଅନ ହୋଇଛି। କିନ୍ତୁ ଭାରତ ଦୁଇଥର ଫାଇନାଲ ଖେଳି ମଧ୍ୟ ଥରେ ହେଲେ ଟାଇଟଲ ଜିତିପାରି ନାହିଁ। ଏଣୁ ରଣନୀତି ଓ ଖେଳାଳିଙ୍କଠାରୁ କିପରି ଶ୍ରେଷ୍ଠ ପ୍ରଦର୍ଶନ ବାହାର କରାଯାଇପାରିବ ସେଥିରେ ସେ ସିଦ୍ଧହସ୍ତ।

ସୂଚନା ଯୋଗ୍ୟ କୋଲକାତାରେ ଶୁକ୍ରବାରଠାରୁ ପ୍ରଥମ ଟେଷ୍ଟ ଆରମ୍ଭ ପୂର୍ବରୁ ଉଭୟ ଦେଶ ୪୪ଟି ମ୍ୟାଚ୍‌ରେ ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଦକ୍ଷିଣ ଆଫ୍ରିକା ୧୮ଟିରେ ଓ ଭାରତ ୧୬ଟିରେ ବିଜୟୀ ହୋଇଛନ୍ତି। ଅନ୍ୟ ୧୦ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। କିନ୍ତୁ ଭାରତ ମାଟିରେ ଖେଳାଯାଇଥିବା ୧୯ଟି ଟେଷ୍ଟ ମଧ୍ୟରୁ ଭାରତ ୧୧ଟିରେ ଓ ଦକ୍ଷିଣ ଆଫ୍ରିକା ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ୭ଥର ସିରିଜ୍ ଖେଳିବାକୁ ଭାରତ ଆସିଛି। ଏହି ଦଳ ଶେଷଥର ଲାଗି ହାନ୍ସି କ୍ରୋନିଏଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଭାରତରେ ୧୯୯୯-୨୦୦୦ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିଥିଲା। ଏହା ପରେ ୫ଟି ସିରିଜ୍ ଆୟୋଜିତ ହୋଇଥିଲେ ମଧ୍ୟ ଥରେ ହେଲେ ଦକ୍ଷିଣ ଆଫ୍ରିକା ଜିତିବାରେ ସମର୍ଥ ହୋଇନାହିଁ। ଏହି ରେକର୍ଡକୁ ସେ ଅତିକ୍ରମ କରିବେ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ସାମ୍ପ୍ରତିକ କ୍ରିକେଟର ସ୍ଥିତିକୁ ଦେଖିଲେ ଦକ୍ଷିଣ ଆଫ୍ରିକା ବୋଲିଂରେ ଭାରତ ଅପେକ୍ଷା ଶକ୍ତିଶାଳୀ। ଉଭୟ ସ୍ପିନ୍ ଓ ପେସ୍ ବୋଲରମାନେ ବେଶ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। କିନ୍ତୁ ବ୍ୟାଟରଙ୍କ ପ୍ରଦର୍ଶନରେ କିଛିଟା ଦୁର୍ବଳତା ରହିଛି। ସେମାନଙ୍କ ମଧ୍ୟରୁ କିଛି ଖେଳାଳି ଭାରତ ମାଟିରେ ଅନେକ ଶ୍ରେଷ୍ଠ ଇନିଂସ ଖେଳିଛନ୍ତି। କିନ୍ତୁ ଏହା ମଧ୍ୟରେ ମ୍ୟାଚ୍ ବିଜୟୀ ହେବାର ଇନିଂସ ନାହିଁ। ଭାରତୀୟ ବୋଲିଂକୁ ଯଦି ମୁକାବିଲା କରିବାକୁ ଦକ୍ଷିଣ ଆଫ୍ରିକା ବ୍ୟାଟର ସକ୍ଷମ ହୁଅନ୍ତି ତେବେ କନରାଡଙ୍କ ଭବିଷ୍ୟବାଣୀ ନିଶ୍ଚୟ ସତ ହେବ।

**ରାଜ୍ୟସ୍ତରୀୟ ଶବର କପ୍ ଫୁଟ ବଲ୍**

## ଫାଇନାଲରେ ଉତ୍କଳ ସ୍ପୋର୍ଟିଂ



ଯାଁଳା, ୧୨।୧୧ (ସମିସ): ଜଟଣୀର ଉତ୍କଳ ସ୍ପୋର୍ଟିଂ ୨୭ତମ ଶବର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ରାଧାଚରଣପୁର ଖେଳ ପଡିଆରେ ଶବର କ୍ରୀଡା ସଂଘ ଆନୁକୂଲ୍ୟରେ ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉତ୍କଳ ସ୍ପୋର୍ଟିଂ ୪-୧ ଗୋଲରେ ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଶବର କ୍ରୀଡା ସଂଘକୁ ମାତ ଦେଇ ଫାଇନାଲକୁ ଉନ୍ନୀତ ହୋଇଛି। ବିଜୟୀ ଦଳ ପକ୍ଷରୁ ଖେଳର ପ୍ରଥମାର୍ଦ୍ଧର ୯ ଓ ୨୪ ମିନିଟରେ ୧୦ ନମ୍ବର ଖେଳାଳି ଅମର ଓରାମ ଦୁଇଟି ସୁନ୍ଦର ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୩୨ ମିନିଟ ସମୟରେ ଆୟୋଜକ ଶବର କ୍ରୀଡା ସଂଘର ୮ ନମ୍ବର ଖେଳାଳି ତୋଫାନ ନାଏକ ଗୋଟିଏ ଗୋଲ ଶୁଝାଇଥିଲେ। ଦ୍ୱିତୀୟାର୍ଦ୍ଧର ୪୪ ମିନିଟ ସମୟରେ ୯ ନମ୍ବର ଖେଳାଳି ମାନସ ମାରାଣ୍ଡି ଓ ୪୬ ମିନିଟ ସମୟରେ ୮ ନମ୍ବର ଖେଳାଳି ବାପି ମାରାଣ୍ଡି ଆଉ ଦୁଇଟି ଗୋଲ ଦେଇ ଦଳକୁ ୪-୧ ସ୍ଥିତିକୁ ଆଣିଥିଲେ। ଫଳରେ ଆୟୋଜକ ଶବର କ୍ରୀଡା ସଂଘ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଥିଲା। ଆଜିର ମ୍ୟାଚ ପରିଚାଳନା କରିଥିଲେ ରେଫରୀ ବିଦେଶୀ ନାଏକ, ସେଖାୱତ ଖାନ, ସାଇରାମ କିସ୍କୁ ଓ ଉପେନ୍ଦ୍ର ନାଏକ। ଆଜିର ମ୍ୟାଚରେ ବିଶିଷ୍ଟ ଫୁଟବଲ ଖେଳାଳି ଦେବାଶିଷ ନାଏକ ଓ ଶିକ୍ଷାବିତ ପୀତବାସ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ।

## ୧୪ ବର୍ଷ ପରେ ଭାରତ ଆସିବେ ମେସୀ



ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ ଭାରତ ଗସ୍ତରେ ଆସିବେ ଆର୍ଜେଣ୍ଟିନା ତଥା ବିଶ୍ୱ ଫୁଟବଲର ସୁପରଷ୍ଟାର ଲିଓନେଲ ମେସୀ। ଏ ସମ୍ପର୍କରେ ମେସୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଡିସେମ୍ବର ୧୩ରୁ ୧୫ ତାରିଖଯାଏ ସେ କୋଲକାତା, ଅହମ୍ମଦାବାଦ୍, ମୁମ୍ବଇରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପରେ ସ୍ୱଦେଶ ଫେରିଯିବେ। ଜିଓଏଟି ଟୁର୍‌ରେ ସେ ଏଠାରେ ସିଲେବ୍ରେଟୀ ମ୍ୟାଚ୍ ଓ କନସର୍ଟରେ ଭାଗନେବେ।

**ବିଶ୍ୱ ସୁଟିଂ ଚାମ୍ପିଅନସିପ୍ ୧୦ ମିଟର ଏୟାର ପିସ୍ତଲ**

## ସମ୍ରାଟ ଭାରତର ପ୍ରଥମ ବିଶ୍ୱ ଚାମ୍ପିଅନ



କାଏରୋ,୧୨।୧୧(ଏଜେନ୍ସି): ଏଠାରେ ଚାଲିଥିବା ବିଶ୍ୱ ସୁଟିଂ ଚାମ୍ପିଅନସିପ୍‌ରେ ଇତିହାସ ରଚିଛନ୍ତି ଭାରତୀୟ ସୁଟର ସମ୍ରାଟ ରାଣା। ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସମ୍ରାଟ ପ୍ରଥମ ଭାରତୀୟ ସୁଟର ଭାବେ ସ୍ୱର୍ଣ୍ଣ ପଦକ ଜିତିବା ସହ ବିଶ୍ୱ ଚାମ୍ପିଅନ ହୋଇଛନ୍ତି। କେବଳ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣପଦକ ଜିତିନାହାନ୍ତି, ବରଂ ନିଜ ଦଳକୁ ମଧ୍ୟ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଅଲିମ୍ପିକ୍ ଇଭେଣ୍ଟ ସୁଟିଂରେ ଏହା ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ହୋଇଥିଲାବେଳେ ଗୋଟିଏ ଦିନରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚୀନ୍ ପଛକୁ ଭାରତ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଯାଇଛି। ମହିଳା ୫୦ ମିଟର ୩ପି ଇଭେଣ୍ଟରେ ଅଶି ଚୋକସୀ ଓ ଅଞ୍ଜୁମ ମୌଦଗିଲ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି।

**ଟୋକିଓ ବଧିର ଅଲିମ୍ପିକ୍ସ**

## ଧ୍ୱଜା ବହନ କରିବେ ଜେର୍ଲିନ୍



ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ୩ଥରର ବଧିର ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ବ୍ୟାଡମିଣ୍ଟନ ଖେଳାଳି ଜେର୍ଲିନ ଜେ. ଟୋକିଓରେ ହେବାକୁ ଯାଉଥିବା ବଧିର ଅଲିମ୍ପିକ୍ସରେ ଭାରତର ଧ୍ୱଜା ବହନ କରିବେ। ଏହି ମେଗା ବଧିର ଅଲିମ୍ପିକ୍ସ ଟୋକିଓରେ ନଭେମ୍ବର ୧୫ରୁ ଆରମ୍ଭ ହେବ। ଏଥିରେ ୧୧୧ ଜଣ ଭାରତୀୟ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ମଦୁରାଇ ଜନ୍ମିତ ସଚ୍ଚଳର ୨୦୧୩ରେ ମାତ୍ର ୧୩ ବର୍ଷ ବୟସରେ ଏହି ଇଭେଣ୍ଟରେ ଭାଗନେଇଥିଲେ। ଏହା ପରେ ୨୦୨୧ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏଠାରେ ସେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିଲାଗି ମଧ୍ୟ ଭାରତ ପକ୍ଷରୁ ତାଙ୍କୁ ୨୦୨୨ରେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜି ଭାରତର ପ୍ରଥମ ଦଳ ଟୋକିଓ ଅଭିମୁଖେ ଯାତ୍ରା କରିଛନ୍ତି।

**ସେକ୍ରେଟାରିଏଟ୍ କପ୍ ଫୁଟବଲ**

## ଗୃହ ବିଭାଗ ଚାମ୍ପିଅନ, ସମବାୟ ରନର୍ସ ଅପ୍



ଭୁବନେଶ୍ୱର, ୧୨।୧୧ (ସମିସ): ରାଜ୍ୟ ସରକାରଙ୍କ କଲଚରାଲ ଆସୋସିଏସନ୍ ପିଆର ଏବଂ ଡିଡବ୍ଲ୍ୟୁ ପକ୍ଷରୁ ଅନୁଷ୍ଠିତ ସେକ୍ରେଟାରିଏଟ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗୃହ ବିଭାଗ (ଇଲେକ୍ସନ) ଦଳ ଚାମ୍ପିଅନ ହୋଇଛି। ସମବାୟ ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୃହ ବିଭାଗ (ଇଲେକ୍ସନ) ଦଳ ୩-୧ ପେନାଲ୍‌ଟିରେ ସମବାୟ ବିଭାଗକୁ ପରାଜିତ କରିଥିଲା। ଏହି ପ୍ରତିଯୋଗିତାରେ ଅର୍ଥ ବିଭାଗ ଦଳ ତୃତୀୟ, ପଞ୍ଚାୟତରାଜ ବିଭାଗ-ବି ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଅଧିନାୟକ ନବୀନଙ୍କୁ ବେଷ୍ଟ ସ୍ପୋର୍ଟ୍ସମ୍ୟାନ ସିପ୍ ପୁରସ୍କାର ଦିଆଯାଇଥିଲା। ଜିତେନ୍ଦ୍ରଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍, ସଂଗ୍ରାମ ଶ୍ରେଷ୍ଠ ଗୋଲକିପର, ନିର୍ମଳ ଶ୍ରେଷ୍ଠ ଡିଫେଣ୍ଡର, ଅମିତ ଓରାମ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ଜର୍ଜଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲ, କାହ୍ନୁ ମ୍ୟାନ ଅଫ୍ ଦ ଫାଇନାଲ, ଶୁଭାଶିଷ ତୃତୀୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଛନ୍ତି।

**ବାରବାଟୀରେ ଅନ୍ତର୍ଜାତୀୟ ଟି-୨୦**

# କାଉଣ୍ଟରକୁ ଯିବ ୧୦ହଜାରରୁ ଅଧିକ ଟିକଟ

କଟକ,୧୨।୧୧(ସମିସ):

ବିଗତ ଦିନରେ ବାରବାଟୀ ଷ୍ଟାଡିୟମରେ କାଉଣ୍ଟର ଟିକଟ ବିକ୍ରିକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ଉଦାହରଣ ରହିଛି। ପୁଲିସ, ପ୍ରଶାସନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଭିତରେ ସମନ୍ୱୟ ଅଭାବ ଯୋଗୁଁ ବ୍ୟାରିକେଡ ଭିତରେ କ୍ରିକେଟପ୍ରେମୀ ଦଳାଚକଟା ହୋଇଥିଲେ। ଅନେକ ଅଣନିଶ୍ୱାସୀ ହୋଇ ପ୍ରାଣ ବିକଳରେ ଧାଡି ଭାଙ୍ଗି ଚାଲି ଆସିଥିଲେ। ଏହି ଘଟଣାକୁ ନେଇ ଚାରିଆଡେ ନିନ୍ଦା କରାଯାଇଥିଲା। କିଛି ଦିନ ପୂର୍ବେ ଗଣମାଧ୍ୟମକୁ ସାକ୍ଷାତକାର ଦେବା ବେଳେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଅନଲାଇନ୍ ଜରିଆରେ ସମସ୍ତ ଟିକଟ ବିକ୍ରି କରାଯିବା ବାବଦରେ ମତ ଦେଇଥିଲେ। ହେଲେ ବିଚାରବିମର୍ଶ ପରେ ଏହା ସ୍ପଷ୍ଟ ହେବ ବୋଲି କହିଥିଲେ। ଏହି ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆସନ୍ତା ଡିସେମ୍ବର ୯ ତାରିଖରେ ଏଠାରେ ହେବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍ ନିମନ୍ତେ ୧୦ହଜାରରୁ ଅଧିକ ଟିକଟ କାଉଣ୍ଟରକୁ ଯିବ ବୋଲି ସୂଚନା ମିଳିଛି। ଦୁଇ ଦିନ ଭିତରେ ଏହାର ତାଲିକା ପ୍ରସ୍ତୁତ କରାଯାଇ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋକୁ ହସ୍ତଗତ କରାଯିବ ବୋଲି ଓସିଏ ପକ୍ଷରୁ

**ଡିଷ୍ଟ୍ରିକ୍ଟ ବାଏ ଜୋମାଟୋକୁ ତାଲିକା ଦେବ ଓସିଏ**

କୁହାଯାଇଛି। କେଉଁ ଗ୍ୟାଲେରୀରୁ କେତେ ସଂଖ୍ୟକ ଟିକଟ କାଉଣ୍ଟରରେ ବିକ୍ରି ହେବ ତାହା ଖୁବଶୀଘ୍ର ସ୍ପଷ୍ଟ ହେବ।

ପ୍ରକାଶଥାଉକି, ଗତ ଫେବୃଆରୀ ୯ ତାରିଖରେ ବାରବାଟୀରେ ଭାରତ-ଇଂଲଣ୍ଡ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ ଖେଳାଯାଇଥିଲା। ୪୦ହଜାରରୁ ଅଧିକ ଦର୍ଶକ କ୍ଷମତା ରଖିଥିବା ବାରବାଟୀରେ ସର୍ବମୋଟ ୨୪ହଜାର ୬୯୨ ଟିକଟ ବିକ୍ରି ପାଇଁ ଧାର୍ଯ୍ୟ କରିଥିଲା ଓସିଏ। ପ୍ରଥମେ ଅନଲାଇନ୍ ଜରିଆରେ ୪ହଜାର ଟିକଟ ବିକ୍ରି ହୋଇଥିଲା। ପରେ ଅନୁବନ୍ଧିତ ୟୁନିଟ ସମେତ କର୍ମକର୍ତ୍ତା,



କାଉନସିଲ ସଦସ୍ୟ ଟିକଟ କ୍ରୟ କରିଥିଲେ। ୧୧ହଜାର ୮୦ ଖଣ୍ଡ ଟିକଟ କାଉଣ୍ଟରକୁ ବିକ୍ରି ନିମନ୍ତେ ପଠାଯାଇଥିଲା। ଷ୍ଟାଡିୟମ ସନ୍ନିକଟ ରାସ୍ତାରେ ୪ଟି କାଉଣ୍ଟର ବ୍ୟବସ୍ଥା ହୋଇଥିଲା। ହର୍ଷଗେଟ୍ ନିକଟରେ ଗୋଟିଏ କାଉଣ୍ଟର ଖୋଲିଥିବା ବେଳେ ଏଠାରେ କେବଳ ସ୍ପେଶିଆଲ ଏନକ୍ଲୋଜର, ଏସି ବକ୍ସ, କର୍ପୋରେଟ ବକ୍ସ, ନ୍ୟୁ ପ୍ୟାଭିଲିୟନ ଭଳି ଦାମୀ ଟିକଟ ସବୁ ବିକ୍ରି କରାଯାଇଥିଲା। ଫାଟକ ନଂ-୧୩ ନିକଟରେ ୩ଟି କାଉଣ୍ଟର ଖୋଲିଥିଲା। ତିନୋଟି ଯାକ କାଉଣ୍ଟରରେ କେବଳ ଗ୍ୟାଲେରୀ ଟିକଟ ବିକ୍ରି ହୋଇଥିଲା। ମାତ୍ର ଯେଉଁ କାଉଣ୍ଟରରେ କେବଳ ଗ୍ୟାଲେରୀ ଟିକଟ ବିକ୍ରୟ ହେଉଥିଲା ସେଠାରେ ବିଶୃଙ୍ଖଳା ସୀମା ଟପିବା ସହ ଶହଶହ କ୍ରିକେଟପ୍ରେମୀ ଠେଲାପେଲା ହୋଇଥିଲେ। ସଂକୀର୍ଣ୍ଣ ରାସ୍ତାରେ ୪ଟି ଧାଡିରେ ବ୍ୟାରିକେଡ ବନ୍ଧା ହୋଇଥିବାରୁ ଟିକଟ ଆଶାୟୀ ଭିଡରେ ଫସି ରହି ଅଣନିଶ୍ୱାସୀ ହୋଇ ପଡ଼ିଥିଲେ। ଏହି ଘଟଣାରେ ଓସିଏ ଏବଂ ପୁଲିସ ପରସ୍ପରକୁ ଦୋଷ ଦେଇ ନିଜେ ଖସିବାକୁ ଚେଷ୍ଟା କରିଥିଲେ। ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ କାଉଣ୍ଟର ଟିକଟ ବିକ୍ରି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଓସିଏ ଉଦ୍ୟମ କରିବା ଆବଶ୍ୟକ ବୋଲି କ୍ରିକେଟପ୍ରେମୀଙ୍କ ଆଶା ରହିଛି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
| --- | --- |
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS